
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ | ସଂଖ୍ୟା-୨୫ | ୦୩ - ୦୯ ଜୁଲାଇ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-25 | 03rd - 09th JULY, 2023 | BHUBANESWAR | ₹ 5/- (8 Pages)


# ‘ରତ୍ନଭଣ୍ଡାର ଖୋଲି ନପାରିବା ଲଜ୍ଜାଜନକ’

**ଭୁବନେଶ୍ୱର :** ଶ୍ରୀମନ୍ଦିର ରତ୍ନଭଣ୍ଡାର ନିହାତି ଖୋଲାଯିବା ଦରକାର। ଗଜପତିଙ୍କ ପରେ ଏପରି କହିଛନ୍ତି ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜିନିଷ ଖତ ହେଉଛି। ତେଣେ ପ୍ରଭୁ ଗୋଟିଏ ସେଟ୍ ପିନ୍ଧୁଛନ୍ତି। ମହାପ୍ରଭୁଙ୍କର ଗୋଟିଏ କାହିଁକି ୧୦/୧୫ ସେଟ୍ ଅଳଙ୍କାର ହେଉ। ରାଜ୍ୟ

## ପୁଣି ହାଇକୋର୍ଟକୁ ଗଲା ରତ୍ନଭଣ୍ଡାର ପ୍ରସଙ୍ଗ

## ରତ୍ନଭଣ୍ଡାର ଖୋଲିବାକୁ ଉଦ୍ୟମ କରି ବିଫଳ ହୋଇଥିଲି : ନରସିଂହ



ଜଗନ୍ନାଥ ସ୍ୱାଇଁ ମହାପାତ୍ର (ଜଗୁନି)। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି, ରତ୍ନଭଣ୍ଡାରରେ ପାଣି ଗଳୁଛି। ଜିନିଷ ନଷ୍ଟ ହେଉଛି। ନିହାତି ଖୋଲାଯାଉ। ଭଣ୍ଡାର ଘରେ ଯେମିତି ପାଣି ଗଳୁଛି, ଦିନେ ଏହା ଭୁଶୁଡ଼ି ପଡ଼ିବ ବୋଲି ଜଗୁନି କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲି ନପାରିବା ଲଜ୍ଜାଜନକ ଘଟଣା। ରତ୍ନଭଣ୍ଡାରରେ ସରକାର ଚାହିଁଲେ ଦାତାଙ୍କ ଜରିଆରେ ଅଳଙ୍କାର ସେଟ୍ କରିପାରିବେ। ସରକାର ଖାଲି ଘୋଷଣା କରନ୍ତୁ, ଦାତା ସୁନା ଗଦା କରି ପକାଇବେ ବୋଲି ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି। ସେପଟେ ରତ୍ନଭଣ୍ଡାର ଖୋଲିବା ନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ରାଜ୍ୟ ସରକାର ତୁରନ୍ତ ରତ୍ନଭଣ୍ଡାର ଖୋଲିବା ଦରକାର। ରତ୍ନଭଣ୍ଡାରରେ କଣ ଅଛି ଓ କିଭଳି ଅବସ୍ଥାରେ ଅଛି ତାର ଯାଞ୍ଚ ହେବା ଦରକାର। ରାଜା କପିଳେନ୍ଦ୍ର ଦେବ ଯେଉଁ ଗହଣା ଦେଇଥିଲେ, ସେଇଥିରେ ଚାଲିଛି ଏଯାଏ। ସେହି ଅଳଙ୍କାରରେ ମହାପ୍ରଭୁ ଏଯାଏ ଆଭୂଷିତ ହେଉଛନ୍ତି। ସରକାର ଯଦି ଚାହାନ୍ତେ, ଆହୁରି ଅଧିକ ସେଟ ଅଳଙ୍କାର ହୋଇପାରନ୍ତା। ସୁନା ଥାଳି ଭଣ୍ଡାର ଘରେ ପଡ଼ିଛି। ମହାପ୍ରଭୁ ପିତ୍ତଳ ଥାଳିରେ ଖାଉଛନ୍ତି। ରାଜ୍ୟ ସରକାର ତୁରନ୍ତ ରତ୍ନଭଣ୍ଡାର ଖୋଲନ୍ତୁ ଓ ତାର ମରାମତି ହେଉ ବୋଲି ଶ୍ରୀ ଦାସ ମହାପାତ୍ର କହିଛନ୍ତି। ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ପାଣି ଗଳୁଛି। ତେଣୁ ଭଣ୍ଡାରରେ ଥିବା ହୀରା, ମୋତି, ମାଣିକ୍ୟ ଓ ଅନ୍ୟାନ୍ୟ ଅଳଙ୍କାର ନଷ୍ଟ ହୋଇଯିବା ଆଶଙ୍କା ପାଉଛି। ଏଥିସହ ଶ୍ରୀମନ୍ଦିର ପ୍ରତି ବିପଦ ରହିଛି ବୋଲି ମତ ପ୍ରକାଶ ପାଇଲାଣି। ହେଲେ ରାଜ୍ୟ ସରକାର ନିଦା ବିଷ୍ଟୁ ପାଲଟି ଯାଇଛନ୍ତି। ରତ୍ନ ଭଣ୍ଡାର ଖୋଲିବା ପାଇଁ ସାମାନ୍ୟତମ ଉଦ୍ୟମ କରୁନାହାନ୍ତି। ଅନ୍ୟପଟେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲିବା ପାଇଁ ବିଭିନ୍ନ ମହଲରୁ ଦାବି ପୁଣିଥରେ ତୀବ୍ର ହେଉଥିବାବେଳେ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ କରିଛନ୍ତି। ରତ୍ନଭଣ୍ଡାର ଖୋଲି ବିପଦଶଙ୍କୁଳ ଅଂଶ ମରାମତି ଓ ରତ୍ନର ସବିଶେଷ ତାଲିକା ପ୍ରସ୍ତୁତ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ହାଇକୋର୍ଟରେ ଆବେଦନ କରିଛନ୍ତି। ରାଜ୍ୟପାଳ କିମ୍ବା ହାଇକୋର୍ଟଙ୍କ ଜଣେ କାର୍ଯ୍ୟରତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରି ରତ୍ନ ଅଳଙ୍କାର ତାଲିକା ପ୍ରସ୍ତୁତ କରିବା ସହ ରତ୍ନଭଣ୍ଡାରର ଚାବି ହଜାଇଥିବା ପୁରୀ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ସହ ସିବିଆଇ ଦ୍ୱାରା ତଦନ୍ତ ନିମନ୍ତେ ଶ୍ରୀ ମହାନ୍ତି ତାଙ୍କ ଆବେଦନରେ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ପୁରୀର ଦିଲ୍ଲୀପ ବରାଳ ନାମକ ଜଣେ ବ୍ୟକ୍ତି ରତ୍ନଭଣ୍ଡାର ଚାବି ହଜିବାର ତଦନ୍ତ କରିଥିବା ଜଷ୍ଟିସ ରଘୁବୀର ଦାଶ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ ➤ ପୃ-୬

# ‘ଓଡ଼ିଶାକୁ ଦିଅ ପାରମ୍ପରିକ ୟୁରିଆ ସାର’



**ଭୁବନେଶ୍ୱର :** ରାଜ୍ୟକୁ ଆବଶ୍ୟକ ପରିମାଣର ପାରମ୍ପରିକ ୟୁରିଆ ସାର ଯୋଗାଇ ଦେବାକୁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। କୋଟା ଅନୁସାରେ ୟୁରିଆ ସାର ଯୋଗାଇ ଦେବାକୁ କେନ୍ଦ୍ର ପାଖରେ ଦାବି ଦୋହରାଇଛି ଓଡ଼ିଶା। ନାନୋ ୟୁରିଆ ଟେକ୍ନୋଲୋଜି ବ୍ୟବହାର ନେଇ କେନ୍ଦ୍ର କୃଷିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କୃଷିମନ୍ତ୍ରୀ ଏହି ଦାବି କରିଛନ୍ତି। ଚଳିତ ବର୍ଷ ଓଡ଼ିଶାକୁ ୪ ଲକ୍ଷ ମେଟ୍ରିକ ଟନ୍ ୟୁରିଆ ସାର କେନ୍ଦ୍ର ଦେବା ପରିବର୍ତ୍ତେ ମାତ୍ର ୨୨ ହଜାର ୫୦୦ ମେଟ୍ରିକ ଟନ୍ ଦେଇଛି। ଯାହା ଓଡ଼ିଶା ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରିନାହିଁ। କେନ୍ଦ୍ର ନୂଆ ନିୟମ ଲାଗୁ କଲେ ଓଡ଼ିଶାରେ ଚାଷ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ। ନୂଆ ଜ୍ଞାନକୌଶଳରେ ରାଜ୍ୟର ଚାଷୀମାନେ ନାନୋ ୟୁରିଆ ବ୍ୟବହାର କରିବା ସମୟ ସାପେକ୍ଷ ବୋଲି କେନ୍ଦ୍ରକୁ ଅବଗତ କରାଯାଇଛି। ରାଜ୍ୟର ଚାଷୀମାନଙ୍କୁ ନାନୋ ୟୁରିଆ ବ୍ୟବହାର ନେଇ ପ୍ରଶିକ୍ଷଣ ଦିଆଯିବ। ଚାଷୀମାନେ ଦକ୍ଷ ହେବା ପରେ ନାନୋ ୟୁରିଆ ବ୍ୟବହାର କରିବାକୁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ସେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ରାଜ୍ୟକୁ ଆବଶ୍ୟକ ପାରମ୍ପରିକ ୟୁରିଆ ସାର ଯୋଗାଇ ଦେବାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶାରେ ରାସାୟନିକ ସାର କମ୍ ବ୍ୟବହାର ହେଉଥିବାରୁ କେନ୍ଦ୍ର ସରକାର ସେହି ଅନୁସାରେ ଓଡ଼ିଶାର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ଖୁବଶୀଘ୍ର କେନ୍ଦ୍ରକୁ ଚିଠି ଲେଖିବେ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷିକ୍ଷେତ୍ରରେ ଅଧିକ ନାନୋ ୟୁରିଆ ବ୍ୟବହାର ପାଇଁ କେନ୍ଦ୍ର ପ୍ରସ୍ତାବ ରଖିଛି କ୍ଷ କିନ୍ତୁ ବର୍ତ୍ତମାନ ସୁଦ୍ଧା ମଧ୍ୟ ଓଡ଼ିଶାର ଚାଷୀମାନେ ଏହି ଟେକ୍ନୋଲୋଜି ସମ୍ବନ୍ଧରେ ସମ୍ପୂର୍ଣ୍ଣ ରୂପେ ଅବଗତ ନୁହନ୍ତି। ତେଣୁ ଏହାର ବ୍ୟବହାର ଧୀରେ ଧୀରେ ଆଗକୁ ବଢ଼ାଯିବ। ନାନୋ ୟୁରିଆକୁ କିଭଳି ଭାବେ ଡ୍ରୋନ ମାଧ୍ୟମରେ ସିଞ୍ଚନ କରାଯିବ, ସେ ଦିଗରେ ଧ୍ୟାନ ଦେବା ପାଇଁ କେନ୍ଦ୍ର ପାଖରେ ରାଜ୍ୟ ପ୍ରସ୍ତାବ ରଖିଛି।

# ପରିବା ଦର, ଲାଗୁଛି ଡର



**ଭୁବନେଶ୍ୱର :** ରାଜଧାନୀର ପରିବାର ବଜାରରେ ପରିବା ଦର ଆକାଶ ଛୁଆଁ। ସବୁ ପରିବାର ଅହେତୁକ ଦର ବୃଦ୍ଧି ଗ୍ରାହକ ଓ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ଓଡ଼ିଶାରେ ପରିବା ସଙ୍କଟ ସୃଷ୍ଟି ହୋଇଛି। ହାଟରେ ବିନ୍ କିଲୋ ୨୫୦ ଟଙ୍କା, ଝୁଡୁଙ୍ଗ କିଲୋ, ୧୨୦, କ୍ୟାପସିକମ୍ କିଲୋ ୧୫୦, ଫୁଲ କୋବି ଗୋଟେ ୫୦ ଟଙ୍କା, ବାଇଗଣ କିଲୋ, ୫୦, ପୋଟଳ କିଲୋ ୮୦, ବିଲାତି କିଲୋ ୯୦ ଭେଣ୍ଡି କିଲୋ ୮୦ ଓ ସାରୁ କିଲୋ ୫୦ ଟଙ୍କା ଦର ରହିଛି। ଏଣେ କଞ୍ଚା କଦଳୀ ଗୋଟାକୁ ୨୦ ଟଙ୍କା ଦାମ୍ ରହିଛି। ଏନେଇ ପରିବା ବ୍ୟବସାୟୀଙ୍କ ମତ ହେଲା ଓଡ଼ିଶାରେ ଆଉ ପରିବା ଚାଷ କମୁଛି। ତେଣୁ ପ୍ରାୟ ପରିବା ଦର ବୃଦ୍ଧି ହୋଇଛି। ବେଙ୍ଗାଲୁରୁ, ଆନ୍ଧ୍ରା, କଲିକତା, ନାସିକ, ରାୟପୁରରୁ ଓଡ଼ିଶା ପରିବା ଆମଦାନୀ କରୁଛି। ତେଣୁ ଦରବୃଦ୍ଧି ହୋଇଛି। ଆଉ ୧ ମାସ ଭିତରେ ଦର କମିବ ବୋଲି ବ୍ୟବସାୟୀ କହୁଛନ୍ତି। ସୂଚନାଯୋଗ୍ୟ ଯେ ଜଟଣୀ ଓ ଭୁବନେଶ୍ୱର ବଜାରକୁ ଏବେ ସ୍ଥାନୀୟ ଚାଷୀଙ୍କଠାରୁ ପରିବା ଆସୁନାହିଁ। ସାଧାରଣତଃ ଏହି ଦୁଇ ବଜାରକୁ ବାଙ୍କୀ, ଆଠଗଡ଼, ବାରଙ୍ଗ, ବାଲିଅନ୍ତା, ବାଲିପାଟଣା, ବଳଙ୍ଗା, ପିପିଲି, ଡେଲାଙ୍ଗ, ବଳଙ୍ଗା, ତେଇଶପୁର, କଣ୍ଟି, ସିକୋ, ରଣପୁର, କଳାପଥର, ବୈଦେଶ୍ୱର, ନୟାଗଡ଼ ଆଦି ଅଞ୍ଚଳରୁ ପରିବା ଆସିଥାଏ। ଏମିତିକି ଏଠାକୁ ଗଞ୍ଜାମରୁ ମଧ୍ୟ କିଛି ପରିବା ଆସିଥାଏ। କିନ୍ତୁ ଏବେ ➤ ପୃ-୬

# ଓଡ଼ିଶା ସରକାର ଏବେ ମୁଣ୍ଡବିହୀନ : ବିଜେପି

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଚିଠି ଓ ବିରୋଧୀଙ୍କ କଡ଼ା ବିରୋଧ ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ଜିଲ୍ଲା ଗସ୍ତ ଜାରି ରଖିଥିବାବେଳେ ଏବେ ତାଙ୍କ ସମର୍ଥନରେ ଜଣକ ପରେ ଜଣେ ବିଜେଡି ନେତା ଆଗକୁ ଆସିଛନ୍ତି। ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ କ୍ରମାଗତ ଶାଣିତ ସମାଲୋଚନା ମଧ୍ୟରେ ବିଜେଡିର ବରିଷ୍ଠ ନେତାମାନେ ଏବେ ଆଗକୁ ଆସି ପାଣ୍ଡିଆନ ତୁଷ୍ଟୀକରଣ ନୀତି ଆପଣାଇଛନ୍ତି। ଅତନୁ ସବ୍ୟସାଚୀ ନାୟକ, ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ଉମାକାନ୍ତ ସାମନ୍ତରାୟଙ୍କ ପରେ ଭର୍ତ୍ତୃହରି ମହତାବ ମଧ୍ୟ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତକୁ ସମର୍ଥନ କରିବା ଭଳି ବୟାନ ଦେଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେଡି ଓ ରାଜ୍ୟ ପ୍ରଶାସନରେ ଶ୍ରୀ ପାଣ୍ଡିଆନ ‘ ଦ୍ୱିତୀୟ କ୍ଷମତାକେନ୍ଦ୍ର’ ବୋଲି ହେଉଥିବା ଚର୍ଚ୍ଚା ଉପରେ ଏବେ ବିଜେଡିର ଏହି ବରିଷ୍ଠ ନେତାମାନେ ମୋହର ଲଗାଇଛନ୍ତି। ଆଉ ପାଣ୍ଡିଆନଙ୍କ ବିନା ଅନୁମୋଦନରେ ବିଜେଡିରେ ତିଷ୍ଠିବା ସମ୍ଭବପର ନୁହେଁ ବୋଲି ମଧ୍ୟ ସନ୍ଦେଶ ଦେବାକୁ ପଛାଇ ନାହାନ୍ତି। ସୂଚନା ଅନୁସାରେ ବିଜେଡିର ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପାଣ୍ଡିଆନଙ୍କ ଗସ୍ତ ଭଳି ପ୍ରସଙ୍ଗକୁ ‘ଅବ୍ୟାପାରରେ ବ୍ୟାପାର’ ବୋଲି କହିବା ସହ ଏ ବିଷୟରେ ଅଧିକ ଚର୍ଚ୍ଚା କରି ସମୟ ଅପଚୟ କରିବା ଠିକ୍ ନୁହେଁ ବୋଲି ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ମହତାବ କହିଛନ୍ତି ଯେ ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ‘ପୁଲ୍ ଆଣ୍ଡ ପୁସିଂଙ୍ଗ୍’ କାର୍ଯ୍ୟକ୍ରମ ସ୍ୱାଭାବିକ କଥା। ଆମେରିକାରେ ମଧ୍ୟ କାର୍ଯ୍ୟପାଳିକା (ଏକଜ୍ୟୁକିଟିଭ) ବେଶୀ ପାୱାରଫୁଲ। ସେଠାରେ ମଧ୍ୟ କଂଗ୍ରେସର ସାଂସଦମାନେ ଏନେଇ ଆପତ୍ତି କରୁଛନ୍ତି। ବିଭିନ୍ନ ସମୟରେ ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ଭିତରୁ କେହି ନା କେହି ଅଧିକ ପାୱାରଫୁଲ୍ ହୋଇଥାଏ। ଏହା ସ୍ୱାଭାବିକ କଥା। ଚାରିଆଡ଼େ କାର୍ଯ୍ୟପାଳିକା ଏବେ ସବୁଠୁ ବେଶୀ ପାୱାରଫୁଲ୍ ହୋଇଛନ୍ତି। ତାମିଲନାଡୁରେ ହେଉନି ନା ଅନ୍ୟ କେଉଁଠି ହେଉନି। ତେଣୁ ଯାକୁ ନେଇ ବେଶୀ ଚର୍ଚ୍ଚା କରିବା ଗଣମାଧ୍ୟମର ଖବରର ଶୀର୍ଷକ ହୋଇପାରେ, କିନ୍ତୁ ଏହା ଏକ ଅବ୍ୟାପାରରେ ବ୍ୟାପାର ବୋଲି ଶ୍ରୀ ମହତାବ କହିଛନ୍ତି। ଅନ୍ୟପଟେ ସତ୍ୟବାଦୀ ବିଧାୟକ ଉମା ସାମନ୍ତରାୟ ମଧ୍ୟ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସପକ୍ଷରେ ମତ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ଜିଲ୍ଲା ଗସ୍ତରେ ଯାଉଥିବା ପାଣ୍ଡିଆନଙ୍କୁ ରାଜକୀୟ ସମ୍ବର୍ଦ୍ଧନା, ସାଧାରଣ ସଭାକୁ ସେ ସମ୍ବୋଧିତ କରିବା ଓ ବିଭିନ୍ନ ପ୍ରକଳ୍ପ ଘୋଷଣାକୁ ଦୁଇ ବିରୋଧ ଦଳ ବିଜେପି ଓ କଂଗ୍ରେସ ଜୋରଦାର ବିରୋଧ କରୁଛନ୍ତି। ➤ ପୃ-୬

## ବକ୍ରବାଣୀ



ଭାଇ ଭଉଣୀଙ୍କୁ ସାଥିରେ ଧରି
ଆଇଥେଲା ଜଗା ବାହାର ବୁଲି
କାନ୍ଦି କାନ୍ଦି ଗଲା ଦେଉଳ ଫେରି
ଚକାଆଖି ତାର ଗଲାରେ ଫୁଲି
ରତ୍ନଭଣ୍ଡାରରେ ଫିଟୁନି ତାଲା
ଯାତେରା କରନ୍ତି ବଡ଼ ଅମଲା
ଭାଙ୍ଗିଦେଇ ସବୁ ପୁରୁଣା ମଠ
ପରିକ୍ରମା ନାଁରେ କରନ୍ତି ପାଲା
ରଥ ଆଗେ ଝୋଟି ଚିତା ପକେଇ
ଲୁଟି ଖାଇଯା’ନ୍ତି ତାକୁ ଠକେଇ।

—— ଟୁଟୁ

**ବାହାନଗା ଦୁର୍ଘଟଣା; ନିରାପତ୍ତା କମିଶନ ଦେଲେ ତଦନ୍ତ ରିପୋର୍ଟ**

# ସାର୍ବଜନୀନ କରିବନି ରେଳବାଇ



**ଭୁବନେଶ୍ୱର :** ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ଭୟାବହ ଟ୍ରେନ ଦୁର୍ଘଟଣାର ତଦନ୍ତ ରିପୋର୍ଟକୁ ରେଳବାଇ ସାର୍ବଜନୀନ କରିବ ନାହିଁ। ରେଳବାଇ ନିରାପତ୍ତା କମିଶନ ନିଜର ତଦନ୍ତ ରିପୋର୍ଟକୁ ରେଳବାଇ ବୋର୍ଡଙ୍କ ନିକଟରେ ଦାଖଲ କରିଥିଲେ ମଧ୍ୟ ସିବିଆଇ ତଦନ୍ତ ଜାରି ରହିଥିବାରୁ ଏହି ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି। ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁ ବାହାନଗା ଦୁର୍ଘଟଣା ଘଟିଲା ବୋଲି ନିରାପତ୍ତା କମିଶନର ତାଙ୍କ ରିପୋର୍ଟରେ ଦର୍ଶାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ରେଳବାଇ ଏନେଇ କୌଣସି ସୂଚନା ଦେବାକୁ ମନା କରିଦେଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ବାହାନଗା ଟ୍ରେନ ଦୁର୍ଘଟଣାର ତଦନ୍ତ ଏବେ ସିବିଆଇ ଜାରି ରଖିଥିବାରୁ ରେଳବାଇ ନିରାପତ୍ତା କମିଶନଙ୍କ ତଦନ୍ତ ରିପୋର୍ଟ ଉଜାଗର ହେଲେ ତାହା ସିବିଆଇ ତଦନ୍ତକୁ ପ୍ରଭାବିତ କରିବ। ମାନବଜନିତ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ହୋଇଥିବା ତଥା ସିଗନାଲ, ଟେଲିକମ୍ ଓ ଟ୍ରାଫିକ ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟରତ ଅଫିସରଙ୍କ ତ୍ରୁଟି ଯୋଗୁ ଦୁର୍ଘଟଣା ହେଲା ବୋଲି ରେଳବାଇ ନିରାପତ୍ତା କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଥିବା ଚର୍ଚ୍ଚା ହେଉଛି। ଏପରିକି ଟ୍ରେନ ଚଳାଚଳ ପାଇଁ ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଜିଓର(ଏସଓପି) ମଧ୍ୟ ପାଳନ କରିବାରେ ଅଫିସରମାନେ ବିଫଳ ହୋଇଥିବା ଜଣାପଡ଼ିଛି। ➤ ପୃ-୬

**ବିଜେପିର ବି-ଟିମ୍ କଂଗ୍ରେସ**

# ଅପ୍ରସଙ୍ଗକୁ କରୁଛି ଅନୁକରଣ



**ଭୁବନେଶ୍ୱର :** ରାଜ୍ୟ କଂଗ୍ରେସକୁ ଡିଆଁ ରୋଗ! କରୋନା ପରି ସଂକ୍ରମଣ ବିଜେପିରୁ କଂଗ୍ରେସକୁ ବ୍ୟାପୁଛି। ସଂକ୍ରମଣ ଏତେ ହେଲାଣି ଯେ, ରାଜ୍ୟ କଂଗ୍ରେସ ଏବେ ବିଜେପିର ବି-ଟିମ୍ ପରି କାମ କରୁଛି। ରାଜ୍ୟ ବିଜେପି ଉଠାଉଥିବା ଅପ୍ରସଙ୍ଗକୁ ରାଜ୍ୟ କଂଗ୍ରେସ ନେତାମାନେ ଅନୁକରଣ କରୁଥିବା ଅଭିଯୋଗ ହେଉଛି। ୧୩୯ ବର୍ଷ ପୁରୁଣା ଦଳର ଏପରି ଅବସ୍ଥା ଦେଖି ରାଜ୍ୟବାସୀ ବି ଚକିତ। କେନ୍ଦ୍ରରେ ବିଜେପି-କଂଗ୍ରେସ ଅହିନକୁଳ ସମ୍ପର୍କ। ଦେଶକୁ କଂଗ୍ରେସ ମୁକ୍ତ କରିବାକୁ ବିଜେପି ନାରା ଦେଉଥିବା ବେଳେ ରାଜ୍ୟରେ କଂଗ୍ରେସ ନେତାଙ୍କ ଆଭିମୁଖ୍ୟ କିନ୍ତୁ ଭିନ୍ନ। ବିଜେପି ସହ ହାତ ମିଳାଇ ଓଡ଼ିଶାକୁ କଂଗ୍ରେସ ମୁକ୍ତ କରିବାକୁ କଂଗ୍ରେସ ନେତାମାନେ ସଂକଳ୍ପ ନେଇଥିବା ସନ୍ଦେହ ସୃଷ୍ଟି ହେଉଛି। ସମ୍ବଲପୁରରେ ରାମନବମୀରେ ସାଂପ୍ରାଦାୟିକ ସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରାଗଲା। ଯଦିଓ ସ୍ଥାନୀୟ ଲୋକଙ୍କ ଯୋଗୁ ସେ ସ୍ଥିତି ପ୍ରଶମିତ ହେଲା। କିନ୍ତୁ ସେଠାରେ କଂଗ୍ରେସର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାହାନଗା ରେଳ ଦୁର୍ଘଟଣା ପରେ ୪ରୁ ୫ ଜଣ କଂଗ୍ରେସ ନେତା ପର୍ଯ୍ୟଟକଙ୍କ ଭଳି ବୁଲି ଦାୟିତ୍ୱ ସାରିଦେଲେ। ବାହାନାଗା ଭଳି ସମ୍ବେଦନଶୀଳ ଘଟଣାରେ କେନ୍ଦ୍ରକୁ ଯେଭଳି କାଠଗଡାରେ ଛିଡା କରାଯିବା ସେଥିରେ ଦଳୀୟ ନେତାମାନେ ସାଲିସ କରିଥିବା ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା। ସମୀକ୍ଷକଙ୍କ ମତରେ ମହାନଦୀ ଜଳ ବିବାଦ ହେଉ କି ରାଜ୍ୟ ସ୍ୱାର୍ଥ ସମ୍ବଳିତ ଅନ୍ୟାନ ପ୍ରସଙ୍ଗରେ ମଧ୍ୟ କେନ୍ଦ୍ର ଉପରେ ଚାପ ସୃଷ୍ଟି କରିବାକୁ ପଛଘୁଞ୍ଚା ଦେଉଛନ୍ତି ରାଜ୍ୟ କଂଗ୍ରେସ ନେତା। କେବଳ ପ୍ରଚାର ଓ ବିବୃତି ପାଇଁ ବିକ୍ଷୋଭ କରି ସ୍ମାରକପତ୍ରରେ ଦାୟିତ୍ୱ ତୁଲାଉଛି କଂଗ୍ରେସ । ରାଜ୍ୟ କଂଗ୍ରେସ ଏବେ କେବଳ ବିବୃତି ସର୍ବସ୍ୱ ଦଳରେ ପରିଣତ ହୋଇଛି ବୋଲି ଅନୁଭବ କଲେଣି ସମୀକ୍ଷକ। ଗଣତନ୍ତ୍ରରେ ସରକାରରେ ଅଙ୍କୁଶ ଲଗାଇବା ବା ନିୟନ୍ତ୍ରଣ କରିବା ଦାୟିତ୍ୱ ବିରୋଧୀ ଦଳର। ନିର୍ବାଚନ ହେଉକି ଉପନିର୍ବାଚନ ଦ୍ୱିତୀୟ ସ୍ଥାନରେ ରହିବାକୁ କଂଗ୍ରେସ ବିଜେପି ସହିତ ➤ ପୃ-୬






**୨୦୨୪ ସାଧାରଣ ନିର୍ବାଚନ**

# ବିଜେଡି ଫୋକସରେ ଯୁବ ଓ ମହିଳା



**ଅସ୍ତରଙ୍ଗ,(ଶରତ କୁମାର ପରିଡା):** ଅସ୍ତରଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ୨୪ ସାଧାରଣ ନିର୍ବାଚନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏବେ ଠାରୁ ରଣନୀତି ଆରମ୍ଭ ହୋଇଥିବା ଜଣାପଡିଛି। ବିଭିନ୍ନ ପଞ୍ଚାୟତରେ କର୍ମୀମାନଙ୍କ ଉତ୍ସାହ ଏବେ ଠାରୁ ଦେଖିବାକୁ ମିଳିଲାଣି। ବିଶେଷ କରି ଯୁବ ଗୋଷ୍ଠୀ ଆଉ ମହିଳାଙ୍କ ଉପରେ ବିଜେଡି ଫୋକସ କରୁଥିବା ସାଧାରଣରେ ଦେଖିବାକୁ ମିଳୁଛି। ଅସ୍ତରଙ୍ଗ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଭିନ୍ନ ପଞ୍ଚାୟତର ପୁରୁଖା ନେତା, ବିଜୁ ମହିଳା ମୋର୍ଚ୍ଚାର ବ୍ଲକ ସ୍ତରୀୟ ସଭାନେତ୍ରୀ, ଯୁବ ମୋର୍ଚ୍ଚାର କର୍ମକର୍ତ୍ତା ଓ ପ୍ରତ୍ୟେକ ପଞ୍ଚାୟତର ସଭାପତି, ବ୍ଲକ ସଭାପତି, ବିଭିନ୍ନ ସେଲର କାର୍ଯ୍ୟକାରୀ ସଭ୍ୟ ସଭ୍ୟା ମାନଙ୍କୁ ନେଇ ଭିନ୍ନ ଭିନ୍ନ ବୈଠକ କରାଯାଇ ରଣନୀତି ପ୍ରସ୍ତୁତ ହେଉଥିବା ଜଣାପଡିଛି। କ୍ରୀଡା ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ବ୍ଲକ ସଭାପତି କେଦାର ନାଥ ବିଶ୍ୱାଳ, ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନତୀ ବସ୍ତିଆ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମାଧାନ କରିବା ସହିତ ଯୁବ ଓ ମହିଳାଙ୍କ ଉପରେ ଗୁରୁତ୍ୱାରୋପ କରାଯାଉଛି। ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦେଇଥିବା ପରାମର୍ଶକୁ କାର୍ଯ୍ୟକାରୀ କରିବା ସହିତ ଦଳର ବିକାଶ କାର୍ଯ୍ୟଧାରାକୁ ଘରେ ଘରେ ପହଞ୍ଚାଇବା ପାଇଁ ପୁରୁଖା ନେତା, ବରିଷ୍ଠ କର୍ମୀ, ଯୁବ ଓ ମହିଳାଙ୍କୁ ମନ୍ତ୍ରୀ ଉପାଦକ୍ଷ ପରାମର୍ଶ ଦେଇଛନ୍ତି। ଅନ୍ୟ ପକ୍ଷରେ ସଦ୍ୟ ସମାପ୍ତ ହୋଇଥିବା ବିଜେଡି ସମୀକ୍ଷା ବୈଠକରେ ପୂର୍ବତନ ବିଜେଡି ବିଧାୟକ ସୁର ସେଠୀ ଦଳରେ ରହି କଂଗ୍ରେସ, ବିଜେପି ଓ ମିଳିତ ମଞ୍ଚ ସହିତ ହାତ ମିଳାଇ ପଞ୍ଚାୟତ ନିର୍ବାଚନରେ ଦଳର ପ୍ରଭୁତ୍ୱ କ୍ଷତି କରିବା ସହ ଅସ୍ତରଙ୍ଗ, କାକଟପୁର ପଞ୍ଚାୟତ ସମିତି ବିରୋଧୀଙ୍କ ହାତକୁ ଚାଲି ଯାଇଥିଲା।ତାଙ୍କର ଏହି ଦଳ ବିରୋଧୀ କାର୍ଯ୍ୟ ପାଇଁ ସାଙ୍ଗଠନିକ ସମ୍ପାଦକ ଅସନ୍ତୋଷ ପ୍ରକାଶ କରିବା ସହିତ ତାଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁର ସେଠୀ ଏବେ ଦଳରେ ଏକ ପ୍ରକାର କୋଣଠେସା ହୋଇ ରହିଛନ୍ତି। ତାଙ୍କ ବିଧାୟକ କାଳରେ ଲୋକପ୍ରିୟତା ହରାଇଥିବାରୁ ତାଙ୍କୁ ଦଳୀୟ ଟିକେଟରୁ ବଞ୍ଚିତ ହେବାକୁ ପଡିଥିଲା। ବିଧାୟକରୁ ବଞ୍ଚିତ ହେବା ଦିନ ଠାରୁ ଆଉ କାକଟପୁର ନିର୍ବାଚନ ମଣ୍ଡଳୀରେ ତାଙ୍କୁ ପ୍ରାୟତଃ ଦେଖିବାକୁ ମିଳେ ନାହିଁ କିମ୍ବା କୌଣସି ଦଳୀୟ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୁଅନ୍ତି ନାହିଁ। କେବଳ ଦଳ ବିରୋଧୀ କାର୍ଯ୍ୟରେ ତାଙ୍କୁ ସବୁବେଳେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ମନ ସ୍ଥିର ଓ ଆନନ୍ଦାୟକ ରହିବ। ଧନପ୍ରାପ୍ତିର ଯୋଗ ଅଛି। ନୂଆ ବ୍ୟବସାୟ କରିପାରନ୍ତି। ବାଣୀରେ ଲଗାମ ଦିଅନ୍ତୁ। ଛାତ୍ରମାନେ ପାଠରୁ ଦୂରେଇ ପାରନ୍ତି। ଦମ୍ପତିମାନେ ଉଭୟଙ୍କର ସହଯୋଗ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ପୁରୁଣା ରୋଗରୁ ମୁକ୍ତି ମିଳିବ। ସଞ୍ଚୟ ଥିବା ଧନ ଖର୍ଚ୍ଚ ହୋଇପାରେବ। ଦୂରଯାତ୍ରା କରିପାରନ୍ତି। ପରିବାରରେ ସମ୍ପର୍କ ବଢ଼ିବ। ପ୍ରେମୀଙ୍କ ଆଗରେ ମନର କଥା ଖୋଲି କହିପାରିବେ। ପ୍ରତିକାର : ଭଗବାନ ଶ୍ରୀଗଣେଷଙ୍କୁ ଆରାଧନା କରନ୍ତୁ।

**ମିଥୁନ** ନିୟମିତ ବ୍ୟାୟାମ କରନ୍ତୁ। ବନ୍ଦ ପଡିଥିବା ପଇସା ପ୍ରାପ୍ତି ଯୋଗ ଅଛି। ପୁଅ ପାଇଁ ଖୁସି ଖବର ଆସିପାରେ। ଧନ ଉଦ୍ଧାର ଦିଅନ୍ତୁ ନାହିଁ। ପ୍ରତିକାର : ଦେବୀଙ୍କ ଦର୍ଶନ କରି ଫଳ ବିତରଣ କରନ୍ତୁ।

**କର୍କଟ** ଆକସ୍ମିକ ଧନପ୍ରାପ୍ତି ଯୋଗ ଅଛି। ଯାତ୍ରା କରିବା ପୂର୍ବରୁ ସମସ୍ତ ପ୍ରସ୍ତୁତି କରନ୍ତୁ ନଚେତ ବିଫଳ ହୋଇପାରନ୍ତି। ଧୋକା ଖାଇ ପାରନ୍ତି। ପ୍ରତିକାର : ଭଗବାନ ଶିବଙ୍କୁ ଜଳାଭିଷେକ କରନ୍ତୁ।

**ସିଂହ** ଏ ସପ୍ତାହରେ ଅନେକ ଦିନର ଇଚ୍ଛା ଗୁଡିକ ପୂରା ହେବାର ସମ୍ଭାବନା ଅଛି। ତେଣୁ ସପ୍ତାହ ପ୍ରାରମ୍ଭରେ ପ୍ରସ୍ତୁତି ଆରମ୍ଭ କରନ୍ତୁ। ବ୍ୟବସାୟ ପାଇଁ ପରିବାର ପାଇଁ ଓ ନିଜ ପାଇଁ କଣ କରିବେ ତାଲିକା କରନ୍ତୁ। ପ୍ରତିକାର : ଭଗବାନ ଗଣେଷଙ୍କୁ ପୂଜା କରନ୍ତୁ।

**କନ୍ୟା** କାର୍ଯ୍ୟ ବୋଝରୁ ଥକ୍କା ଅନୁଭବ କରିବେ। କିନ୍ତୁ ସଫଳତା ପାଇଁ ପଛକୁ ହଟନ୍ତୁ ନାହିଁ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରମାନେ ସଫଳତା ପାଇବେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ତୁଳା** ମନ ଅସ୍ଥିର ରହିବ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପରିବାରରେ କଳହ ହୋଇପାରେ। ବାଣୀରେ ଲଗାମ ଦିଅନ୍ତୁ। ପ୍ରତିକାର : ଭଗବାନଙ୍କୁ ଫଳ, ପୁଷ୍ପ ଓ ପ୍ରସାଦ ଅର୍ପଣ କରନ୍ତୁ।

**ବିଛା** ଅପ୍ରତ୍ୟାଶିଷ ଭାବେ ଅନେକ ଦିଗରୁ ଓ ଅଜଣା ଲୋକଙ୍କ ଠାରୁ ସହଯୋଗ ପାଇଷବ। ସତର୍କ ରହନ୍ତୁ। ଶାଳିନ ବ୍ୟବହାର କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତିକାର : ଗରିବଙ୍କୁ ଖାଦ୍ୟ ଓ ଧନ ଦାନ କରନ୍ତୁ।

**ଧନୁ** ରକ୍ତଚାପ ଓ ପେଟ ଜନିତ ପିଡା ହୋଇପାରେ। ଅଧିକ ବିଶ୍ୱାସୀ ଲୋକ ଧୋକା ଦେଇପାରନ୍ତି। କୌଣସି କଥା ଓ କାମ କରିବା ପୂର୍ବରୁ ବିଚାର କରନ୍ତୁ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କୁ ମନନ ଓ ଚିନ୍ତନ କରନ୍ତୁ।

**ମକର** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଉପରୋସ୍ତ ଅଧିକାରୀଙ୍କ ଠାରୁ ସତର୍କ ରହନ୍ତୁ। ଲୋଭରୁ ଦୂରେଇ ରହନ୍ତୁ। ପରିବାରର ସହଯୋଗ ପାଇଷବ। ଅଯଥା ଖର୍ଚ୍ଚ ବଢ଼ିପାରେ। ପ୍ରତିକାର : ଗାଇଙ୍କୁ ସବୁଜ ଚାରା ଖୁଆନ୍ତୁ।

**କୁମ୍ଭ** ଆପଣଙ୍କ ଅଳସୁଆମୀ ପାଇଁ ଅନେକ ସଫଳତାରୁ ବଞ୍ଚିତ ରହିପାରନ୍ତି। ଗୁରୁଜନଙ୍କ ସହଯୋଗ ନିଅନ୍ତୁ। ମନରୁ ନିରାଶା ଭାବକୁ ବାହାର କରନ୍ତୁ ଓ ପରିଶ୍ରମ କରନ୍ତୁ। ଅନେକ ସଫଳତା ମିଳିବ। ପ୍ରତିକାର : ଭଗବାନ ଶିବଙ୍କୁ ଅଭିଷେକ କରନ୍ତୁ।

**ମୀନ** ଗୁରୁମନ୍ତ୍ର ପାଠ କରନ୍ତୁ। ସପ୍ତାହର ପ୍ରାରମ୍ଭରୁ ଧନପ୍ରାପ୍ତି ଯୋଗ ଅଛି। ସମସ୍ତଙ୍କ ସହଯୋଗ ପାଇବେ। ମିଛ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ। ଛାତ୍ରମାନେ ପାଠରୁ ଦୂରେଇ ରହିବେ। ପତିପତ୍ନୀଙ୍କ ତାଳମେଳରେ ସୁଧାର ଆସିବ। ପ୍ରତିକାର : ଭଗବାନ ହନୁମାନଙ୍କୁ ଫଳ ଅର୍ପଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କେନ୍ଦ୍ର ବିରୋଧୀ ଲଢ଼େଇରେ ହାରିଲା ଟ୍ୱିଟର

**ନୂଆଦିଲ୍ଲୀ :** କିଛି ନିର୍ଦ୍ଦିଷ୍ଟ ଟ୍ୱିଟର ଆକାଉଣ୍ଟକୁ ବ୍ଲକ କରିବା ଓ ଟ୍ୱିଟକୁ ହଟାଇବା ପାଇଁ କେନ୍ଦ୍ର ସରକାର ଦେଇଥିବା ନିର୍ଦ୍ଦେଶକୁ ବିରୋଧ କରୁଥିବା ଟ୍ୱିଟରକୁ ଶକ୍ତ ଝଟକା ଲାଗିଛି। କେନ୍ଦ୍ର ସରକାର ଆକାଉଣ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ କମ୍ପାନୀ କର୍ଣ୍ଣାଟକା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। କିନ୍ତୁ ହାଇକୋର୍ଟ ଟ୍ୱିଟରର ସମସ୍ତ ଆବେଦନକୁ ଖାରଜ କରି ଦେଇଛନ୍ତି। ଏଥିସହ କମ୍ପାନୀ ଉପରେ ୫୦ ଲକ୍ଷ ଟଙ୍କାର ଜୋରିମାନା ଲଗାଇଛନ୍ତି। ଗତବର୍ଷ ଜୁଲାଇ ମାସରେ ଟ୍ୱିଟର କେନ୍ଦ୍ର ସରକାରଙ୍କ ବିରୋଧରେ କର୍ଣ୍ଣାଟକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଇଲେକ୍ଟ୍ରୋନିକ ଓ ଇନଫର୍ମେସନ ଟେକ୍ନୋଲୋଜି ମନ୍ତ୍ରଣାଳୟ ଆଇଟି ଆକ୍ଟର ଧାରା ୬୯ ଅଧୀନରେ ଜାରି କରିଥିବା ନିର୍ଦ୍ଦେଶକୁ କମ୍ପାନୀ ଚ୍ୟାଲେଞ୍ଜ କରିଥିଲା। କେନ୍ଦ୍ର ସରକାର ୨୦୨୧ ଫେବୃଆରୀରୁ ୨୦୨୨ ଫେବୃଆରୀ ମଧ୍ୟରେ କରାଯାଇଥିବା କିଛି ଟ୍ୱିଟ ଓ ଆକାଉଣ୍ଟକୁ ବ୍ଲକ କରିବାକୁ ଟ୍ୱିଟରକୁ ନିର୍ଦ୍ଦେଶ ଦେଇଥିଲେ। ତେବେ କେନ୍ଦ୍ର ସରକାର ଉପଯୁକ୍ତ କାରଣ କହି ନଥିବାରୁ ବାକ ସ୍ୱାଧୀନତା କଥା କହି କମ୍ପାନୀ ୩୯ଟି ଆକାଉଣ୍ଟ ସପକ୍ଷରେ ଯୁକ୍ତି କରିବା ସହ କୋର୍ଟରେ କେନ୍ଦ୍ରର ବ୍ଲକିଂ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିଥିଲା। ୨୦୨୨ରେ ହୋଇଥିବା ଶୁଣାଣି ବେଳେ ଟ୍ୱିଟର ହାଇକୋର୍ଟଙ୍କୁ କହିଥିଲା ଯେ ଯଦି କେନ୍ଦ୍ର ସରକାର କୌଣସି ଆକାଉଣ୍ଟକୁ ବ୍ଲକ କରିବାକୁ କହୁଛନ୍ତି, ତା'ହେଲେ ଏହା ପଛର କାରଣ ମଧ୍ୟ କହିବାକୁ ପଡ଼ିବ। ସେହିପରି ଆଇଟି ଆକ୍ଟ ୨୦୦୦ର ଧାରା ୬୯ଏ ଅଧୀନରେ ଜାରି କରାଯାଉଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାର ପ୍ରାବଧାନ ରହିବା ଦରକାର ବୋଲି କମ୍ପାନୀ ଯୁକ୍ତି କରିଥିଲା। ତେବେ କେନ୍ଦ୍ର ସରକାର କୋର୍ଟଙ୍କୁ କହିଥିଲେ ଯେ ଟ୍ୱିଟର ସହଯୋଗ କରୁ ନଥିବା ଗୋଟିଏ ଅଭ୍ୟାସଗତ କମ୍ପାନୀ। ଦୀର୍ଘ ବର୍ଷ ହେଲାଣି କମ୍ପାନୀ ଆଦୌ ସହଯୋଗ କରୁନି। ସରକାର ଓ ଟ୍ୱିଟର ପ୍ରତିନିଧିଙ୍କ ବ୍ଲକିଂ ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ପ୍ରାୟ ୫୦ ଥର ବୈଠକ ହୋଇଥିଲା। ତଥାପି ଟ୍ୱିଟର ଭାରତରେ ପ୍ରଚଳିତ ଆଇନକୁ ମାନିବା ମୁଡରେ ନଥିବା ସ୍ପଷ୍ଟ ଭାବେ ଅନୁମେୟ ହେଉଛି। ଏକଥା ଶୁଣିବା ପରେ ଟ୍ୱିଟର ସବୁ ଆବେଦନକୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। କିଛି ସପ୍ତାହ ତଳେ ଟ୍ୱିଟର ପୂର୍ବତନ ସିଇଓ ତଥା ସହ ପ୍ରତିଷ୍ଠାତା ଜ୍ୟାକ ଡୋର୍ସି ଅଭିଯୋଗ କରିଥିଲେ ଯେ ୨୦୨୧ ଚାଷୀ ଆନ୍ଦୋଳନ ବେଳେ ଭାରତ ସରକାର କିଛି ନିର୍ଦ୍ଦିଷ୍ଟ ଟ୍ୱିଟକୁ ହଟାଇବାକୁ କମ୍ପାନୀ ଉପରେ ଚାପ ପକାଇଥିଲେ। ଏଥିସହ କମ୍ପାନୀ କଥା ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତ ସରକାର ଧମକ ଦେଇଥିବା ଡୋର୍ସି ଅଭିଯୋଗ କରିଥିଲେ। ଏହାକୁ ଭାରତ ସରକାର ମିଛ ବୋଲି କହିଛନ୍ତି।

## ଜୁଲାଇରେ ଚନ୍ଦ୍ରଯାନ-୩ର ଉତ୍କ୍ଷେପଣ



**ନୂଆଦିଲ୍ଲୀ :** ଭାରତର ଆଗାମୀ ମୁନ୍ ମିଶନ ପାଇଁ ଆଉ ମାତ୍ର କେଇଟା ଦିନ ଅପେକ୍ଷା। ଆସନ୍ତାମାସରେ ହେବ ଚନ୍ଦ୍ରଯାନ-୩ର ଉତକ୍ଷେପଣ। ତେବେ ଜୁଲାଇ ୧୩ ଅପରାହ୍ନ ୨ଟା ୩୦ରେ ଏହା ଉତକ୍ଷେପଣ ହେବ ବୋଲି ଜାତୀୟ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ଇସ୍ରୋ ଅଧ୍ୟକ୍ଷ। ସେ କହିଛନ୍ତି ଜୁଲାଇ ୧୨ରୁ ୧୯ ମଧ୍ୟରେ ଏକ ଲଞ୍ଚ ୱିଣ୍ଡୋ ରହିଛି ଏବଂ ଯେତେ ଶୀଘ୍ର ସମ୍ଭବ ଆମେ ଏହି ମିଶନ ଲଞ୍ଚ କରିବାକୁ ପ୍ରସ୍ତୁତ ରହିଛୁ। ଚନ୍ଦ୍ରଯାନ-୩ ସ୍ପେଶକ୍ରାଫ୍ଟ ମଧ୍ୟ ଚନ୍ଦ୍ରକୁ ଯିବା ପାଇଁ ପ୍ରସ୍ତୁତ ରହିଛି। ତେବେ ରକେଟରେ ଏହା ଲୋଡ୍ ହେବା ପରେ ଏବଂ ସବୁ ପରୀକ୍ଷାନିରୀକ୍ଷା ସରିବା ପରେ ହିଁ ପ୍ରକୃତ ଉତକ୍ଷେପଣ ତାରିଖ ସ୍ପଷ୍ଟ ହେବ। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେଶ୍ ସେଣ୍ଟରରୁ ଜିଏସ୍ଏଲ୍ଭି ମାର୍କ-ଥ୍ରୀ ରକେଟ୍ ସାହାଯ୍ୟରେ ଚନ୍ଦ୍ରଯାନ-୩କୁ ମହାକାଶକୁ ପଠାଯିବ। ୨୦୧୯ରେ ଚନ୍ଦ୍ରଯାନ-୨ ମିଶନ ଆଂଶିକ ସଫଳ ହେବା ପରେ, ଚନ୍ଦ୍ରଯାନ-୩ ହେଉଛି ଭାରତର ତୃତୀୟ ଚନ୍ଦ୍ର ଅଭିଯାନ। ଏଥିରେ ଚନ୍ଦ୍ରପୃଷ୍ଠକୁ ଲ୍ୟାଣ୍ଡର ଓ ରୋଭର ପଠାଯିବ। ଲ୍ୟାଣ୍ଡରର ସଫ୍ଟ ଲ୍ୟାଣ୍ଡିଂ ଏବଂ ଚନ୍ଦ୍ରପୃଷ୍ଠରେ ରୋଭରକୁ ଗଡ଼ାଇବା ଇସ୍ରୋ ପାଇଁ ବଡ଼ ଚାଲେଞ୍ଜ ରହିବ। ଏହି ମିଶନ ପାଇଁ ଖର୍ଚ୍ଚ ହେବ ୬୧୫ କୋଟି ଟଙ୍କା। ଇସ୍ରୋ ଅଧ୍ୟକ୍ଷ ଏସ୍ ସୋମନାଥ ଭାରତର ପ୍ରଥମ ସୂର୍ଯ୍ୟ ମିଶନ 'ଆଦିତ୍ୟ-ଏଲ୍୧' ସଂପର୍କରେ ମଧ୍ୟ ସୂଚନା ଦେଇଛନ୍ତି ଯେ, ଏଥିପାଇଁ ଅଗଷ୍ଟ ଶେଷ ଆଡ଼କୁ ଲକ୍ଷ୍ୟ ରଖାଯାଇଛି।

# ବିନା ଲାଭରେ ଭାରତକୁ ପ୍ରିଡେଟର ଡ୍ରୋନ ଯୋଗାଇବ ଆମେରିକା

**ନୂଆଦିଲ୍ଲୀ :** ବିଶ୍ୱର ସବୁଠାରୁ ଘାତକ ଡ୍ରୋନ ପ୍ରିଡେଟର ବା ଏମକ୍ୟୁ୯ବି ଡ୍ରୋନ ଡିଲକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛି। ଅତି ଚଢା ଦରରେ ଡିଲ୍ ହୋଇଥିବା କଂଗ୍ରେସ ଅଭିଯୋଗ କରୁଥିବାବେଳେ ସରକାର ତାହାକୁ ଖଣ୍ଡନ କରିଛନ୍ତି। ତେବେ ଏ ସଂପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ଏକ ବଡ଼ ବୟାନ ସାମନାକୁ ଆସିଛି। ସେ କହିଛନ୍ତି ଯେ ଭାରତ ସରକାର ଏବଂ ଆମେରିକା ସରକାରଙ୍କ ମଧ୍ୟରେ ଏହି ଚୁକ୍ତି ବିନା ଲାଭ ଏବଂ କୌଣସି କ୍ଷତି ଆଧାରରେ କରାଯାଇଛି। ଦରକୁ ନେଇ କୌଣସି କଥାବାର୍ତ୍ତା କିମ୍ବା ଆଲୋଚନା ହୋଇନାହିଁ। ଏହି ଡ୍ରୋନର ଆନୁମାନିକ ମୂଲ୍ୟ ୮୧୨ କୋଟି ଏବଂ ଏହାର ମୋଟ ମୂଲ୍ୟ ୩.୦୭୨ ନିୟୁତ ଆମେରିକୀୟ ଡଲାର ବୋଲି ଆମେରିକା ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଭାରତ ସରକାର ଏପର୍ଯ୍ୟନ୍ତ ଡ୍ରୋନର ମୂଲ୍ୟ ସ୍ଥିର କରିନାହାଁନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆଲୋଚନାରେ କେବଳ ଡ୍ରୋନର ସେନ୍ସର ଏବଂ ଆଧୁନିକ ଅସ୍ତ୍ରଶସ୍ତ୍ରର ଆବଶ୍ୟକତାକୁ ଅନ୍ତର୍ଭୁକ୍ତ କରାଯାଇଛି। ଆମେରିକା ଦ୍ୱାରା ପ୍ରସ୍ତାବିତ ମୂଲ୍ୟରେ ବିମାନ, ସେନ୍ସର, ଅସ୍ତ୍ରଶସ୍ତ୍ର, ଗ୍ରାଉଣ୍ଡ କଣ୍ଟ୍ରୋଲ ସିଷ୍ଟମ, ଉପଗ୍ରହ, ସି-ବ୍ୟାଣ୍ଡ ଡାଟା ଟର୍ମିନାଲ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଉପକରଣ, ସ୍ପେୟାର ଏବଂ କଣ୍ଟ୍ରାକ୍ଟର ଲଜିଷ୍ଟିକ ସହାୟତା ଆମେରିକା ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟର ଏହି ଅଧିକାରୀ କହିଛନ୍ତି ଯେ ଭାରତ ପାଇଁ ଡ୍ରୋନର ଆନୁମାନିକ ମୂଲ୍ୟ ଅନ୍ୟ ଦେଶ ତୁଳନାରେ ୨୭ ପ୍ରତିଶତ କମ୍।

### ଭୁବନେଶ୍ୱର ଆଇଆଇଟିରେ ଆରମ୍ଭହେବ
## ୪ ବର୍ଷିଆ ବିଏଡ୍ ପାଠ୍ୟକ୍ରମ

**ନୂଆଦିଲ୍ଲୀ :** ଦେଶରେ ବୈଷୟିକ ବିଶେଷଜ୍ଞ ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ନେଇଥିବା ଆଇଆଇଟି ଏବେ ପ୍ରଥମ ଥର ପାଇଁ ଶିକ୍ଷକ ତିଆରି କରିବ। ଏହି ମର୍ମରେ ଆଇଆଇଟି ଭୁବନେଶ୍ୱର ଓ ଖଡ଼ଗପୁରରେ ୨୦୨୩-୨୪ ଶିକ୍ଷା ବର୍ଷରେ ୪ ବର୍ଷିଆ ବିଏଡ୍ ପାଠ୍ୟକ୍ରମ ଆରମ୍ଭ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନ୍ୟାସନାଲ କାଉନସିଲ୍ ଅଫ୍ ଟିଚର୍ ଏଜୁକେସନ୍ (ଏନ୍‌ସିଟିଇ) ପକ୍ଷରୁ ଦେଶର ବିଦ୍ୟାଳୟମାନଙ୍କ ପାଇଁ ଶିକ୍ଷକ ତିଆରି କରିବା ନିମନ୍ତେ ଚାରି ବର୍ଷିଆ ଏକୀକୃତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ (ଆଇଟିଇପି)କୁ ମଞ୍ଜୁରୀ ପ୍ରଦାନ କରିଛି। ରାଷ୍ଟ୍ରୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ଦ୍ୱାରା ଏହି ପରୀକ୍ଷା ଆୟୋଜିତ ହେବ। ରାଷ୍ଟ୍ରୀୟ ସଂଯୁକ୍ତ ପ୍ରବେଶ ପରୀକ୍ଷା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାର ଅନ୍ତିମ ଦିବସ ଜୁଲାଇ ୧୯ ରହିଛି। ଏନ୍‌ସିଟିଇ ତରଫରୁ ଯେଉଁ ୪୨ଟି ଶିକ୍ଷାନୁଷ୍ଠାନରେ ୪ ବର୍ଷିଆ ବିଏ-ବିଏଡ୍, ବିଏସ୍‌ସି-ବିଏଡ୍ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମତି ଦିଆଯାଇଛି, ସେଥିରେ ଆଇଆଇଟି ଭୁବନେଶ୍ୱର ଓ ଖଡ଼ଗପୁରକୁ ସାମିଲ କରାଯାଇଛି।

### ଭାରତରେ ୧୦ ହଜାର କୋଟି ନିବେଶ କରିବ ଲୁଲୁ ଗ୍ରୁପ୍
# ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି

**ନୂଆଦିଲ୍ଲୀ :** ଭାରତରେ ୧୦ ହଜାର କୋଟି ନିବେଶ କରିବ ସାଉଦି ଆରବର ଲୁଲୁ ଗ୍ରୁପ୍। ଫଳରେ ଦେଶରେ ସୃଷ୍ଟି ହେବ ୫୦ ହଜାର ନିଯୁକ୍ତି। ଏନେଇ ଘୋଷଣା କରିଛନ୍ତି ଲୁଲୁ ଗ୍ରୁପ୍ର ଚେୟାରମ୍ୟାନ୍ ତଥା ଭାରତୀୟ ବଂଶୋଦ୍ଭବ ୟୁସୁଫ ଅଲ୍ଲୀ। ଲୁଲୁ ଗ୍ରୁପ୍ ପୂର୍ବରୁ ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଏକ ବିରାଟ ମଲ୍ ଛିଡ଼ା କରି ଚର୍ଚ୍ଚାକୁ ଆସିଥିଲା। ଏବେ ପୁଣି ଥରେ ଏହି ଗ୍ରୁପ୍ ଚର୍ଚ୍ଚାକୁ ଆସିଛି। ନିଜ କମ୍ପାନୀର ଭବିଷ୍ୟ ଯୋଜନା ସମ୍ପର୍କରେ ପ୍ରକାଶ କରି କମ୍ପାନୀର ଚେୟାରମ୍ୟାନ୍ କହିଛନ୍ତି, ଲୁଲୁ ଗ୍ରୁପ୍ ଭାରତରେ ୨୦ ହଜାର କୋଟି ନିବେଶ କରି ସାରିଛି। ଏଥିଯୋଗୁ ଦେଶରେ ୨୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ୟୁସୁଫ ଅଲ୍ଲୀଙ୍କ ସୂଚନା ଅନୁଯାୟୀ, ଦେଶର ବିଭିନ୍ନ ସ୍ଥାନରେ ତାଙ୍କ କମ୍ପାନୀ ଡେଷ୍ଟିନେଶନ ମଲ୍ ଖୋଲିବାକୁ ଯୋଜନା କରୁଛି। ତେଲେଙ୍ଗାନାର ଶିଳ୍ପ ମନ୍ତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ସେ ଉକ୍ତ ରାଜ୍ୟରେ ୩.୫୦୦ କୋଟି ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାମଧ୍ୟରେ ରାଜ୍ୟରେ ୩ ହଜାର କୋଟି ବିନିଯୋଗରେ ଏକ ଡେଷ୍ଟିନେଶନ ମଲ୍ ପ୍ରୋଜେକ୍ଟ ବି ସାମିଲ ଅଛି। ଡେଷ୍ଟିନେଶନ ମଲ୍ ଏପରି ମଲ୍ ଯେଉଁଠି ଆପଣ ଭଲ ଡିସକାଉଣ୍ଟରେ ବିଭିନ୍ନ ବ୍ରାଣ୍ଡର ଉତ୍ପାଦ କିଣାବାର ସୁଯୋଗ ପାଇବେ। କେବଳ ସେତିକି ନୁହେଁ, ସେଠାରେ ଆପଣ ଛୁଟି ମଧ୍ୟ କାଟି ପାରିବେ। ଏଥିନିମନ୍ତେ ସେଠାରେ ପର୍ଯ୍ୟାପ୍ତ ସ୍ପେଶ୍ର ବ୍ୟବସ୍ଥା ହୋଇଛି। ଲୁଲୁ ଗ୍ରୁପ୍ ପକ୍ଷରୁ କୁହାଯାଇଛି, କମ୍ପାନୀ ପୂର୍ବରୁ ଦେଶରେ ସପିଂ ମଲ୍, ହୋଟେଲ ଓ ଫୁଡ୍ ପ୍ରୋସେସିଂଙ୍ଗ ୟୁନିଟ୍ ବସାଇବାରେ ୨୦ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗ କରି ସାରିଛି। ଏବେ କମ୍ପାନୀ ଏହାକୁ ବିସ୍ତାର କରିବାକୁ ଚାହୁଁଛି। କମ୍ପାନୀ ଅହମଦାବାଦ ଓ ଚେନ୍ନାଇରେ ୨ଟି ପ୍ରୋଜେକ୍ଟ କାମ ଆରମ୍ଭ କରିବାକୁ ସଜବାଜ ହେଉଛି। ଆଗାମୀ ୨ ବର୍ଷରେ ଲୁଲୁ ଗ୍ରୁପ୍ ଦେଶରେ ୧୦ ହଜାର କୋଟି ନିବେଶ କରିବ। ସେଥିରେ ନୋଏଡା, ତେଲେଙ୍ଗାନା ଫୁଡ୍ ପ୍ରୋସେସିଂଙ୍ଗ ୟୁନିଟ୍ ସ୍ଥାପନ କରାଯିବ। ଏହାବାଦ ତେଲେଙ୍ଗାନାରେ କମ୍ପାନୀ ଏକ ଅତ୍ୟାଧୁନିକ ମିଟ୍ ପ୍ରୋସେସିଂଙ୍ଗ ପ୍ଲାଣ୍ଟ ବସାଇବ। ହାଇଦ୍ରାବାଦରେ ଏୟାରପୋର୍ଟ ନିକଟରେ ଏକ ଏଗ୍ରିକଲଚର ସୋର୍ସିଂଙ୍ଗ ଓ ଲଜିଷ୍ଟିକ୍ ହବ୍ ବିକଶିତ କରିବ। ଏହାବାଦ କମ୍ପାନୀ ଅହମଦାବା, ଶ୍ରୀନଗର, ଗ୍ରେଟର ନୋଏଡଡା ଓ ବାରଣାସୀରେ ଫୁଡ୍ ପ୍ରୋସେସିଂଙ୍ଗ ୟୁନିଟ୍ ଓ ରିଟେଲ ସ୍ଥାପନ କରିବ। କମ୍ପାନୀର ଏହି ନିବେଶ ଯୋଗୁ ଦେଶରେ ୫୦ ହଜାର ଚାକିରି ସୃଷ୍ଟି ହେବ ବୋଲି କୁହାଯାଇଛି।

## ପଞ୍ଚାୟତରେ ଡିଜିଟାଲ କାରବାର ବାଧ୍ୟତାମୂଳକ

**ନୂଆଦିଲ୍ଲୀ :** ଦେଶର ସବୁ ପଞ୍ଚାୟତ ଲାଗି ୟୁପିଆଇ ବାଧ୍ୟତାମୂଳକ କରାଯାଇଛି। ଅଗଷ୍ଟ ୧୫ ସୁଦ୍ଧା ସେମାନେ ସବୁ କାରବାର ୟୁପିଆଇରେ କରିବେ। ବିଶେଷକରି ସବୁ ବିକାଶମୂଳକ କାର୍ଯ୍ୟ ଓ ରାଜସ୍ୱ ସଂଗ୍ରହ ୟୁପିଆଇ ମାଧ୍ୟମରେ ହେବ। ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ରାଜ୍ୟଗୁଡ଼ିକ ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ୟୁପିଆଇକୁ ଗ୍ରହଣ କରିଥିବା ପଞ୍ଚାୟତ ବିଷୟରେ ଘୋଷଣା କରିପାରିବେ। କେନ୍ଦ୍ର ପଞ୍ଚାୟତିରାଜ ସଚିବ ସୁନିଲ କୁମାର କହିଛନ୍ତି ଯେ ଏବେ ଦେଶରେ ଥିବା ୯୮ ପ୍ରତିଶତ ପଞ୍ଚାୟତ ୟୁପିଆଇ ବ୍ୟବହାର କରୁଛନ୍ତି। ଆଗାମୀ ଦିନରେ ସବୁ ପଞ୍ଚାୟତରେ ଚେକ୍ ଓ ନଗଦ ରାଶିରେ କାରବାର ବନ୍ଦ କରାଯିବ। ସବୁ କାରବାର ଡିଜିଟାଲ୍ ମାଧ୍ୟମରେ ହେବ। ୟୁପିଆଇ ସେବା ବ୍ୟବହାର କରିବା ନିମନ୍ତେ ଭେଣ୍ଡର ଚୟନ କରିବା ପାଇଁ ପଞ୍ଚାୟତଗୁଡ଼ିକୁ କୁହାଯାଇଛି। ସେବା ପ୍ରଦାନକାରୀ ଓ ଭେଣ୍ଡରମାନଙ୍କ ସହ ଜୁନ୍ ୩୦ରେ ବୈଠକ କରିବାକୁ ସେମାନଙ୍କୁ କୁହାଯାଇଛି। ୟୁପିଆଇ ତାଲିକାରେ ଥିବା ପ୍ଲାଟଫର୍ମଗୁଡ଼ିକ ହେଉଛି ଗୁଗୁଲ୍‌ପେ, ଫୋନ୍‌ପେ, ପେଟିଏମ୍, ଭିମ୍, ମୋବିକ୍ୱିକ୍, ହ୍ୱାଟସ୍‌ଆପ୍, ଆମାଜନ୍ ପେ' ଓ ଭାରତପେ'। ଜୁଲାଇ ୧୫ ସୁଦ୍ଧା ପଞ୍ଚାୟତଗୁଡ଼ିକ ସେବା ପ୍ରଦାନକାରୀ ଚୟନ କରିବେ ଏବଂ ଜୁଲାଇ ୩୦ ସୁଦ୍ଧା ଭେଣ୍ଡର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ୟୁପିଆଇ କାରବାର ବିଷୟରେ ପଞ୍ଚାୟତଗୁଡ଼ିକୁ ସଚେତନ କରିବା ଲାଗି ଜିଲ୍ଲା ଓ ବ୍ଲକ୍ ସ୍ତରରେ ଅଧିକାରୀମାନଙ୍କୁ ତାଲିମ ଦିଆଯିବ ବୋଲି ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ରାଜ କପିଳ ମୋରେଶ୍ୱର କହିଛନ୍ତି। ସବୁକାମ ଡିଜିଟାଲ୍ ମାଧ୍ୟମରେ ହେଲେ ଦୁର୍ନୀତି ରୋକାଯାଇପାରିବ ବୋଲି ସେ କହିଛନ୍ତି।

### ଜାତୀୟ ରାଜପଥ ନିର୍ମାଣରେ ଭାରତ ବିଶ୍ୱରେ ଦ୍ୱିତୀୟ
# ୯ ବର୍ଷରେ ୧.୪୫ ଲକ୍ଷ କିମି ନିର୍ମାଣ

**ନୂଆଦିଲ୍ଲୀ :** ଜାତୀୟ ରାଜପଥ ନିର୍ମାଣ କ୍ଷେତ୍ରରେ ଚୀନ୍‌ର ରେକର୍ଡ ଭାଙ୍ଗିଛି ଭାରତ। ବିଗତ କିଛି ବର୍ଷ ମଧ୍ୟରେ ସଡ଼କ ନିର୍ମାଣ କ୍ଷେତ୍ରରେ ଭାରତ ଅଭୁତପୂର୍ବ ସଫଳତା ହାସଲ କରିବା ସହିତ ଆମେରିକା ପରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ସଡ଼କ ନେଟୱର୍କ ରାଷ୍ଟ୍ର ଭାବେ ପ୍ରତିଷ୍ଠାଲାଭ କରିଛି। ୨୦୧୪ ପରେ କେନ୍ଦ୍ର ସରକାର ଦେଶର ରାଜପଥ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରି ତ୍ୱରାନ୍ୱିତ କରିଥିଲା ବେଳେ ଗତ ୯ ବର୍ଷ ମଧ୍ୟରେ ୧.୪୫ ଲକ୍ଷ କିମି ସଡ଼କ ନିର୍ମାଣ କରାଯାଇଛି ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ଇତିମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ଦ୍ୱାରା ନିର୍ମାଣ କରାଯାଇଥିବା



ବିଭିନ୍ନ ସଡ଼କ ପ୍ରକଳ୍ପ ସମେତ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଗଡ଼କରୀ କହିଛନ୍ତି ଯେ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ସଡ଼କ ଭିତ୍ତିଭୂମିରେ କମ୍ ସମୟ ମଧ୍ୟରେ ଦ୍ରୁତ ପରିବର୍ତ୍ତନ ଅଣାଯାଇପାରିଛି। ଗତ ୯ ବର୍ଷ ମଧ୍ୟରେ ଦେଶର ସଡ଼କ ନେଟୱର୍କ ୫୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୩-୧୪ ଆର୍ଥିକ ବର୍ଷ ସୁଦ୍ଧା ଦେଶର ସଡ଼କ ନେଟୱର୍କ ୯୧,୨୮୭ କିଲୋମିଟର ମଧ୍ୟରେ ସୀମିତ ଥିଲା। କିନ୍ତୁ ବର୍ତ୍ତମାନ ଏହା ୧,୪୫,୨୪୦ କିଲୋମିଟରରେ ପହଞ୍ଚିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଗ୍ରୀନଫିଲ୍ଡ ଏକ୍ସପ୍ରେସ୍ୱେ ପ୍ରତିଷ୍ଠା କରାଯିବା ସହିତ ୨୦୧୯ ଏପ୍ରିଲ ପରେ ବର୍ତ୍ତମାନ ସୁଦ୍ଧା ୩୦ ହଜାର କିମି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ଭାରତର ଦୀର୍ଘତମ ଏକ୍ସପ୍ରେସ୍ ୱେ ଭାବେ ଦିଲ୍ଲୀ-ମୁମ୍ବାଇ ଜାତୀୟ ରାଜପଥ ପ୍ରକଳ୍ପ ଖୁବଶୀଘ୍ର ଶେଷ ହେବାକୁ ଯାଉଛି ବୋଲି ଗଡ଼କରୀ କହିଛନ୍ତି। ଇତିମଧ୍ୟରେ ଏନଏଚଏଆଇ ଅନେକ କ୍ଷେତ୍ରରେ ମଧ୍ୟ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ଗତ ମେ' ମାସରେ ୧୦୦ ଘଣ୍ଟାରେ ୧୦୦ କିମି ରାଜପଥ ନିର୍ମାଣ କରି ବିଶ୍ୱ ରେକର୍ଡ ଅତିକ୍ରମ କରାଯାଇଛି ବୋଲି ସେ କହିଛନ୍ତି। ସେହିପରି ଗତବର୍ଷ ଅଗଷ୍ଟ ମାସରେ ୧୦୫ ଘଣ୍ଟା ମଧ୍ୟରେ ୭୫ କିମି ସଡ଼କ ନିର୍ମାଣ କରି ଏନଏଚଏଆଇ ଗିନିଜ୍ ୱାର୍ଲଡ ରେକର୍ଡ କରିଥିଲା ବୋଲି ସେ କହିଛନ୍ତି। ଟୋଲ ଆଦାୟ କ୍ଷେତ୍ରରେ ମଧ୍ୟ ଅନେକ ସଫଳତା ହାସଲ କରାଯାଇଛି। ଅଣ ବିଜେପି ସରକାରଙ୍କ ସମୟରେ ଦେଶର ବାର୍ଷିକ ଟୋଲ୍ ରାଜସ୍ୱ ସଂଗ୍ରହ ପରିମାଣ ୪,୭୭୦ କୋଟି ଥିଲା। କିନ୍ତୁ ବର୍ତ୍ତମାନ ଏହି ପରିମାଣ ୪୧,୩୪୨ ଟଙ୍କାରେ ପହଞ୍ଚିଛି। ୨୦୩୦ ସୁଦ୍ଧା ଟୋଲ ରାଜସ୍ୱ ସଂଗ୍ରହ ପରିମାଣ ୧.୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଗଡ଼କରୀ କହିଛନ୍ତି।

### ଏନ୍‌ଆରଏଫ ବିଲ୍ ୨୦୨୩କୁ ଉପସ୍ଥାପନ କରିବା ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ
# ଦେଶରେ ସୁଦୃଢ ହେବ ଗବେଷଣା ପରିବେଶ

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସଂସଦରେ ଜାତୀୟ ଗବେଷଣା ଫାଉଣ୍ଡେସନ (ଏନ୍‌ଆରଏଫ) ବିଲ-୨୦୨୩କୁ ଉପସ୍ଥାପନ କରିବା ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ବିଲ୍ ଗୃହୀତ ହେଲେ ଦେଶରେ ଏନ୍‌ଆରଏଫ୍ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର ହେବ। ଏହା ଦେଶର ଗବେଷଣା ଓ ଉନ୍ନୟନ ପାଇଁ ପାଣ୍ଠି ଯୋଗାଣ ଓ ଏହାର ପ୍ରୋତ୍ସାହନ ଦିଗରେ କାମ କରିବ। ଏହା ମଧ୍ୟ ଦେଶରେ ଗବେଷଣା ଓ ଉନ୍ନୟନ ପରିବେଶକୁ ସୁଦୃଢ କରିବ। ଦେଶର ସବୁ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ, ଗବେଷଣା ପ୍ରତିଷ୍ଠାନ ଓ ଗବେଷଣା ଉନ୍ନୟନ ପରୀକ୍ଷାଗାର ଗୁଡିକରେ ଗବେଷଣା ଏବଂ ସହଭାଗିତାରା ଏକ ନୂଆ ସଂସ୍କୃତି ଓ ବାତାବରଣ ସୃଷ୍ଟି ହୋଇପାରିବ। ବିଲ୍‌ଟି ସାଂସଦର ଅନୁମୋଦନ ଲାଭ କରିବା ପରେ ଆଇନରେ ପରିଣତ ହେବ। ତଦନୁସାରେ ଦେଶରେ ଏକ ଜାତୀୟ ଗବେଷଣା ଫାଉଣ୍ଡେସନ ବା ଏନ୍‌ଆରଏଫ୍ ପ୍ରତିଷ୍ଠା କରାଯିବ। ନୂଆ ଜାତୀୟ ଶିକ୍ଷାନୀତିର ସୁପାରିସ ଅନୁସାରେ ଏନ୍‌ଆରଏଫ ଦେଶରେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଶୀର୍ଷ ଅନୁଷ୍ଠାନ ଭାବେ କାମ କରିବ। ଦେଶରେ ବିଜ୍ଞାନଭିତ୍ତିକ ଗବେଷଣା କିପରି ହେବ ସେଥିପାଇଁ ଏହା ଉଚ୍ଚସ୍ତରୀୟ ରଣକୌଶଳାତ୍ମକ ନିର୍ଦ୍ଦେଶ ପ୍ରଦାନ କରିବ। ପାଞ୍ଚବର୍ଷ (୨୦୨୩-୨୮) ପାଇଁ ଏନ୍‌ଆରଏଫ ମୋଟ ୫୦, ୦୦୦ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ କରିବ ବୋଲି ହିସାବ କରାଯାଇଛି। କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପ୍ରଶାସନିକ ନିୟନ୍ତ୍ରଣରେ ଏନ୍‌ଆରଏଫ୍ କାର୍ଯ୍ୟ କରିବ। ଏକ ପରିଚାଳନା ମଣ୍ଡଳୀ ଏହାର ଦାୟିତ୍ୱରେ ରହିବ। ଏହି ମଣ୍ଡଳୀ ଏହାର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବ। ଏଥିରେ ବିଭିନ୍ନ ବିଭାଗ ଓ କ୍ଷେତ୍ରର ପ୍ରଖ୍ୟାତ ପେସାଦାର ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସଦସ୍ୟଭାବେ ଗ୍ରହଣ କରାଯିବ। ଏନ୍‌ଆରଏଫର ପରିସର ବ୍ୟାପକ ହୋଇଥିବାରୁ ଏବଂ ଏଥିରେ ଦେଶର ସବୁ ମନ୍ତ୍ରଣାଳୟର ସମ୍ପୃକ୍ତି ରହୁଥିବାରୁ ପ୍ରଧାନମନ୍ତ୍ରୀ ଏହାର ପଦପ୍ରଯୁକ୍ତ (ଏକ୍ସ ଅଫିସିଓ) ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ସେହିଭଳି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହାର ଏକ୍ସ ଅଫିସଓ ଉପାଧ୍ୟକ୍ଷ ଦାୟିତ୍ୱରେ ରହିବେ। ଭାରତ ସରକାରଙ୍କ ବୈଜ୍ଞାନିକ ପରାମର୍ଶଦାତାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କାର୍ଯ୍ୟନିର୍ବାହୀ ପରିଷଦ ଏହାର ପରିଚାଳନା ଦାୟିତ୍ୱ ନିର୍ବାହ କରିବ। ଏହି ସଂସ୍ଥା ଉଦ୍ୟୋଗ, ଶିକ୍ଷାବିତ୍, ଶିକ୍ଷାନୁଷ୍ଠାନ, ଉଦ୍ୟୋଗପତି, ଗବେଷଣା ପ୍ରତିଷ୍ଠାନ ଓ ବିଭିନ୍ନ ସରକାରୀ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାମ କରିବ। ଏହା ମଧ୍ୟ ଗବେଷଣା ଓ ଉନ୍ନୟନ କାର୍ଯ୍ୟରେ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଓ ଦିଗ୍‌ଦର୍ଶନ ଦେବ। ଏହା ମଧ୍ୟ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ନିୟାମକ ଭୂମିକା ନିର୍ବାହ କରିବ। ଏହି ବିଲ୍ ପାରିତ ହେଲେ ୨୦୦୮ରେ ପ୍ରତିଷ୍ଠା ହୋଇଥିବା ବିଜ୍ଞାନ ଓ ଇଞ୍ଜିନିୟିରିଂ ଗବେଷଣା (ଏସ୍ଇଆରବି) ବୋର୍ଡ ଅବସାନ ଘଟିବ ଏବଂ ସେହି ପୁରୁଣା ନିୟମ ଅଚଳ ହୋଇଯିବ। ଏସ୍ଇଆରବିର ସମସ୍ତ କାର୍ଯ୍ୟ ଏନ୍‌ଆରଏଫକୁ ହସ୍ତାନ୍ତରିତ ହେବ।




# ରାଜ୍ୟ ସରକାରଙ୍କ ସର୍ବଶ୍ରେଷ୍ଠ ୩ଟି ଯୋଜନାକୁ ନିତି ଆୟୋଗଙ୍କ ପ୍ରଶଂସା

**ଭୁବନେଶ୍ୱର :** ମିଲେଟ କ୍ଷେତ୍ରରେ ଓଡିଶା ମିଲେଟ ମିଶନର ଅବଦାନକୁ ଜାତୀୟ ସ୍ତରରେ ମିଳିଛି ପ୍ରଶଂସା। ନିମୋନିଆ ଓ ଡାଇରିଆ ଭଳି ରୋଗର ନିୟନ୍ତ୍ରଣ ଯୋଗୁଁ ରାଜ୍ୟରେ କମିଛି ଶିଶୁ ମୃତ୍ୟୁହାର। ଏହାସହ କୋରାପୁଟ ଭଳି ଆଦିବାସୀ ବହୁଳ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓ ମାଧ୍ୟମରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଭଳି ପଦକ୍ଷେପକୁ ନିତି ଆୟୋଗଙ୍କ ପ୍ରଶଂସା। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ନିତି ଆୟୋଗ ଦେଶର ୭୫ଟି ବେଷ୍ଟ ପ୍ରାକ୍ଟିସକୁ ନେଇ ପ୍ରକାଶ କରିଛି ସ୍ୱତନ୍ତ୍ର ସୋସିଆଲ ସେକ୍ଟର ରିପୋର୍ଟ। ଓଡ଼ିଶା ମିଲେଟ ମିଶନ ଦେଇଛି ନୂଆ ପରିଚୟ। ସବୁଠି ଓଡ଼ିଶା ପାଇଛି ସଫଳତା। ଶିଶୁ ମୃତ୍ୟୁହାର କମାଇବାରେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ। ଯୋଗାଯୋଗ କ୍ଷେତ୍ରରେ ବି କମ୍ୟୁନିଟି ରେଡ଼ିଓ କରୁଛି କମାଲ। ଓଡ଼ିଶାର ୩ଟି ସରକାରୀ କାର୍ଯ୍ୟକ୍ରମକୁ ନୀତି ଆୟୋଗଙ୍କ ପ୍ରଶଂସା। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିଭିନ୍ନ ରାଜ୍ୟର ୭୫ଟି ସର୍ବଶ୍ରେଷ୍ଠ କାର୍ଯ୍ୟକ୍ରମକୁ ନେଇ ନିତି ଆୟୋଗ ପ୍ରକାଶ କରିଛି ସ୍ୱତନ୍ତ୍ର ରିପୋର୍ଟ। 'ବେଷ୍ଟ ପ୍ରାକ୍ଟିସ ଇନ୍ ସୋସିଆଲ ସେକ୍ଟର: ଏ କମ୍ପେଡ଼ିୟମ ୨୦୨୩' ରିପୋର୍ଟରେ ସାମାଜିକ କ୍ଷେତ୍ରରେ ବିଭିନ୍ନ ରାଜ୍ୟ ସରକାର ନେଉଥିବା ଭଲ ପଦକ୍ଷେପକୁ ପ୍ରଶଂସା କରାଯାଇଛି। ଏପରିକି ସବୁ ସର୍ବଶ୍ରେଷ୍ଠ କାର୍ଯ୍ୟକ୍ରମକୁ ଅନ୍ୟମାନେ ଅନୁକରଣ କରିବା ଉଚିତ ବୋଲି ନିତି ଆୟୋଗ ପରାମର୍ଶ ଦେଇଛି। ରାଜ୍ୟରେ ମିଲେଟ ଚାଷ ବୃଦ୍ଧି ସହ ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛି ଓଡ଼ିଶା। ୨୦୧୭ରୁ ୫ ଜିଲ୍ଲାରେ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ ମିଶନ ଏବେ ୩୦ ଜିଲ୍ଲାର ୧୭୭ ବ୍ଲକରେ କାମ କରୁଛି। ଏହାକୁ ଛତିଶଗଡ଼ ଓ ମହାରାଷ୍ଟ୍ର ସରକାର ଅନୁକରଣ କରିଛନ୍ତି। ଓଡ଼ିଶା ମିଲେଟ ମିଶନ ବିଷୟରେ ଅଧିକ ଜାଣିବା ପାଇଁ କେନ୍ଦ୍ର ସରକାର ଏକ ଟାସ୍କ ଫୋର୍ସ ଗଠନ କରିବା ସହ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଏହା ଉପରେ ଗବେଷଣା କରୁଛି। ସେହିପରି ନିମୋନିଆ ଓ ଡାଇରିଆ ରୋଗର ନିରାକରଣ ପାଇଁ ରାଜ୍ୟ ସରକାର ଏଚବିଏନସି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଘରେ ନବଜାତ ଶିଶୁଙ୍କ ଯତ୍ନ ନେବା ପାଇଁ ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ବୋଲି ନୀତି ଆୟୋଗ ମତ ଦେଇଛି। ଏହାଦ୍ୱାରା ରାଜ୍ୟରେ ଶିଶୁ ମୃତ୍ୟୁହାର କମିପାରିଛି। କୋରାପୁଟ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଉତ୍ତମ ଯୋଗାଯୋଗ ପାଇଁ ଜିଲ୍ଲା ପ୍ରଶାସନର 'ଢେମସା ରେଡ଼ିଓ' ଆଦିବାସୀ ଭାଷାରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ସ୍ୱାସ୍ଥ୍ୟ ସମ୍ପର୍କୀତ ଗୁରୁତ୍ୱପୂର୍ଣ୍ଣ ସୂଚନା ସ୍ଥାନୀୟ ଅଞ୍ଚଳରେ ଖୁବ୍ ଗ୍ରହଣୀୟ ହୋଇଛି। ପୂର୍ବରୁ ଓଡ଼ିଶା ସରକାରଙ୍କ ମମତା ଯୋଜନା, ସ୍ୱଚ୍ଛ ଖଣି କାରବାର ପାଇଁ ଆଇଥ୍ରୀଏମ୍ଏସ୍ ଭଳି କାର୍ଯ୍ୟକ୍ରମକୁ ଅନ୍ୟ ରାଜ୍ୟଗୁଡ଼ିକ ଆପଣାଇବା ପାଇଁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ଏବେ ରାଜ୍ୟର ଆଉ ୩ଟି ସର୍ବଶ୍ରେଷ୍ଠ ଯୋଜନାକୁ ନୀତି ଆୟୋଗର ସ୍ୱୀକୃତି ଦେଇଛି।

**କେନ୍ଦ୍ର କ୍ୟାବିନେଟର ବଳିଷ୍ଠ ପଦକ୍ଷେପ; ୟୁରିଆ ସବସିଡି ଯୋଜନା ଜାରୀ ରହିବ**


# 'ଚାଷୀ ଓ ଚାଷକୁ ଅଗ୍ରାଧିକାର ଦେଇଛନ୍ତି ମୋଦି ସରକାର'

**ଭୁବନେଶ୍ୱର :** କ୍ୟାବିନେଟର ନିଷ୍ପତି ଅନୁଯାୟୀ ଆସନ୍ତା ୩ ବର୍ଷ ପାଇଁ (୨୦୨୨-୨୩, ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷ) ୟୁରିଆ ସାର ସବସିଡି ପ୍ରଦାନ ବାବଦରେ କେନ୍ଦ୍ର ସରକାର ୩.୭୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ସେହିପରି ଗୋବର୍ଦ୍ଧନ ଯୋଜନାରେ ଖର୍ଚ୍ଚ ହେବ ଆହୁରି ୧୪୫୧କୋଟି ଟଙ୍କା। ଏଥର ପୂର୍ବରୁ ମୃତ୍ତିକାର ସଲଫର ଅଭାବ ଦୂର କରିବା ପାଇଁ ଚାଷୀଙ୍କୁ ଦିଆଯିବ ସଲଫର କୋଟେଡ ୟୁରିଆ (ୟୁରିଆ ଗୋଲ୍ଡ)। ନିମ୍ କୋଟେଡ ୟୁରିଆ, ନାନୋ ୟୁରିଆର ପ୍ରଚଳନ ଦ୍ୱାରା ଜମିର ଉର୍ବରତା ବୃଦ୍ଧି ପାଇବା ସହ କୃଷକର ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ୟୁରିଆ ସାରର ବାସ୍ତବ ମୂଲ୍ୟ ବସ୍ତା ପ୍ରତି ୨୨୦୦ ଟଙ୍କା ହୋଇଥିବାବେଳେ କେନ୍ଦ୍ର ସରକାର ସବସିଡି ପ୍ରଦାନ କରି ମାତ୍ର ୨୪୨ ଟଙ୍କାରେ ଏହା ଚାଷୀଙ୍କୁ ଉପଲବ୍ଧ କରାଉଛନ୍ତି। କେନ୍ଦ୍ର ସରକାର ୨୦୧୪-୧୫ ରେ ଉର୍ବରକ ସବସିଡି ପାଇଁ ୭୩,୦୬୭ କୋଟି ବହନ କରିଥିବାବେଳେ ୨୦୨୨-୨୩ରେ ୨,୫୪,୭୯୯ କୋଟି ଖର୍ଚ୍ଚ ଟଙ୍କା ବହନ କରିଛନ୍ତି । ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଏବଂ ଐତିହାସିକ ପଦକ୍ଷେପ ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସମବାୟ ବିଭାଗ ମନ୍ତ୍ରୀ ଅମିତ ଶାହାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ୮୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଚାଷୀଙ୍କ ଅର୍ଥନୀତି ସୁଦୃଢ଼ ହେଲେ ଦେଶର ଅର୍ଥନୀତି ସୁଦୃଢ଼ ହେବ। ଏଥିଲାଗି କୃଷକଙ୍କ ଆୟକୁ ଦିଗୁଣିତ କରିବା ପାଇଁ ମୋଦି ସରକାର ବଦ୍ଧପରିକର। ମୋଦି ସରକାର ୨୦୧୪ରେ ଶାସନ କ୍ଷମତାକୁ ଆସିବା ପରେ କୃଷକଙ୍କ କଲ୍ୟାଣ ପାଇଁ ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ଯୋଜନାର କାର୍ଯ୍ୟାନ୍ୱୟନ କରିଚାଲିଛନ୍ତି। ଏହି ଯୋଜନା ଗୁଡିକ ହେଲା ଚାଷୀଙ୍କ ପାଇଁ ପିଏମ କିଷାନ ସମ୍ମାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ସଏଲ ହେଲ୍ଥ କାର୍ଡ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ଇ-ନାମ (ନ୍ୟାସନାଲ ଏଗ୍ରିକଲଚର ମାର୍କେଟ), ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସଂପଦ ଯୋଜନା ଇତ୍ୟାଦି ଯୋଜନାମାନଙ୍କର କାର୍ଯ୍ୟାନ୍ୱୟନ କରିଛନ୍ତି। ମୋଦିଜୀ ଶାସନ କ୍ଷମତାକୁ ଆସିବା ପରେ ବିଭିନ୍ନ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୩୪୦ଟଙ୍କାରୁ ୨୧୮୩ଟଙ୍କାକୁ ବୃଦ୍ଧି ପାଇଛି। ଚାଷୀମାନଙ୍କର ଭାର ଲାଘବ କରିବା ପାଇଁ କେନ୍ଦ୍ର ସରକାର ଅନବରତ ଚେଷ୍ଟା ଜାରି ରଖିଥିବାରୁ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କର ସମସ୍ତ ଯୋଜନା ରାଜ୍ୟ ସରକାରଙ୍କ ନିକଟରେ ଆସି ପଡିରହୁଛି, ଲାଭାର୍ଥୀଙ୍କ ନିକଟରେ ଏହା ପହଁଚିପାରୁନାହିଁ। କୃଷି ଓ ସମବାୟ କ୍ଷେତ୍ରରେ ଓଡିଶାର ଚାଷୀଙ୍କ ବିକାଶ ପାଇଁ ଆସିଥିବା ଟଙ୍କାକୁ ରାଜ୍ୟ ସରକାର ସଠିକ୍ ବ୍ୟବହାର କରନ୍ତୁ ବୋଲି ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି।

# ଆଉ ୨ବର୍ଷ ବଢ଼ିଲା ମହାନଦୀ ଟ୍ରିବ୍ୟୁନାଲ ଅବଧି



**ଭୁବନେଶ୍ୱର :** ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅବଧିକୁ କେନ୍ଦ୍ର ସରକାର ଆଉ ୨ବର୍ଷ ବୃଦ୍ଧି କରିଛନ୍ତି। ଟ୍ରିବ୍ୟୁନାଲଙ୍କ ଅବଧି ୨୦୨୬ ଏପ୍ରିଲ ୧୩ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଟ୍ରିବ୍ୟୁନାଲ ଏହି ବିବାଦର ସମାଧାନ କରିବାରେ ସକ୍ଷମ ହୋଇନଥିବାରୁ ଟ୍ରିବ୍ୟୁନାଲଙ୍କ ଅନୁରୋଧ ପରେ କେନ୍ଦ୍ର ସରକାର ଏହି ଅବଧି ବୃଦ୍ଧି କରିଛନ୍ତି। ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ବିବାଦର ସମାଧାନ ପାଇଁ ଏହି ଟ୍ରିବ୍ୟୁନାଲ ଗଠନ ହୋଇଛି ଓ ଏହାର କାର୍ଯ୍ୟକାଳ ପୂର୍ବରୁ ୨ବର୍ଷ ନିମନ୍ତେ ବୃଦ୍ଧି ହୋଇଥିଲା। ଏପଟେ ରାଜ୍ୟ ସରକାର ଆଜି ରାଜ୍ୟର ପ୍ରବାହିତ ପ୍ରମୁଖ ୪ ନଦୀ ଯଥା-ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ଋଷିକୁଲ୍ୟାର ୫ଦିନ ଜଳସ୍ତର କେଉଁ ସ୍ଥାନରେ କେତେ ରହିଛି ନେଇ ରିପୋର୍ଟ ପଠାଇବାକୁ ନିଜର କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଆନ୍ତଃ ରାଜ୍ୟ ନଦୀ ଜଳବିବାଦ ଆଇନ-୧୯୫୬ର ଧାରା-୫(୨) ଅନୁସାରେ ଟ୍ରିବ୍ୟୁନାଲ ନିଜର ରିପୋର୍ଟ ଓ ନିଷ୍ପତ୍ତି ୩ବର୍ଷ ମଧ୍ୟରେ ଦାଖଲ କରିବା ଆବଶ୍ୟକ। କିନ୍ତୁ ୨୦୨୧ ମାର୍ଚ୍ଚ ୧୧ତାରିଖର ଧାର୍ଯ୍ୟ ସମୟସୀମା ମଧ୍ୟରେ ଟ୍ରିବ୍ୟୁନାଲ ନିଜର ରିପୋର୍ଟ ଦେବାରେ ବିଫଳ ହେବାପରେ କେନ୍ଦ୍ର ସରକାର ଏହି ଅବଧିକୁ ଆଉ ଦୁଇବର୍ଷ ଅର୍ଥାତ୍ ୨୦୨୩ ମାର୍ଚ୍ଚ ୧୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ତେବେ କୋଭିଡ ମହାମାରୀ ଯୋଗୁ ଟ୍ରିବ୍ୟୁନାଲ ନିଜ କାର୍ଯ୍ୟ କରିପାରିନଥିଲେ। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚରୁ ୨୦୨୧ ଜୁନ୍ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିନଥିବା ଦର୍ଶାଇ ଟ୍ରିବ୍ୟୁନାଲ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣିଥରେ ଅବଧି ବୃଦ୍ଧି ପାଇଁ ଅନୁରୋଧ କରାଯାଇଥିଲା। ଉଲ୍ଲେଖ ଯୋଗ୍ୟ, ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ବିବାଦ ବଢ଼ିବା ପରେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଟ୍ରିବ୍ୟୁନାଲ ସଦସ୍ୟ ଇତିମଧ୍ୟରେ ମହାନଦୀ ପ୍ରବାହିତ ହେଉଥିବା ଓଡ଼ିଶା ସମେତ ଛତିଶଗଡ଼କୁ ଯାଇ ମହାନଦୀର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି।

# ଯାନବାହାନରେ କେବେ ଲାଗିବ ଭିଏଲ୍‌ଟିଡି ଓ ପାନିକ ବଟନ ?

**ଭୁବନେଶ୍ୱର :** ରାଜ୍ୟରେ କେବେ ଯାତ୍ରୀଙ୍କୁ ମିଳିବ ସୁରକ୍ଷିତ ଯାତ୍ରାର ଆଶ୍ୱାସନା? ବାସ୍ତବ ରୂପ ନେବ ତ' ଭେଇକିଲ ଲୋକେସନ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ଓ ପାନିକ ବଟନ ବାଧ୍ୟତାମୂଳକ ବ୍ୟବସ୍ଥା? ନା ଏହା ପରିବହନ ବିଭାଗର ଭେଳିକି? କାରଣ ଠଖଞ୍ଜଉ ବ୍ୟବସ୍ଥା କାର୍ଯ୍ୟକାରୀ ନିଷ୍ପତ୍ତି ଦୁଇ ଦୁଇ ଥର ଘୁଞ୍ଚିଲାଣି। ଭିତ୍ତିଭୂମି ଅଭାବ କଥା କହି ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ଯାତ୍ରୀ ସୁରକ୍ଷା ନେଇ ତିଥି ଗଡ଼ାଇ ଚାଲିଛି ପରିବହନ ବିଭାଗ। ୨୦୨୩ ଏପ୍ରିଲରୁ ରାଜ୍ୟରେ ସବୁ ଯାତ୍ରୀବାହୀ ଗାଡ଼ିରେ ଠଖଞ୍ଜଉ ଓ ପାନିକ ବଟନ ବାଧ୍ୟତାମୂଳକ କରିବାକୁ ଗତ ବର୍ଷ ସେପଟେମ୍ବରରେ ବିଜ୍ଞପ୍ତି ଜାରି କରିଥିଲା ପରିବହନ ବିଭାଗ। ଏହାପରେ ଭିତ୍ତିଭୂମି ଅଭାବ ବାହାନା ଦେଖାଇ ଏ ଅବଧିକୁ ଜୁନ୍ ୩୦ ଯାଏଁ ସମ୍ପ୍ରସାରଣ କରାଯାଇଥିଲା। ଏବେ ରାଜ୍ୟ ପରିବହନ ପ୍ରାଧିକରଣ କହୁଛି, ଭିଏଲ୍‌ଟିଡି ଓ ପାନିକ୍ ବଟନ କାର୍ଯ୍ୟକାରୀ ପାଇଁ ଭିତ୍ତିଭୂମି ପ୍ରସ୍ତୁତି କରିବାକୁ ବିଏସ୍‌ଏନ୍‌ଏଲକୁ ଦାୟିତ୍ୱ ଦିଆଯାଇଛି। ୨ ମାସ ମଧ୍ୟରେ ଭିତ୍ତିଭୂମି କାମ ସାରିବାକୁ ପ୍ରତିଶ୍ରୁତି ଦେଇଛି ବିଏସ୍‌ଏନ୍‌ଏଲ୍। ଭିତ୍ତିଭୂମି କାମ ସରିବା ପରେ ସେପ୍ଟେମ୍ବର ଶେଷ



କିମ୍ବା ଅକ୍ଟୋବରରୁ ରାଜ୍ୟରେ କାର୍ଯ୍ୟକାରୀ ହେବ ଭେଇକିଲ ଲୋକେସନ ଟ୍ରାକିଂ ଡିଭାଇସ ବ୍ୟବସ୍ଥା। ତେବେ କ'ଣ ଏ ଭିଏଲ୍‌ଟିଡି ଓ ପାନିକ ବଟନ? ଏହା କିଭଳି କାମ କରିବ? କ'ଣ ସବୁ ଫାଇଦା ମିଳିବ? ଟ୍ରାକିଂ ଡିଭାଇସ୍ ବିଶେଷଜ୍ଞଙ୍କ ମତରେ, ଭିଏଲ୍‌ଟିଡି ହେଉଛି ଜିପିଆରଏସ୍ ଆଧାରିତ ଏକ ଡିଭାଇସ୍। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ, ରାଜ୍ୟର ସବୁ ଯାତ୍ରୀବାହୀ ଗାଡ଼ିର ଗତିବିଧି ଟ୍ରାକ୍ କରାଯାଇପାରିବ। ଗାଡ଼ି କେଉଁ ରୁଟରେ ଯାଉଛି, କେତେ ବେଗରେ ଗତି କରୁଛି? ପରମିଟ୍ ଅଛି ନା ନାହିଁ? ସବୁକିଛି ଟ୍ରାକ୍ ହୋଇପାରିବ। ଏମିତିକି ଅସୁବିଧାରେ ପଡ଼ି ଯାତ୍ରୀ ପାନିକ ବଟନ୍ ଦବାଇଲେ, ଗାଡ଼ିର ସବିଶେଷ ତଥ୍ୟ ନିକଟସ୍ଥ ପୁଲିସ୍ ଷ୍ଟେସନ, ଆରଟିଓ ଅଫିସ ଓ ଗାଡ଼ି ମାଲିକଙ୍କ ପାଖକୁ ସୂଚନା ଯିବ। ଏପଟେ ଗାଡ଼ି ମାଲିକଙ୍କ କହିବା କଥା, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଭଳି ଭେଇକିଲ ଲୋକେସନ ଟ୍ରାକିଂ ଡିଭାଇସ୍ କେବଳ ଏକ ଫାର୍ସ। ରାଜସ୍ୱ ଆଦାୟର ନୂଆ ଫଣ୍ଡା। ଅନ୍ୟପକ୍ଷରେ ସଡ଼କ ସୁରକ୍ଷା ବିଶେଷଜ୍ଞ କହିଛନ୍ତି, ଭିଏଲ୍‌ଟିଡି ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ରାଜ୍ୟରେ ଏ ଯାଏଁ ଭିତ୍ତିଭୂମି ନାହିଁ। ଏହାଛଡ଼ା ଗାଡ଼ି ମାଲିକମାନେ କେଉଁ କମ୍ପାନିର ଭିଏଲ୍‌ଟିଡି ଲଗାଇବେ, ଏହା ଉପରେ କମ୍ପାନୀ କେତେ ଦିନର ଗ୍ୟାରେଣ୍ଟି ଦେବ, ସେନେଇ ବି କୌଣସି ସ୍ପଷ୍ଟତା ଆସିନି।

# ଏଣିକି ସପ୍ତାହସାରା ଆହାର

**ଭୁବନେଶ୍ୱର :** ଆଉ ରବିବାରରେ ଖାଦ୍ୟପାଇଁ ହନ୍ତସନ୍ତ ହେବେନି ଡାକ୍ତରଖାନା ଆସୁଥିବା ଗରିବ। ଏଣିକି ରବିବାରରେ ବି ଡାକ୍ତରଖାନା ପରିସରରେ ଖୋଲା ରହିବ ଆହାର କେନ୍ଦ୍ର। ଏନେଇ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମସ୍ତ ମହାନଗର ନିଗମ କମିଶନର ତଥା ସିଟି ଆହାର ସମିତି ସଭାପତି ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ଆହାର ସମିତିର ସଭାପତିମାନଙ୍କୁ ଅବଗତ କରାଯାଇଛି। ଏଥିପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଏବେ ରାଜ୍ୟରେ ମୋଟ ୧୬୭ଟି ଆହାର କେନ୍ଦ୍ର ରହିଛି। ସେଥିରୁ ୮୨ଟି କେନ୍ଦ୍ର ଡାକ୍ତରଖାନା ପରିସରରେ ରହିଛି। ଏଥିରୁ ୫୮ଟିରେ ରାତିରେ ମଧ୍ୟ ଖାଦ୍ୟ ମିଳୁଛି। ୮୨ଟି କେନ୍ଦ୍ରରେ ଦୈନିକ ହାରାହାରି ୪୮ହଜାର ଲୋକ ଉପକୃତ ହେଉଛନ୍ତି। ରବିବାର କେନ୍ଦ୍ରଗୁଡିକ ବନ୍ଦ ରହୁଥିବାରୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ସ୍ୱାସ୍ଥ୍ୟ ବିଭାଗ ଗୃହ ଓ ନଗର ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲା। ଆବଶ୍ୟକାକୁ ଦୃଷ୍ଟିରେ ରଖି



ରବିବାର ମଧ୍ୟ ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ରଗୁଡିକ ଖୋଲା ରଖିବା ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟରେ ବଢିବ ଆହାର କେନ୍ଦ୍ରର ପରିସର। ଖୋଲିବ ଆଉ ୯୩ଟି ନୂଆ ଆହାର କେନ୍ଦ୍ର। ଏଥିପାଇଁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟରେ ଏବେ ୧୬୭ଟି ଆହର କେନ୍ଦ୍ର ଥିବାବେଳେ ୯୩ଟି ନୂତନ କେନ୍ଦ୍ର ହୋଇ ସଂଖ୍ୟା ୨୬୦କୁ ବୃଦ୍ଧି ପାଇବ। ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ସମସ୍ତ ଆହର କେନ୍ଦ୍ର ସମସ୍ତ ପ୍ରାଥମିକ ଓ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଥବା ନିକଟରେ ଖୋଲାଯିବ। ଏହାଦ୍ୱାରା ଏକ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ।

# ଜାତୀୟ ବଫରରୁ ହରଡ଼ ଡାଲି ଯୋଗାଇ ଦେବେ କେନ୍ଦ୍ର ସରକାର


**ଭୁବନେଶ୍ୱର, (ପିଆଇବି):** ଉପଭୋକ୍ତାଙ୍କ ସୁବିଧା ପାଇଁ ଜାତୀୟ ବଫର୍ ଷ୍ଟକୁ ହରଡ଼ ଡାଲି ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆମଦାନୀ କରାଯାଇଥିବା ହରଡ଼ ଡାଲି ଭାରତୀୟ ବଜାରରେ ନିର୍ଦ୍ଧାରିତ ଓ ଲକ୍ଷ୍ୟ ଆଧାରିତ ଢଙ୍ଗରେ ନପହଞ୍ଚିବା ପର୍ଯ୍ୟନ୍ତ ସରକାର ଡାଲି ଯୋଗାଇଦେବେ। ଅନଲାଇନ ନିଲାମୀ ଜରିଆରେ ଯୋଗ୍ୟ ମିଲର୍ମାନଙ୍କୁ ଡାଲି ଯୋଗାଣ ନିମନ୍ତେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନ ଉପଭୋକ୍ତା ବ୍ୟାପାର ବିଭାଗ ପକ୍ଷରୁ ଜାତୀୟ କୃଷି ସମବାୟ ବିପଣନ ମହାସଂଘ (ନାଫେଡ) ଓ ଜାତୀୟ ସମବାୟ ଉପଭୋକ୍ତା ମହାସଂଘ (ଏନସିସିଏଫ)କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଉପଭୋକ୍ତାଙ୍କ ଖାଇବା ପାଇଁ ଯଥେଷ୍ଟ ପରିମାଣରେ ହରଡ଼ ଡାଲି ମିଳିବା ନିମନ୍ତେ ଉପଲବ୍ଧ ହୋଇପାରିବ। ସାଧାରଣ ଉପଭୋକ୍ତାଙ୍କୁ ଶସ୍ତା ଦରରେ ହରଡ଼ ଡାଲି ଯୋଗାଇ ଦେବା ପାଇଁ ଯଥେଷ୍ଟ ପରିମାଣରେ ଡାଲି ନିଲାମ କରାଯିବ। ବଜାରରେ ଡାଲି ଉପଲବ୍ଧତାର ପ୍ରଭାବକୁ ଆକଳନ କରାଯାଇ ସେହି ଆଧାରରେ ନିଲାମୀର ପୁନରାବୃତ୍ତି କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ ଜମାଖୋରୀ ଏବଂ ବେଆଇନ ମହଜୁଦକୁ ରୋକିବା ତଥା ଉପଭୋକ୍ତାଙ୍କ ପାଇଁ ଯଥେଷ୍ଟ ଡାଲି ଉପଲବ୍ଧତାରେ ସୁଧାର ଆଣିବା ଲାଗି ୨ ଜୁନ୍ ୨୦୨୩ରେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ୧୯୯୫କୁ ଲାଗୁ କରି ସରକାର ହରଡ଼ ଓ ବିରି ଡାଲିର ଷ୍ଟକ୍ ସୀମା ନିର୍ଦ୍ଧାରଣ କରିଥିଲେ। ଏହି ଆଦେଶ ଅନୁଯାୟୀ, ୩୧ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ପାଇଁ ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯାଇଛି। ପ୍ରତ୍ୟେକ ଡାଲି ଉପରେ ଷ୍ଟକ୍ ସୀମା ଲାଗୁ ହେବ। ପାଇକାରୀ ବ୍ୟବସାୟୀଙ୍କ କ୍ଷେତ୍ରରେ ଷ୍ଟକ୍ ସୀମା ୨୦୦ ମେଟ୍ରିକ ଟନ୍, ଖୁଚୁରା



ବ୍ୟବସାୟୀଙ୍କ ପାଇଁ ୫ ମେଟ୍ରିକ ଟନ୍, ପ୍ରତ୍ୟେକ ଖୁଚୁରା ବିକ୍ରୟ କେନ୍ଦ୍ରରେ ୫ ମେଟ୍ରିକ ଟନ୍ ଏବଂ ବଡ଼ ଶୃଙ୍ଖଳାର ଖୁଚୁରା ବିକ୍ରୟ କେନ୍ଦ୍ରର ଡିପୋରେ ୨୦୦ ମେଟ୍ରିକ ଟନ୍ ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯାଇଛି। ସେହିପରି ମିଲରଙ୍କ କ୍ଷେତ୍ରରେ ଶେଷ ତିନି ମାସର ଉତ୍ପାଦନ କିମ୍ବା ବାର୍ଷିକ ଉତ୍ପାଦନ କ୍ଷମତାର ୨୫% ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯାଇଛି। ବିଭାଗର ପୋର୍ଟାଲରେ ଷ୍ଟକ୍ ସ୍ଥିତି ସମ୍ପର୍କରେ ସୂଚନା ଦେବା ପାଇଁ ଏସବୁ ସଂସ୍ଥାମାନଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଷ୍ଟକ୍ ସୀମା ଆଦେଶକୁ କାର୍ଯ୍ୟକାରୀ କରିବା ଏବଂ ପୋର୍ଟାଲରେ ଷ୍ଟକ୍ ସମ୍ପର୍କରେ ସୂଚନା ଦେବା ସ୍ଥିତିକୁ ଉପଭୋକ୍ତା ବ୍ୟାପାର ବିଭାଗ ଓ ରାଜ୍ୟ ସରକାରଙ୍କ ଦ୍ୱାରା ଲଗାତାର ଅନୁଧ୍ୟାନ କରାଯାଉଛି। ଏହି ପରିପ୍ରେକ୍ଷୀରେ, କେନ୍ଦ୍ରୀୟ ପଣ୍ୟାଗାର ନିଗମ (ସିଡବ୍ଲୁସି) ଓ ରାଜ୍ୟ ପଣ୍ୟାଗାର ନିଗମ (ଏସଡବ୍ଲୁସି)ର ଗୋଦାମରେ ବିଭିନ୍ନ ସଂସ୍ଥା ଦ୍ୱାରା ରଖାଯାଉଥିବା ଷ୍ଟକ୍ ଆଦିର ତଥ୍ୟକୁ ପୋର୍ଟାଲରେ ଘୋଷଣା କରାଯାଇଥିବା ମାତ୍ରା ସହିତ ତୁଳନା କରାଯାଇଛି। ରାଜ୍ୟ ସରକାରମାନେ ନିଜ ନିଜ ରାଜ୍ୟରେ ନିରନ୍ତର ଭାବେ ମୂଲ୍ୟ ଅନୁଧ୍ୟାନ କରୁଛନ୍ତି ଏବଂ ଷ୍ଟକ୍ ସୀମା ଆଦେଶର ଉଲ୍ଲଙ୍ଘନ କରୁଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଷ୍ଟକର ସ୍ଥିତିକୁ ଯାଞ୍ଚ କରୁଛନ୍ତି।

# ବିକାଶର ମାପଦଣ୍ଡରେ ଓଡିଶାର ପଞ୍ଚାୟତିରାଜ ସଂସ୍ଥାମାନେ ଦେଶର ପଥ ପ୍ରଦର୍ଶକ ହୋଇଛନ୍ତି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଜାତୀୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିପୁଳ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ଲୋକସେବା ଭବନର କନ୍‌ଭେସନ୍ ହଲ୍ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁ ପଞ୍ଚାୟତିରାଜ ଅନୁଷ୍ଠାନ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବ ତାକୁ ରାଜ୍ୟ ସରକାର, କେନ୍ଦ୍ର ସରକାର ଦେଉଥିବା ପୁରସ୍କାରର ୬ ଗୁଣ ଅର୍ଥ ରାଶି ପୁରସ୍କାର ଭାବରେ ଦିଆଯିବ। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପଞ୍ଚାୟତିରାଜ ଅନୁଷ୍ଠାନକୁ ୩ ଗୁଣ ଓ ତୃତୀୟ ସ୍ଥାନ ପାଇଥିବା ଅନୁଷ୍ଠାନକୁ ୨ ଗୁଣ ଆର୍ଥିକ ପୁରସ୍କାର ଦିଆଯିବ। ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କ ମଧ୍ୟରେ ବିକାଶ ପାଇଁ ଏକ ସୁସ୍ଥ ପ୍ରତିଯୋଗିତା ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ ଓଡିଶାର ପଞ୍ଚାୟତ ସଂସ୍ଥାମାନେ ପୁରସ୍କାର ପାଇବା ପରଠାରୁ ଅନ୍ୟ ରାଜ୍ୟର ପଞ୍ଚାୟତିରାଜ ସଂସ୍ଥା ମାନେ ଅଭିଜ୍ଞତା ପାଇଁ ଓଡିଶାକୁ ବ୍ୟାପକ ଅନୁରୋଧ କରୁଛନ୍ତି। ଏହି ଘୋଷଣା ଅନୁଯାୟୀ ଜାତୀୟ ସ୍ତରରେ ପ୍ରଥମ ହୋଇଥିବା ଗଞ୍ଜାମ ଜିଲ୍ଲା ପରିଷଦକୁ ୩୦ କୋଟି ଟଙ୍କା, ପ୍ରଥମ ସ୍ଥାନ ଅଧିକାର କରିଥିବା ହିଞ୍ଜିଳିକାଟୁ ପଞ୍ଚାୟତ ସମିତିକୁ ୧୨ କୋଟି ଟଙ୍କା ପୁରସ୍କାର ଦିଆଯାଇଥିଲା। ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକର କାଞ୍ଚୁରୁ ପଞ୍ଚାୟତ, ଭଞ୍ଜନଗର ବ୍ଲକର କୁଲଦା ପଞ୍ଚାୟତ, ହିଞ୍ଜିଳିକାଟୁର ଶାସନ ଆମ୍ବଗାଁ ଓ ପାତ୍ରପୁର ବ୍ଲକର ଆଙ୍କୁଲି ପଞ୍ଚାୟତକୁ ୨ କୋଟି ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ତୃତୀୟ ସ୍ଥାନ ହାସଲ କରିଥିବା ସୁନ୍ଦରଗଡ ବଣାଇ ବ୍ଲକର ବଣାଇଗଡ ପଞ୍ଚାୟତକୁ ୧ କୋଟି ଟଙ୍କା ପୁରସ୍କାର ଦିଆଯାଇଥିଲା। ସମୁଦାୟ ୭ଟି ପଞ୍ଚାୟତିରାଜ ଅନୁଷ୍ଠାନକୁ ୫୨ କୋଟି ଟଙ୍କାର ପୁରସ୍କାର ଦିଆଯାଇଥିଲା। ପୁରସ୍କୃତ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ସଂସ୍ଥା ମାନଙ୍କୁ "ଗାଁ'ର ସରକାର" ବୋଲି ଅଭିହିତ କରି ସ୍ୱାଗତ ଜଣାଇଥିଲେ। ସେ କହିଲେ ଯେ ଆମ କାମ ହେଉଛି ଆମର ପରିଚୟ। ଆଜି ବିକାଶର ବିଭିନ୍ନ ମାପଦଣ୍ଡରେ ଓଡିଶାର ପଞ୍ଚାୟତିରାଜ ଅନୁଷ୍ଠାନମାନେ ଆଜି ସାରା ଦେଶର ପଥ ପଦର୍ଶକ ହୋଇଛନ୍ତି। ଲୋକଙ୍କ ଆସ୍ଥା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ପଞ୍ଚାୟତ ସଂସ୍ଥା ମାନଙ୍କୁ ପରାମର୍ଶ ଦେଇଥିଲେ। ଗତ ୨୩ ବର୍ଷ ଧରି ତାଙ୍କ ସରକାର ଓଡିଶାବାସୀଙ୍କ ସେବା କରିଆସୁଛି। ୫ଟି କାର୍ଯ୍ୟକ୍ରମରେ ରୂପାନ୍ତର ଆସିଛି। ମିଶନ ଶକ୍ତି, ସ୍କୁଲ ରୂପାନ୍ତର, ଐତିହ୍ୟ ସ୍ଥାନର ରୂପାନ୍ତର, କ୍ରୀଡା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ପରି ଯୋଜନା ବିକାଶର ହଲ୍ମାର୍କ ହୋଇଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ପଞ୍ଚାୟତିରାଜ ସଂସ୍ଥା ମାନଙ୍କର ସଫଳତା ଏଥିରେ ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡିଛି। ଏହି ଅବସରରେ ପଞ୍ଚାୟତ ସଂସ୍ଥା ମାନଙ୍କର ସଫଳତାକୁ ଆହୁରି ଆଗକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ କେତକ ନୂଆ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ୨ ଟି ପଞ୍ଚାୟତ ଚିହ୍ନଟ କରାଯାଇ ୬୦ ଟି ପଞ୍ଚାୟତ ଶିକ୍ଷା କେନ୍ଦ୍ର ସ୍ଥାପନ କରାଯିବ। ଏକ ଜ୍ଞାନ ସମ୍ବଳ କେନ୍ଦ୍ର ଭାବେ ଏହା ପଞ୍ଚାୟତ ଅନୁଷ୍ଠାନ ମାନଙ୍କର ଦକ୍ଷତା ବୃଦ୍ଧିରେ ସାହଯ୍ୟ କରିବ। ପଞ୍ଚାୟତ ମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତାର ଲକ୍ଷ ନେଇ ଲୋକାଲ ଚାମ୍ପିଅନ୍ ଟ୍ରେନିଂ ପ୍ରୋଗ୍ରାମ କରାଯିବ। ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ଏହା କରାଯିବ। ଅନୁସୂଚିତ ଅଞ୍ଚଳର ୭୦ଟି ବ୍ଲକରେ ସାଟେଲାଇଟ୍ ଇଣ୍ଟରାକ୍ଟିଭ୍ ଟର୍ମିନାଲ୍ ସ୍ଥାପନ କରାଯାଇ ଦୂର ଶିକ୍ଷା ଯୋଗାଯୋଗ ବ୍ୟବସ୍ଥା କରାଯିବ। ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସ୍ଆଇଆରଡି)ରେ ଅତ୍ୟାଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ। ଏଥିରେ ୩୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ, ୨୫୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷ ଓ ସ୍ୟାଟେଲାଇଟ୍ ବେସ୍‌ଡେ ଷ୍ଟୁଡିଓ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସୋସାଇଟ୍ ଫର ସୋସିଆଲ ଅଡିଟ୍, ଆକାଉଣ୍ଟାବିଲିଟ୍ ଆଣ୍ଡ ଟ୍ରାନ୍ସପରେନ୍ସି ସଂସ୍ଥାର ଏକ ୱେବ୍‌ସାଇଟ୍ ଏବଂ ଆମ ପଞ୍ଚାୟତ ସେବା ପୋର୍ଟାଲର ଶୁଭାରମ୍ଭ କରିଥିଲେ। ପଞ୍ଚାୟତମାନଙ୍କ କାମରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଏହି ପୋର୍ଟାଲ ସହାୟକ ହେବ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓଡିଶାର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ। ସରକାରୀ ଯୋଜନା ଗୁଡିକର ସଫଳ କାର୍ଯ୍ୟାନ୍ୱୟନରେ ପଞ୍ଚାୟତିରାଜ ସଂସ୍ଥା ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ବ୍ୟକ୍ତି ପାଇବେ, ତାକୁ ନିଶ୍ଚିତ କରିବାକୁ ସେ ପଞ୍ଚାୟତ ସଂସ୍ଥା ମାନଙ୍କୁ ନିବେଦନ କରିଥିଲେ। ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀ ସାରଦା ପ୍ରସାଦ ନାୟକ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ସଫଳ ନେତୃତ୍ୱ ପାଇଁ ଓଡିଶା ଆଜି ବିଶ୍ୱ ଦରବାରରେ ସମ୍ମାନର ଅଧିକାରୀ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ହିଞ୍ଜିଳି ପଞ୍ଚାୟତ ସମିତିର ଅଧ୍ୟକ୍ଷା ସରସ୍ୱତୀ ସେଠୀ ଏବଂ ସୁନ୍ଦରଗଡ ବଣାଇଗଡ ପଞ୍ଚାୟତର ସରପଞ୍ଚ ନମିତା ନାଗ ପ୍ରମୁଖ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍ଦର୍ଶନର ପ୍ରଶଂସା କରିଥିଲେ। ତାଲିମ ସହିତ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ପରେ ସର୍ବ ଭାରତୀୟ ସ୍ତରରେ ଓଡିଶା ପୁରସ୍କୃତ ହୋଇପାରିଛି ବୋଲି ଜିଲ୍ଲାପାଳ କହିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଥିଲେ ଯେ ରାଜ୍ୟ ଯେଉଁ ସୁନାମ ଆଣିଛି, ତାହା ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବ। ସଶକ୍ତ ଓଡିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶିଲ କୁମାର ଲୋହାନୀ ସ୍ୱାଗତ ଭାଷଣ ଦେଇଥିଲେ। ପାନୀୟ ଜଳ ନିର୍ଦ୍ଦେଶକ ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୩ - ୦୯ ଜୁଲାଇ, ୨୦୨୩

# ପଥ ହୁଡିଲେ ପରିଣାମ ଖରାପ



ସମ୍ପାଦକୀୟ
ତାରକ ମହାନ୍ତି

ଆଜିକାଲି ରାଜନୀତିରେ ବିଦ୍ୱାନ, ଗୁଣିଜ୍ଞାନୀଙ୍କ ସଂଖ୍ୟା କମି କମି ଆସୁଛି। ସ୍ୱାଧୀନତା ପରେ ଦେଶରେ ଗଠିତ ପ୍ରଥମ ମନ୍ତ୍ରୀମଣ୍ଡଳରେ ଯେଭଳି ଗୁଣି ଜ୍ଞାନୀ ନେତା ରହିଥିଲେ ଆଜିର ସମୟରେ ସେଭଳି ବିଜ୍ଞ ନେତାଙ୍କ ସଂଖ୍ୟା କମ। କାରଣ ସେ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଦୃଶ୍ୟ ଭିନ୍ନ ଥିଲା। ଆଲୋଚନା ମାଧ୍ୟମରେ ହିଁ ସମାଧାନର ପନ୍ଥା ବାହାରୁଥିଲା। ଯିଏ ଯେଉଁ ବିଷୟରେ ଅଧିକ ଜ୍ଞାନୀ ସେଭଳି ନେତାଙ୍କୁ ବିଶ୍ୱାସକୁ ନେଇ ତତ୍କାଳୀନ ମୁଖ୍ୟ ମାନେ ନିଷ୍ପତ୍ତି ନେଇପାରୁଥିଲେ। ଦେଶର ପ୍ରଧାନମନ୍ତ୍ରୀ ହୁଅନ୍ତୁ ଅଥବା ରାଜ୍ୟର ମୁଖ୍ୟମନ୍ତ୍ରୀ ପୁରୁଣା ଦିନରେ ବରିଷ୍ଠଙ୍କ ପରାମର୍ଶ ଆଧାରରେ ନିୟମ ପ୍ରଣୟନ କରାଯାଉଥିଲା। ଯାହାଙ୍କର ଯେଉଁ ବିଷୟରେ ବିଶେଷ ଜ୍ଞାନ ରହିଛି ତାଙ୍କୁ ପ୍ରାଧାନ୍ୟ ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ସହଜରେ ସମାଧାନ କରାଯାଇପାରୁଥିଲା। ଶାସକ ଦଳ ପ୍ରଥମେ ବିରୋଧୀଙ୍କୁ ବିଶ୍ୱାସକୁ ନେଇ ଆଲୋଚନା କରୁଥିଲେ। ତହିଁର ନିର୍ଯାସ ହିଁ ଶାସନ କ୍ଷେତ୍ରରେ ଦେଖିବାକୁ ମିଳୁଥିଲା। ପରିବାରରେ ମଧ୍ୟ ସେଭଳି ରହିଥିଲା। ମୁଖିଆ ଅଶିକ୍ଷିତ ହୋଇଥିଲେ ବି ତାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଥିଲା। ସାନଭାଇମାନେ ଯେତେ ଶିକ୍ଷିତ ହୋଇଥିଲେ ବି ବଡଭାଇଙ୍କ ପ୍ରତି ସେମାନଙ୍କ ଅଗାଧ ବିଶ୍ୱାସ ଗୋଟେ ପରିବାରକୁ ବାନ୍ଧି ରଖୁଥିଲା। ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱାସ। ସାମ୍ପ୍ରତିକ ସମୟରେ ବିଶ୍ୱାସ ଅଭାବରୁ ଜଣେ ଜଣଙ୍କୁ ଦାୟିତ୍ୱ ଦେଇ ଶାନ୍ତିରେ ବସିପାରୁନାହିଁ। ତା ମନରେ ସନ୍ଦେହ ଉପୁଜୁଛି ଯେ, ଦାୟିତ୍ୱ ନେଇଥିବା ବ୍ୟକ୍ତି ନିଷ୍କପଟ ଭାବେ ଉକ୍ତ କାର୍ଯ୍ୟ ସଂପାଦନ କରିବ ଅବା ସେଥିରେ ଦ୍ୱନ୍ଦ୍ୱ ସୃଷ୍ଟି କରି ନିଜର ସ୍ୱାର୍ଥ ହାସଲ କରିନେବ। ପରିବାର ମଧ୍ୟରେ ବଡ଼ଭାଇଙ୍କ ଅଭିଜ୍ଞତା ପରିବାର ଚଳାଇବା ନିମନ୍ତେ ଯଥେଷ୍ଟ ଥିଲା। ଏଥିରେ ମଧ୍ୟ ସାନଭାଇମାନେ ସିଧାସଳଖ ହସ୍ତକ୍ଷେପ କରୁନଥିଲେ। ସେମାନେ ବିଶ୍ୱାସ କରୁଥିଲେ ଯେ, ବଡଭାଇ ଯାହା କରୁଛନ୍ତି ତାହା ପରିବାରର ମଙ୍ଗଳ ପାଇଁ ହିଁ କରୁଛନ୍ତି। ତେଣୁ ଯିଏ ଯାହା ଉପାର୍ଜନ କରୁଥିଲେ ତାହା ବଡଭାଇଙ୍କ ହାତକୁ ଧରେଇ ଦେଉଥିଲେ। ତଦନୁସାରେ ବଡଭାଇ ଘରର ସମସ୍ତ ହାଣିଲାଭ ବୁଝୁଥିଲେ। ଏଥିରେ କାହାର କିଛି ମନ ଊଣା ଥିଲେ ତାହା ସେ ପଚାରି ବୁଝିବା ସହିତ ଏହାର ତୁରନ୍ତ ସମାଧାନ ମଧ୍ୟ କରିପାରୁଥିଲେ। ଯାହା କି ଆଜିର ସମୟରେ ବିରଳ ପ୍ରାୟ। ରାଜନୀତି ମଧ୍ୟ ସେଭଳି ହେଉଥିଲା ଓ ବିରୋଧୀଙ୍କ ସହ ରାଷ୍ଟ୍ର ମୁଖ୍ୟ ହୁଅନ୍ତୁ ବା ରାଜ୍ୟ ମୁଖ୍ୟ, ଯେଉଁଥିରେ ରାଷ୍ଟ୍ରର ହିତ ବା ରାଜ୍ୟର ହିତ ଜଡିତ ତାହା ସମସ୍ତଙ୍କ ସହିତ ଆଲୋଚନା ପରେ କାର୍ଯ୍ୟକାରୀ କରାଯାଉଥିଲା। ଏପରିକି ନରସିଂହ ରାଓଙ୍କ ସମୟରେ ମଧ୍ୟ ବିରୋଧୀ ଦଳରେ ଥିବା ଅଟଳ ବିହାରୀ ବାଜପେୟୀଙ୍କୁ ବିଦେଶ ପଠାଇ ଦେଶ ସମ୍ପର୍କିତ ଆଲୋଚନାରେ ଭାଗ ନେବାକୁ ପଠାଯାଇଥିଲା. କାରଣ ଶ୍ରୀ ରାଓ ଜାଣିଥିଲେ ଯେ, ବାଜପେୟୀ ଜୀ ଉକ୍ତ ପ୍ରସଙ୍ଗରେ ସଠିକ ନିଷ୍ପତ୍ତି ନେଇପାରିବେ ଓ ପ୍ରତିପକ୍ଷକ ସହ ଦୃଢ଼ ଆଲୋଚନା କରିପାରିବେ। ରାଜ୍ୟ କଥା ଦେଖନ୍ତୁ, ଯେଉଁମାନେ ଅର୍ଥନୀତିରେ ପ୍ରବୀଣ ସେମାନଙ୍କୁ ଅଲୋଡ଼ା କରିଦିଆଗଲା। କାରଣ ଅଧିକ ଜ୍ଞାନ ଦ୍ୱାରା କାଳେ ମୁଖିଆଙ୍କ ପ୍ରତି ବିପଦ ସୃଷ୍ଟି ହେବ ତାହା ଆଶଙ୍କା କରି ଅନେକ ପୁରୁଣା ନେତାଙ୍କୁ ରାସ୍ତାରୁ ହଟାଇଦିଆଗଲା। ଏ ବିଷୟରେ ଅନେକ ଉଦାହରଣ ରହିଛି। ରାଜନୀତି କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ଅଭିଜ୍ଞ ନେତା ଆଜି ଅଲୋଡ଼ା। ଏହାର କାରଣ ସେମାନେ ଗୁଣି ଜ୍ଞାନୀ ଓ ଅଧିକ ଦକ୍ଷତାସମ୍ପନ୍ନ ରାଜନେତା। ଶାସନ କ୍ଷେତ୍ରରେ ସେମାନଙ୍କର ଆବଶ୍ୟକତା ଥିଲେ ବି ଚୌକିର ମୋହ କାଳେ ବଢିବ ତେଣୁ ସେମାନଙ୍କୁ ଦୁରେଇ ଦିଆଯାଇଛି। ପ୍ରତି କଥାରେ କେବଳ ହଁ ମାରିବା ନେତାଙ୍କର ଆଜି ପ୍ରୟୋଜନିତା ବଢ଼ି ଚାଲିଛି। ବିଜ୍ଞତା ଦେଖାଇଲେ ବିପଦର ସମ୍ଭାବନା ହେତୁ ସେମାନେ ମୁହଁ ଚୁପ କରି ଯାହା ମିଳୁଛି ସେଥିରେ ସନ୍ତୁଷ୍ଟ ହେବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି। କାରଣ କ୍ଷମତାରେ ମୋହ ନେତାଙ୍କୁ ଏଭଳି ଅନ୍ଧ କରି ରଖିଛି ଯେ, ସେମାନେ କେଉଁଟା ଠିକ ଓ କେଉଁଟା ଭୁଲ ତାହା ବୋଧେ ଜାଣିପାରୁନାହାନ୍ତି। ହୁଏତ ଜାଣି ଥିଲେ ସୁଦ୍ଧା ନିଜ ପ୍ରତି ବିପଦ ରହିଥିବା ଜାଣି ନିରବ ରହୁଛନ୍ତି। ଏଠାରେ ଏକଥା ଅବତାରଣା କରିବାର କାରଣ ହେଉଛି ଜଣେ ମୁଖିଆଙ୍କ ନିରବତା ହିଁ ଦୀର୍ଘବର୍ଷ ଶାସନର ମୂଳମନ୍ତ୍ର ବୋଲି ଆଲୋଚନା କାଳରେ ଜଣେ ବନ୍ଧୁ କହିଲେ। ପଚାରିଲି ଶାସନ ପାଇଁ ତ ଆଗକୁ ଆସିବାକୁ ହୁଏ ଜନତାଙ୍କ ସାମ୍ନାରେ ସବୁକଥା କହିବାକୁ ପଡେ। ସେ କହିଲେ ନାଁ, କାରଣ ଘରର ମୁଖିଆ ସବୁ ଜାଣିଛି ବୋଲି ଯେଉଁଦିନ ଘୋଷଣା କରିବ ସେଦିନ ପରିବାର ଭାଙ୍ଗିଯିବ। ତେଣୁ ଘରର ମୁଖିଆ ଅନ୍ୟକୁ କହିବାର ସୁଯୋଗ ଦେଇ ନିଜେ ବଡ଼ପଣ ରକ୍ଷା କରିପାରିବ ଏବଂ ତଦ୍ୱାରା ପରିବାର ଭିତରେ ବୁଝାମଣା ଠିକ ରହିପାରିବ। ସମସ୍ତେ କହିବାର ସୁଯୋଗ ପାଇଲେ ଅନେକ କିଛି କହିବେ ଓ ବିପଦ ଆସିଲେ ଦୋଷ ତାଙ୍କ ମୁଣ୍ଡକୁ ଯିବ। ଏଥିରେ ମୁଖିଆଙ୍କର କିଛି ଦୋଷ ରହିବନାହିଁ। ଦୋଷ ନଥିବା ମୁଖିଆଙ୍କୁ କେହି କେବେ କଳଙ୍କିତ କହିପାରିବେ କି! ତେଣୁ ସ୍ୱଚ୍ଛ ଶାସନ ଆପେ ଆପେ ଆସିବ ଓ ଭୋଟ ହାର ବଢ଼ି ଚାଲିବ। ପରିବାର ଭିତରେ ଦେଖିଲେ ହିଁ ସେଇଆ। ଯେଉଁ ମୁରବି ଅଧିକ ନିରବ ଘରର ଚାବିକାଠି ତାଙ୍କ ନିକଟରେ ଅଧିକବର୍ଷ ରହିବ ଓ ସେ ଘରେ ବାହାରେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଚାଲିବେ। ବର୍ତ୍ତମାନ ରାଜ୍ୟ ରାଜନୀତିକୁ ଦେଖିଲେ ଯାହା ଜଣାପଡୁଛି ସରକାର ବିକାଶକୁ ପ୍ରାଧାନ୍ୟ ଦେଇ ଅନେକ ଜନହିତକର କାର୍ଯ୍ୟ କରିଚାଲିଛନ୍ତି। ପ୍ରତ୍ୟେକ ବର୍ଗର ଲୋକଙ୍କ ସ୍ୱାର୍ଥକୁ ଆଖିରେ ରଖି କାର୍ଯ୍ୟକ୍ରମ ଚାଲିଥିଲେ ବି ବିରୋଧୀ ଏବେ ନୂଆ ପ୍ରସଙ୍ଗକୁ ଅସ୍ତ୍ର କରୁଛନ୍ତି। ଏଥିରେ ବିକାଶ କେତେ ହେଉଛି ତାହାର ଆକଳନ ଅପେକ୍ଷା କିଏ ବିକାଶର ଦାୟିତ୍ୱ ମୁଣ୍ଡେଇଛି ତାହାକୁ ପ୍ରସଙ୍ଗ କରାଯାଉଛି। କହିବାର କଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବିରୋଧୀ ରାଜନୈତିକ ଦଳ ମାନେ ରାଜ୍ୟ ବିକାଶ ପ୍ରସଙ୍ଗରେ ଯେଭଳି ତତ୍ପରତା ଦେଖାଇବା କଥା ତାହା ଦେଖାଇଛନ୍ତି ତ? ନା ଖାଲି ବିରୋଧ କରିବା ଏକ ଗଣତାନ୍ତ୍ରିକ ଅଧିକାର ଭାବି ବିରୋଧ କରନ୍ତି! ବିଭିନ୍ନ ପ୍ରସଙ୍ଗରେ ବିଜୁ ଜନତା ଦଳ କେନ୍ଦ୍ର ସରକାରଙ୍କୁ ସମର୍ଥନ ଦେଇଆସିଛନ୍ତି। ସେ ଦୃଷ୍ଟିରୁ ବିଚାର କଲେ ରାଜ୍ୟ -କେନ୍ଦ୍ର ସମ୍ପର୍କ ଖୁବ ଭଲ। କୌଣସି କେନ୍ଦ୍ରୀୟ ନେତା ଆଜିଯାଏ ନବୀନ ବାବୁଙ୍କୁ ସିଧାସଳଖ ସମାଲୋଚନା କରିନାହାନ୍ତି। ଜାତୀୟ ସ୍ତରରେ ନବୀନ ସରକାରଙ୍କ ଭାବମୂର୍ତ୍ତି ମଧ୍ୟ ଖୁବ ଭଲ। ହେଲେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡିକୁ ବିଜେପି ଓ କଂଗ୍ରେସ ଯେଉଁ ଟାର୍ଗେଟ କରୁଛନ୍ତି ତାହା ମଧ୍ୟ ସିଧା ମୁଖ୍ୟମନ୍ତ୍ରୀଙ୍କୁ ନୁହେଁ। ତେଣୁ ସାରାଂଶ ଭାବେ ଯାହା ଜଣାଉଛି ବିକାଶ ହିଁ ସଫଳତାର ଶ୍ରେଷ୍ଠ ପଥ। ବିକାଶର ଦ୍ୱାହି ଦେଇ କିଛି କାର୍ଯ୍ୟ କରୁନଥିବା ନେତା ସାମୟିକ ଭାବେ କରତାଳି ଦ୍ୱାରା ଉତ୍‌ଫୁଲିତ ହେଉଥିଲେ ବି ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ। ସାଧାରଣ ଅର୍ଥରେ ଦେଖିଲେ ଜନତାଙ୍କ ଇଚ୍ଛା ଓ ଉଦ୍ଦେଶ୍ୟ ପୂରଣ କରିବା ହିଁ ସଫଳ ରାଜନେତାର ଧର୍ମ। ଏଥିରୁ ବିଚ୍ୟୁତ ହେଲେ ପରିଣାମ ଭୟଙ୍କର ହୋଇଥାଏ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୋଷ ଓ ଗୁଣ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

କୁହାଯାଏ ପଣ୍ଡିତ (ଜ୍ଞାନୀ) ମାନଙ୍କର ସମସ୍ତ ଆଚରଣ ବିଧି 'ଗୁଣ'ରେ ଓ ମୂର୍ଖ (ଅଜ୍ଞାନୀ) ମାନଙ୍କର ସମସ୍ତ ଆଚରଣ ବିଧି ସବୁ 'ଦୋଷ'। କିନ୍ତୁ ପଣ୍ଡିତ ଶବ୍ଦଟିର ବାଖ୍ୟା ଏବେ ବହୁ ଜଟିଳରେ ଆସି ଯାଇଛି। ଏ ସମୟରେ ଏକ ବିଦ୍ୟାର ବହୁ ଶାଖା ବାହାରି ଗଲାଣି। ଲୋକେ ସେହି ସେହି ଶାଖା ବିଦ୍ୟାରେ ବର୍ତ୍ତମାନ ପଣ୍ଡିତ ବା ବିଶେଷଜ୍ଞ। ଅତଏବ ସେହି ଶାଖା ବିଦ୍ୟାବହ ଅନ୍ୟ ସବୁ ତାର ଶାଖା ବିଦ୍ୟାରେ ବ୍ୟକ୍ତି ନିଶ୍ଚିନ୍ତ ଅଜ୍ଞ। ହେଲେ ତାଙ୍କୁ ନିଜକୁ ଅନ୍ୟ ବିଷୟରେ ଅଜ୍ଞ ଏମିତି ତଥ୍ୟ ତାଙ୍କ ନେମପ୍ଲେଟରେ କେହି ଲେଖିବା ଦେଖାଯାଉନାହିଁ। ଜଣେ ବିଦ୍ୟୁତ ବିଦ୍ୟାର ପ୍ରଫେସର ସେ ଗୃହ ଓ୍ୟାରିଂ ବିଷୟରେ ନିଶ୍ଚେ ପଢ଼ିଛନ୍ତି କିନ୍ତୁ ସେ ଗୃହ ଓ୍ୟାରିଂ ସୁନ୍ଦର ଭାବରେ କରିପାରିବେ ନାହିଁ। ଜଣେ ୟୁନିଭରସିଟିର ପ୍ରଧ୍ୟାପିକ ସେ କୌଣସି ବାଳକ ବାଳିକାର ପ୍ରାଥମିକ ଶିକ୍ଷା ପ୍ରଦାନରେ ଅସମର୍ଥ। ବର୍ଣ୍ଣମାଳା ଶିକ୍ଷା ଦେଉଥିବା ପ୍ରାଥମିକ ଶିକ୍ଷକ ଜଣ କମ ଦରମାରେ ରହୁଛନ୍ତି ତାଙ୍କର ଦାୟିତ୍ୱ ଅତ୍ୟଧିକ ବାଲ୍ୟ ଚପଳତାରେ ଛାତ୍ରମାନେ ଅନେକ ବିଶୃଙ୍ଖଳାରେ ନିଜ ନିଜ ଭିତରେ କଳି ତର୍କ ଆଘାତ ରଟାଇଥାନ୍ତି ନିଜର ପଢ଼ା ସମୟରେ ନିଜର ପରିସ୍ରା ଝାଡ଼ାବି କରିଦେଇପାରନ୍ତି। ଏସବୁ ଜଣେ ପ୍ରାଥମିକ ଶିକ୍ଷା ମୁକାବିଲା ନିତ୍ୟ କରନ୍ତି ଯାହା ଉଚ୍ଚତର ଶିକ୍ଷା ପ୍ରଦାନକାରୀ ଶିକ୍ଷକ ମୁକାବିଲା କରନ୍ତି ନାହିଁ। ଯଦି କୁହାଯାଏ ପ୍ରାଥମିକ ଶିକ୍ଷକମାନେ ଅଜ୍ଞାନୀ ଓ ପ୍ରଫେସରମାନେ ବିଶେଷ ଜ୍ଞାନୀ ଏପରି କଥା କଣ ଗ୍ରହଣୀୟ କି? ହଳ କରୁଥିବା ଚାଷୀ, ଗଭୀର ଜଳ ପୁଣି ସ୍ରୋତସ୍ୱିନୀ ନଦୀରେ ବା ହ୍ରଦରେ ନାଆ ବହୁଥିବା ନାଉରୀ, ପ୍ରେସରେ ବହି ଛପା କାର୍ଯ୍ୟରେ ବିଭିନ୍ନ କାମରେ ଲିପ୍ତଥିବା ବ୍ୟକ୍ତି ଏମାନଙ୍କୁ କଣ ଅଜ୍ଞାନୀ କୁହାଯିବ କି? ବଡ଼ ବଡ଼ ପୁଞ୍ଜିପତି, ଶିଳ୍ପପତି ଏମାନେ ଯେତେ ପାଠ ପଢ଼ିଛନ୍ତି କେହି ପଚାରନ୍ତି ନାହିଁ ହେଲେ ସେ ଯେଉଁ ଚାଟାର୍ଡ଼ ଏକାଉଣ୍ଟାଣ୍ଟ ଓକିଲ, ଇଞ୍ଜିନିୟର, ଟେକ୍ନିସିଆନଙ୍କୁ ଚାକିରି କରିଛନ୍ତି ସେମାନେ କେତେ ଜ୍ଞାନୀ ବିଶେଷଜ୍ଞ ନୁହଁନ୍ତି ଅନେକ ଶିଳ୍ପପତି ବିଭିନ୍ନ ଶିକ୍ଷା ଅନୁଷ୍ଠାନକୁ ବଡ଼ ବଡ଼ ରକମର ସହାୟତା ଦାନ କରିବା ଦ୍ୱାରା ତାଙ୍କୁ ଡକ୍ଟରେଟ ଡିଗ୍ରୀ ମିଳିଯାଉଛି। ଯାହା ୟୁନିଭରସିଟି ଡିଗ୍ରୀ ପାଇଁ ଧାର୍ଯ୍ୟ ଥିବା ଧାରାରୁ ସମ୍ପୂର୍ଣ୍ଣ ଅଲଗା। ଏ ସମୟରେ ଡକ୍ଟର ନାମର ଏକ ସମ୍ମାନୀୟ ଶବ୍ଦ ହୋଇଗଲାଣି। ଡକ୍ଟର ଶବ୍ଦ ପାଇଁ କେତେ ପାଠ ସମୟ ଧରି ପାଠ ପଢ଼ି ଜଣେ ଦୁଇଜଣ ଅତିବିଜ୍ଞଙ୍କର ଅନୁମୋଦନ ଦ୍ୱାରା ଏହା ହାସଲ ପଥ ହୁଏ। ମାତ୍ର ଏବେ ଆତୁରେ ଆତୁର କୋଳାକୋଳି ଏପରି ହେବା ଦେଖାଯାଉଛି।

ବିଶ୍ୱାମିତ୍ର ରାଜାରୁ ରାଜର୍ଷି, ରାଜର୍ଷିରୁ ବ୍ରହ୍ମର୍ଷି ହେବାରେ ଅନେକ ପ୍ରତିବନ୍ଧକ ଭୋଗିଥିଲେ। ବଶିଷ୍ଠ ଜଣେ ବ୍ୟକ୍ତି ବ୍ରହ୍ମର୍ଷି ପଦ ଦେବାରେ ପ୍ରକୃତରେ ତତ୍କାଳ ଏକ ଅନୁଷ୍ଠାନ ଥିଲେ। ବ୍ରହ୍ମକୁ ଚିହ୍ନି ଅନୁଭବ ନକରି କେହି ବ୍ରହ୍ମର୍ଷି ହୋଇନପାରେ। ଷଡ଼ରିପୁମାନେ ହାର ନମାନିଲେ କ୍ରୋଧ, ଇର୍ଷା ମନରୁ ନଗଲେ କେହି ବ୍ରହ୍ମର୍ଷି ହୋଇନପାରନ୍ତି। ଏପରିକି ଖୋଦ ବ୍ରହ୍ମା ମଧ୍ୟ ବିଶ୍ୱାମିତ୍ରଙ୍କୁ ବଶିଷ୍ଠଙ୍କ ଦ୍ୱାରା ବ୍ରହ୍ମର୍ଷିପଦ ହାସଲ ପାଇଁ ଉପଦେଶ ଦେଇଥିଲେ। ପାଠପଢ଼ା, ବ୍ୟବହାରିକ ଜ୍ଞାନ ଓ ସମୟ ଅନୁସାରେ ପ୍ରୟୋଗ ହିଁ ମନୁଷ୍ୟକୁ ସମ୍ମାନିତ କରିପାରେ। ଏଥିରେ ଦୋଷ ଗୁଡ଼ିକୁ ସଦା ମାର୍ଜନା କରି ଗୁଣ ଗୁଡ଼ିକୁ ବଢ଼ାଇବା ଦରକାର ପଡ଼େ। କପିଳ ପୁତ୍ର ତାଙ୍କ ମାଆ ଦେବହୂତି ପୁତ୍ର ଠାରୁ ଗୁରୁଜ୍ଞାନ ଆହରଣ କରିଥିଲେ ମାଆ। ଛୋଟ ବୟସର ଲୋକ ଅଧିକ ଜାଣିଥିଲେ ତାକୁ ସମ୍ମାନ ଅଧିକ ବୟସର ଲୋକେ ଦେବା କଥା। ଆମର ଦାସିଆ ବାଉରୀର ଭକ୍ତିରେ ଦର୍ଶାୟ ଶାସନୀ ବ୍ରାହ୍ମଣ ଜଣେ ଦାସିଆ ନଡ଼ିଆକୁ ଠାକୁରେ ହାତପାତି ନେଇଥିଲେ। ଏଇ କଥାଟି ଏକ ପଠନୀୟ ମାତ୍ର ଘଟଣାଟିର ସମ୍ବନ୍ଧ ପୁରୀର ଦାସିଆ ବାଉରୀ ଗ୍ରାମ ଏବେ ବି ପ୍ରମାଣରେ ରହିଛି। ଅର୍ଜୁନ ଗୋଦା ପୁରୀରର ବାସିନ୍ଦା ତେଲି ଜାତିରେ ଜନ୍ମ ତତ୍କାଳ ବିଜ୍ଞ ମନେଇ ସାହୁ, ଶାସନୀ ବ୍ରାହ୍ମଣ ଜଗନ୍ନାଥ ଦାଶଙ୍କ ଭାଗବତକୁ ନଅକ୍ଷରରେ ଲେଖିବା ଆଦେଶ ଦାଶଙ୍କର ଲେଖନୀ ଚାଳନାରେ ସ୍ଥିର ହୋଇଥିଲା। ତତ୍କାଳ ସମୟରେ ରକ୍ଷଣଶୀଳ ବ୍ରାହ୍ମଣମାନେ ଭଗବତ ତେଲି ଭାଗବତ କହି ଥଟ୍ଟା କରୁଥିଲେ। ଏଇ ଜଗନ୍ନାଥ ଦାଶଙ୍କ ଶ୍ରୀମନ୍ଦିର କଳ୍ପବଟ ତଳେ ଭାଗବତ ପାଠରେ ଶ୍ରୋତା ମାନଙ୍କ ସହ ଦେଖି ଶ୍ରୀଚୈତନ୍ୟ ଦେବ ତାଙ୍କୁ ଅତବଡ଼ୀ ସମ୍ବୋଧନ କରିଥିଲେ ଜଗନ୍ନାଥ ଦାଶ ସଂସ୍କୃତ ଭାଗବତର ମୁଖ୍ୟ କାହାଣୀ ମଧ୍ୟରୁ ଅତି ଆବଶ୍ୟକ ତଥ୍ୟ ଗୁଡ଼ିକୁ ସରଳ ଓଡ଼ିଆ ନବାକ୍ଷରୀ ଲେଖି ଯାଇଛନ୍ତି। ଯାହା ଓଡ଼ିଶାରେ ଅନେକ ଗ୍ରାମରେ ଭାଗବତ ଟୁଙ୍ଗୀ ଗଢ଼ିଉଠିଥିଲା। କେତେକ ଛାମୁଡିଆ ବନ୍ଧା ଜାତିଙ୍କର ଜାତି ସଭାରେ ଭାଗବତ ପାଠ ହେଉଥିଲା ଏବେ ବି ଭାଗବତକୁ ଗ୍ରନ୍ଥ ଓଡ଼ିଆରେ ମିଳୁଛି। ଘରର ବୋହୂମାନେ ଶାଶୁ, ଶ୍ୱଶୁରଙ୍କ ଅନ୍ତିମକାଳ ରୋଗ ଶଯ୍ୟା ପାଖରେ ଭାଗବତ ପାଠର ବିଧି ଏବେ ବି ଅଛି। ଜଗନ୍ନାଥ ଦାଶ ଶୁଦ୍ଧ ଶାସନ ବ୍ରାହ୍ମଣ ସେ ଦାଶକୁ ଦାସ ଲେଖିଛନ୍ତି। କାଳିଦାଶ ବ୍ରାହ୍ମଣ ଦାଶକୁ ଦାସରେ ପ୍ରକାଶ କରିଛନ୍ତି। ତୁଳସୀ ଦାସ ମଧ୍ୟ ଏଥିରୁ ବାଦ ନୁହଁନ୍ତି। ଅତଏବ ଏହା ଗୁଣବର୍ଦ୍ଧନ ଏପରି କରିଛି ଯହିଁରେ ସମ୍ମାନ ମୃତ୍ୟୁପରେ ବି ଏମାନେ ସଦା ସ୍ମରଣୀୟ। ଏବେ ନାମ ଆଗରେ ଭୂତ ଲାଗିବାରେ ବହୁଲୋକଙ୍କ ସାଇନବୋର୍ଡ଼ ରାଇଟିଂ ପ୍ୟାଡ଼ରେ ଅଛି। ଭୂତପୂର୍ବ ଏପରି ଶବ୍ଦ ଏହାକୁ ଲଗାଇ ସମ୍ମାନୀୟ ହେବାକୁ ଚେଷ୍ଟା ହେଉଛି। କିନ୍ତୁ ଖାଲିନାମ, ଯଦି ଲୋକଙ୍କ ପାଇଁ କେହି କାମ କରିଥିବେ ସେ ଚିରସ୍ମରଣୀୟ ହୋଇ ରହିବେ।

***'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ***
***ଦୂରଭାଷ : ୯୪୩୭୦୩୧୨୫୩***

# ଗୁରୁପୂର୍ଣ୍ଣିମା



ପ୍ରେମାନନ୍ଦ ପାଣିଗ୍ରାହୀ

ଭାରତୀୟ ଆଧ୍ୟାତ୍ମିକ ଚିନ୍ତନରେ ଗୁରୁ ହିଁ ସାକ୍ଷାତ ଭଗବାନ। 'ଗୁ' ଅର୍ଥ ଜ୍ଞାନ ଓ 'ରୁ' ଅର୍ଥ ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନର ଦୀପଶିଖାରେ ଯିଏ ଅନ୍ୟକୁ ଆଲୋକ ପ୍ରଦାନ କରନ୍ତି ସେ ହିଁ ଗୁରୁ। ଏହାର ବିଶ୍ଳେଷଣାତ୍ମକ ଅର୍ଥ ହେଉଛି ଯାହାଙ୍କ ଦ୍ୱାରା ବନ୍ଧନରୁ ମୁକ୍ତିଲାଭ ହୁଏ, ଯେ ପ୍ରାଜ୍ଞବେଦଜ୍ଞ, ପାପାଚାରବିହୀନ. କାମରହିତ ଓ ବ୍ରହ୍ମଜ୍ଞ ସେ ହିଁ ଶ୍ରେଷ୍ଠଗୁରୁ। ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ 'ଆଚାର୍ଯ୍ୟ ଦେବୋ ଭବଃ' ବୋଲି ସମ୍ବୋଧନ କରାଯାଇ ଅଶୀମ ଶ୍ରଦ୍ଧା ପ୍ରଦର୍ଶନ କରାଯାଏ। ଗୁରୁ ଭାବରେ ମହର୍ଷି ବ୍ୟାସ, ଆଦିରାମାଚାର୍ଯ୍ୟ, ନିମ୍ବାକାଚାର୍ଯ୍ୟ, ସନ୍ଦୀପନି, ବଶିଷ୍ଠ, କଣ୍ୱ, ରାମାନୁଯାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ, ନାରଦ, ଶୁକ, ଶୌଳକ, ବିଶ୍ୱାମିତ୍ର, ଶଙ୍କର, ଚୈତନ୍ୟ, ରାମକୃଷ୍ଣ ପରମହଂସ ପ୍ରମୁଖ ଆମ ଭାରତୀୟ ଗୁରୁ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଭାରତୀୟ ପରମ୍ପରାର ଗୁରୁ ହେବାରେ ଯଥେଷ୍ଟ ଗୁରୁ ଦାୟିତ୍ୱ ରହିଛି। ଗୁରୁଙ୍କ ପାଖରେ ଚାରି ପ୍ରକାର ଶୁଦ୍ଧି ଆବଶ୍ୟକ ଯଥା-ଅନୁବଂଶିକ ଶୁଦ୍ଧି, କ୍ରୀୟାଗତ ଶୁଦ୍ଧି, ମାନସ ଶୁଦ୍ଧି ଓ ବିଶୁଦ୍ଧ ଶୁଦ୍ଧି। ଯିଏ ପରମଜ୍ଞାନୀ କିନ୍ତୁ ଜ୍ଞାନକୁ ବିତରକଣ କରନ୍ତି ନାହିଁ ସେ ପ୍ରକୃତ ଗୁରୁ ନୁହଁନ୍ତି। ଯିଏ ଇନ୍ଦ୍ରିୟକୁ ବଶ କରିପାରନ୍ତି ନାହିଁ ସେ ମଧ୍ୟ ଗୁରୁ ନୁହଁନ୍ତି। ଯିଏ ପୂଣ୍ୟ କର୍ମରେ ନିମଗ୍ନ ରହନ୍ତି, ବେଦ ଓ ଉପନିଷଦକୁ ଯାଣନ୍ତି, ଯାହାଙ୍କୁ ଶ୍ରଦ୍ଧା କରିବାକୁ ପଡେ ନାହିଁ ବରଂ ଯାହାଙ୍କ ଦର୍ଶନ ମାତ୍ରେ ଶ୍ରଦ୍ଧା ଆପେ ଆପେ ଉତ୍ପନ୍ନ ହୋଇଯାଏ ସେ ହିଁ ପ୍ରକୃତ ଗୁରୁ ଅଟନ୍ତି। ଜୀବନରେ ସବୁ ଐଶ୍ୱର୍ଯ୍ୟ ପାଇ ମଧ୍ୟ ଯଦି ଗୁରୁ ଆର୍ଶୀବାଦ ପ୍ରାପ୍ତ ନହୁଏ ତେବେ ବ୍ୟକ୍ତିର ଜୀବନ ବ୍ୟର୍ଥ ଓ ଅଭିଶପ୍ତ। ଆମ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ଅତ୍ୟନ୍ତ ନିବିଡ ଓ ମହନୀୟ। 'ବିଷ୍ଣୁସଂହିତା'ରେ କୁହାଯାଇଛି - ତ୍ରିୟଃ ପୁରୁଷସ୍ୟ ଅତି ଗୁରବୋ ଭବନ୍ତି

ମାତା ପିତା ଆଚାର୍ଯ୍ୟଶ୍ଚ
ତେଷାଂ ନିତ୍ୟମେବ ଶୁଶ୍ରୁଷଣା
ଭବିତବ୍ୟଂ
ଯତ୍ତେ ବ୍ରୟୋସ୍ତତ୍ କୁର୍ଯ୍ୟାତ୍
ତେଷାଂ ପ୍ରିୟୋହି ଚ ମାତରେ ତ।

ମନୁଷ୍ୟ ମାନଙ୍କର ଏହି ତିନି ଜଣ ମହାଗୁରୁ ଯଥା ପିତା, ମାତା ଏବଂ ଆଚାର୍ଯ୍ୟ ଅର୍ଥାତ୍ ଅବୈତନିକ ଶିକ୍ଷକ। ସବୁ ସମୟରେ ଏମାନଙ୍କର ସେବା ପୂଜା କରିବା କର୍ତ୍ତବ୍ୟ। ସେମାନେ ଯେତେବେଳେ ଯାହା କହିବେ ଅବିଳମ୍ବେ ତାହା ପ୍ରତିପାଳନ କରିବ ଏବଂ ସେମାନଙ୍କର ପ୍ରିୟ ଓ ହିତକାର୍ଯ୍ୟରେ ନିଯୁକ୍ତ ରହିବ।

ବର୍ଷରେ ବାରଟି ପୂର୍ଣ୍ଣିମା ଆସେ ସେଥି ମଧ୍ୟରୁ ଆଷାଢ ପୂର୍ଣ୍ଣିମାକୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା କୁହାଯାଏ। ପ୍ରତ୍ୟେକ ଭାରତବାସୀ ଏହି ପୂଣ୍ୟ ତିଥିକୁ ପାଳନ କରିଥାନ୍ତି। ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ ହିଁ ଆମ ଇତିହାସର ସର୍ବପ୍ରଥମ ବ୍ୟକ୍ତି ଯେ କି ମାନବ ଜାତିର କଲ୍ୟାଣପାଇଁ ତଥା ଅନ୍ଧକାରମୋଚନ ପାଇଁ ବେଦାଦି ଗ୍ରନ୍ଥ ରଚନା କରି ଆମ୍ଭ ମାନଙ୍କର ପ୍ରଥମ ଓ ପ୍ରଧାନ ଗୁରୁ ରୂପେ ପୂଜା ପାଉଛନ୍ତି। ବ୍ୟାସଦେବ ବିଶ୍ୱ ଗୁରୁ ହୋଇଥିବାରୁ ଧର୍ମାନୁଷ୍ଠାନରେ ଶାସ୍ତ୍ର ଅଧ୍ୟାପନା କରୁଥିବା ଆଚାର୍ଯ୍ୟଙ୍କୁ ଗୁରୁ ପୂର୍ଣ୍ଣିମା ଅବସରରେ ବ୍ୟାସ ରୂପେ ପୂଜା କରାଯାଏ। ଗୁରୁ ପୂଜା ପରମ୍ପରାର ପ୍ରବର୍ତ୍ତକ ଅନ୍ୟ କେହି ନୁହଁନ୍ତି ସ୍ୱୟଂ ହିନ୍ଦୁ ଧର୍ମର ରକ୍ଷକ ଶଙ୍କରାଚାର୍ଯ୍ୟ। ମହର୍ଷି ବାଲ୍ମିକୀ ସଂସ୍କୃତ ଭାଷାରେ ରାମାୟାଣ ମହାକାବ୍ୟ ରଚନା କରି ଆଦି କବି ଭାବରେ ବିଖ୍ୟାତ ହୋଇଥିଲେ ମଧ୍ୟ କୃଷ୍ଣଦୈପାୟନ ବ୍ୟାସ ବେଦ, ଉପନିଷଦ, ପୁରାଣ, ଶ୍ରୀମଦ୍ ଭାଗବତ ଗୀତା ଆଦି ଅମୂଲ୍ୟ ଗ୍ରନ୍ଥ ରଚନା କରି ବେଦବ୍ୟାସ ନାମରେ ପରିଚିତ। ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ ହିଁ ଆମ ଇତିହାସର ସର୍ବପ୍ରଥମ ବ୍ୟକ୍ତି ଯେ କି ମାନବ ଜାତିର କଲ୍ୟାଣ ପାଇଁ ତଥା ପ୍ରତ୍ୟେକଙ୍କର ଅଜ୍ଞାନ ଅନ୍ଧକାର ମୋଚନ ପାଇଁ ବେଦାଦି ଗ୍ରନ୍ଥ ରଚନା କରି ଆମ୍ଭ ମାନଙ୍କର ପ୍ରଥମ ଓ ପ୍ରଧାନ ଗୁରୁ ରୂପେ ପୂଜା ପାଉଅଛନ୍ତି। ସେ ନିଜ ହାତରେ ଏ ସବୁ ଗ୍ରନ୍ଥ ରଚନା ନକରି ଗଣେଶଙ୍କ ଲେଖନୀରେ କରାଇଥିଲେ ବୋଲି ପ୍ରବାଦ ଅଛି।

ଯାବତୀୟ ଧାର୍ମିକ ସାହିତ୍ୟ ରଚନା ବ୍ୟାସ ଦେବଙ୍କ କୃତି ଉପରେ ହିଁ ଆଧାରିତ। ବ୍ୟାସଦେବଙ୍କ ବାଣୀ ସାର୍ବଭୌମ। ତାଙ୍କର ଉପଦେଶ ସମଗ୍ର ମାନବ ଜାତିର ହିତ ପାଇଁ ଉଦ୍ଦିଷ୍ଟ। ବ୍ୟାସ ଦେବଙ୍କର ଅବଦାନ ମାଧ୍ୟମରେ ଆଜି ଆମେ ସର୍ବଶ୍ରେଷ୍ଠ ସମ୍ପଦ ଆତ୍ମଜ୍ଞାନର ଅଧିକାରୀ ହୋଇପାରିଛେ। ବ୍ୟାସଙ୍କ ହୃଦୟ ଥିଲା ସମୁଦ୍ର ଭଳି ଗଭୀର ଓ ଆକାଶ ଭଳି ଉଦାର। ମନୁଷ୍ୟ ଜାତିକୁ ଦେବତାରେ ପରିଣତ କରିବା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ ଥିଲା। ସେଥିପାଇଁ ସେ ବିଶ୍ୱ ପୂଜିତ, ବିଶ୍ୱ ବନ୍ଦିତ, ବିଶ୍ୱ ଗୁରୁ ହୋଇପାରିଛନ୍ତି। ଯୁଗ ଯୁଗ ବ୍ୟାପି ମୁନିଋଷି ଓ ଆଚାର୍ଯ୍ୟ ଗଣ ବ୍ୟାସଙ୍କୁ ଏଥିପାଇଁ ମାନବ ଜାତିର ଗୁରୁ ବୋଲି ପୂଜା କରିଆସୁଛନ୍ତି ଓ ଚିରକାଳ ପୂଜା କରୁଥିବେ ମଧ୍ୟ।

***ଭୁଷଳ, ଭୁବନ, ଢେଙ୍କାନାଳ***
***ଦୂରଭାଷ ୯୪୩୭୭୨୯୩୮୪***

# ଘର ଭିତରେ ଠାକୁର ଘର ?

ପଙ୍କଜ କୁମାର ପାଣିଗ୍ରାହୀ

ଘର ଭିତରେ ବାର ମାସରେ ତେର ଅଶୌଚ। ଅଶୌଚ କାରଣରୁ ଅନେକ ସମୟରେ ସମ୍ପୂର୍ଣ୍ଣ ଗୃହକୁ ମଧ୍ୟ ଶୌଚ କରିବାକୁ ପଡିଥାଏ ପ୍ରାୟତଃ ସବୁ ବର୍ଗର ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କର। ସେହି ସମୟରେ ଠାକୁର କି'ନ୍ତୁ ଆଉ ଅଶୌଚ ହେଉନାହାନ୍ତି କିମ୍ୱା କ୍ଷୁବ୍ଧତାର କୌଣସି ପରିପନ୍ଥୀ ନହୋଇ ଅପେକ୍ଷା କରିଥା'ନ୍ତି ବୋଧେ ଘର ଶୌଚ ହେବା ବେଳକୁ ସେ' ମଧ୍ୟ ନିଜେ ଶୌଚ ହେବେ ବୋଲି, କେବଳ ମନୁଷ୍ୟଙ୍କ କ୍ଷମତାଧିନ ବନ୍ଦୀ କାରଣରୁ, ନା ଆଉ କିଛି? ଆମର ଅଶୌଚ ହେଲେ ତୁମେ ତୁମ ଘରେ ଭୋକ ଉପାସରେ ରହିଥାଅ, ଏବଂ ଆମର ଯେତେବେଳେ ସୁବିଧା ହେବ ସେତେବେଳେ ତୁମକୁ ସତ୍କାର କରାଯିବା ଭାବନା ରହିଥିବା ଅନୁଭବ ହେଉଛି ଏସବୁ ଦେଖିଲେ। ଅତ୍ୟନ୍ତ ଆଶ୍ଚର୍ଯ୍ୟ ଲାଗୁଛି ଲୋକଙ୍କ ଏସବୁ ମାନସିକତା ଗୁଡିକୁ ସମୀକ୍ଷା କରିବାକୁ ବସିଲେ। ଯାହା ହେଉ ସେମାନେ ଯାହା ବୁଝିଛନ୍ତି।

କି'ନ୍ତୁ ସତରେ କ'ଣ ସେମାନେ ହିନ୍ଦୁ ସଂସ୍କୃତିକୁ ମାନ୍ୟତା ଦେଉଛନ୍ତି? ନା ସେମାନେ ମଧ୍ୟ କେବଳ ଦେଖାଣିଆ ଭାବେ ଏସବୁ ସାମାଜିକ ନିୟମକୁ ମାନି ଭିତରେ ଆଉ ଭଗବାନଙ୍କ ପ୍ରତି କୌଣସି ମାନ୍ୟତା ରଖିନାହାନ୍ତି...? ଅନେକ ପ୍ରଶ୍ନ?! ଯଦି ସତରେ ମାନୁଥିବେ ତାହେଲେ ବିଭିନ୍ନ ସମୟର ଅଶୌଚ କାରଣରୁ ଭଗବାନଙ୍କ ସାନିଧ୍ୟ ପରିବର୍ତ୍ତେ ଅଭିଶାପକୁ ଭୟ କରି କେବେହେଲେ ଘର ଭିତରେ ମନ୍ଦିରଟିଏ ପ୍ରତିଷ୍ଠା କରିନଥା'ନ୍ତେ ଯାହା ଏକ ଅତ୍ୟନ୍ତ ଭୟାବହ କାର୍ଯ୍ୟ! କାରଣ ସର୍ବଶକ୍ତିମାନ ଭଗବାନ କେବେହେଲେ କୌଣସି ଅମାନ୍ୟତା ସ୍ୱୀକାର କରିପାରିବେ ନାହିଁ ଯାହା ମଣିଷ ଜାଣିଶୁଣି ତାଙ୍କ ପ୍ରତି ଅସଦାଚରଣ କରିବ। ଭଗବାନ କେବଳ କ୍ଷମା ଦେଇଥା'ନ୍ତି ଯାହା ମଣିଷ ନିଜସ୍ୱ ଜ୍ଞାନରେ ନଥାଇ କିଛି ଭୁଲ କରିଯାଇ ଥାଏ। କି'ନ୍ତୁ ଏଭଳି ଏକ ଅମାନୁଷିକ ଆଚରଣକୁ ଭଗବାନ କ'ଣ ସତରେ କ୍ଷମା କରିବେ, ନା ସେମାନଙ୍କ ପାରିବାରିକ ଅମଙ୍ଗଳ ସାଧିତ ହେଉଛି ଆଜି ସମୟରେ ଯେଉଁ କାରଣରୁ ପ୍ରାୟତଃ ୯୯ ଶତକଡା ମଣିଷ ସବୁବେଳେ କେବଳ ଦୁଖୀ, ରୋଗଗ୍ରସ୍ଥ ହୋଇ ରହୁଛନ୍ତି ବିଭିନ୍ନ କାରଣରୁ। ସାଧାରଣ ମଣିଷଙ୍କ ବ୍ୟାପକ ରୋଗ, ଦୁଃଖର କାରଣ କୁଆଡେ ଘର ଭିତରେ ଭଗବାନଙ୍କୁ ବନ୍ଦୀ କରି ରଖିବା କାରଣରୁ ହେଉନାହିଁ ତ? ଭଗବାନଙ୍କୁ ବିଭିନ୍ନ ଅଶୌଚ ପରିସ୍ଥିତିରେ ଅଶୁଦ୍ଧ କରି ଅପବିତ୍ର କରିବା କାରଣରୁ ଭଗବାନ କ୍ଷୁବ୍ଧ ହୋଇ ସମଗ୍ର ମଣିଷ ସମାଜକୁ ଅଭିଷାପଗ୍ରସ୍ଥ କରି ଦୁଃଖ ଦେଉନାହାନ୍ତି ତ? ପୂର୍ବରୁ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦଘାତ, ଆଣ୍ଠୁଗଣ୍ଠି ବାତ ଭଳି ଦୁଃସାଧ୍ୟ ରୋଗ ଗୁଡିକ ନଥିଲା କହିଲେ ଚଳେ ଯାହା ଆଜି ସମୟରେ ପ୍ରାୟ ପ୍ରତ୍ୟେକ ପରିବାରରେ ନିଶ୍ଚିତ ଭାବେ ବ୍ୟାପିବାକୁ ଲାଗିଛି, ତାହା ଭଗବାନଙ୍କ ପ୍ରତି ଏହିଭଳି ଅନୈତିକ ଆଚରଣ କାରଣରୁ ନୁହେଁ ତ? ଅନେକ ପ୍ରଶ୍ନ...!

ସ୍ୱଚ୍ଛୋଚାରିତା ଭାବେ ସଂସ୍କୃତିକୁ ଗ୍ରହଣ କରି ନିଜକୁ ସୁହାଇଲାଭଳି ସରଳ ରାସ୍ତାରେ ଅଧିକ ପାଇବା ପାଇଁ ମଣିଷ ଏସବୁ ଯାହା କରୁଛି ହୁଏତ ସେଗୁଡ଼ିକରେ ଠାକୁର ସନ୍ତୁଷ୍ଟ ନୁହେଁ ବରଂ ଅସନ୍ତୁଷ୍ଟ ହୋଇ ସମସ୍ତଙ୍କୁ ବ୍ୟାପକ ଅଭିଷାପ ଦେଉଛନ୍ତି ଯଦ୍ୱାରା ଆଜି ସମସ୍ତେ କେବଳ ମାନସିକ ଚାପଗ୍ରସ୍ଥ ହୋଇ ଦୁଃଖରେ ଜୀବନ ଯାପନ କରୁଛନ୍ତି ଯାହା ହୁଏତ ଆମ ମନମାନସରେ ଆନ୍ଦୋଳିତ ହୋଇ ପାରୁନାହିଁ। କି'ନ୍ତୁ ଭଲଭାବେ ବିଚାର କରି ଦେଖନ୍ତୁ ଯେ ସର୍ବ ଶକ୍ତିମାନ ସୃଷ୍ଟି କର୍ତ୍ତାଙ୍କୁ ତାଙ୍କ ସ୍ଥାନରେ ରହିବାକୁ ନଦେଇ ନିଜର କୁଡ଼ିଆ ମଧ୍ୟରେ ଆୟତ୍ତାଧିନ କରି ରଖି ତାଙ୍କୁ ପୂଜା କରିବା ତାଙ୍କ ପାଇଁ ସଦାଚରଣ ନା ଅପମାନ? ଯଦି ତାହା ଅପମାନ ହୋଇନଥାଏ ତାହେଲେ ସମସ୍ତ ମନ୍ଦିର ଗୁଡିକୁ ଆଉ କାର୍ଯ୍ୟକ୍ଷମ କରାଯିବା କୌଣସି ଆବଶ୍ୟକତା ନାହିଁ ବୋଲି ଆମେ ଭାବୁଛୁ! ଆଉ ଯଦି ତାହା ଠାକୁରଙ୍କ ପ୍ରତି ଅପମାନ ତାହେଲେ ତାଙ୍କୁ ସେହି ଶୁଦ୍ଧପୂତ ମନ୍ଦିର ମଧ୍ୟରେ ରଖି ତାଙ୍କରି ପାଖକୁ ଯାଇ କେବଳ ପୂଜାର୍ଚ୍ଚନା ପୂର୍ବକ ବର ମାଗିବା ବ୍ୟତୀତ ସ୍ୱଗୃହରେ ବନ୍ଦୀ କରି ରଖି ନିବେଦନ କରିବା କୌଣସି ମତେ ଗ୍ରହଣୀୟ ହୋଇନପାରେ ତାଙ୍କରି ପାଖରେ ବୋଲି ଆମ ବିଚାର। ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତାଙ୍କୁ କେବଳ ତାଙ୍କରି ଉଚ୍ଚାସୀନା କ୍ଷେତ୍ରରେ ଉପସ୍ଥାପନ ପୂର୍ବକ ଏହି ସାଧାରଣ ମଣିଷ ନିଶ୍ଚିତ ଭାବେ ତାଙ୍କରି ନିକଟକୁ ଯାଇ ପ୍ରର୍ଥନ କଲେ ଯେତିକି ଫଳ ମିଳିବ ହୁଏତ ତାଙ୍କୁ ବନ୍ଦୀ କରି ରଖି ନିଜର ଅଶୌଚ କୋଠରୀ ମଧ୍ୟରେ ନରଖିବା ଅତି ଉତ୍ତମ ହେବ ବୋଲି ଆମ ବିଚାର!

ଯାହା ହେଉ ଯାହା ସଂସ୍କୃତି କହୁଥିଲା ଆମେ ତାକୁହିଁ ଉପସ୍ଥାପନା ପୂର୍ବକ ଆପଣ ମାନଙ୍କ ମଙ୍ଗଳ କାମନା କରି କହିଲୁ। ବର୍ତ୍ତମାନ ବିଚାର ଆପଣମାନଙ୍କ ଯେ ଆପଣ ଠାକୁରଙ୍କୁ କେମିତି ଦେଖିବେ / ପୂଜିବେ! ଯଦି ଆପଣ ଭାବୁଛନ୍ତି ଯେ ନିଜର ଅଶୌଚ ବାସଗୃହ ମଧ୍ୟରେ ଠାକୁରଙ୍କୁ ବନ୍ଦୀକରି ରଖି କୌଣସି ମତେ ତାଙ୍କର ସାନିଧ୍ୟ ଲାଭ କରିପାରିବେ ଏବଂ ମନ୍ଦିରରେ ରହିଥିବା ଭଗବାନଙ୍କ କାୟା/ ରୂପ ଭିନ୍ନ ତାହେଲେ ଆପଣ ଯାହା ଭାବୁଛନ୍ତି ତାହା ହିଁ କରନ୍ତୁ। ଯଦି ପ୍ରକୃତ ପକ୍ଷେ ହିନ୍ଦୁ ଧର୍ମ ଗ୍ରଂଥ ଗୁଡିକରେ ଲିଖିତ ସଂସ୍କୃତିକୁ ମାନ୍ୟତା ଦେଇ ଭଗବାନଙ୍କୁ ନିଜ ଶିର ଉପରେ ଉପସ୍ଥାପନ ପୂର୍ବକ ତାଙ୍କର ସାନିଧ୍ୟ ଲାଭ କରିବାକୁ ଇଛା ତାହେଲେ କେବଳ ମନ୍ଦିରକୁ ଯାଇ ସେହି ଚେଷ୍ଟା କରନ୍ତୁ କି'ନ୍ତୁ ନିଜ ଘର ଭିତରେ ତାହା ସମ୍ଭବ ନୁହେଁ ବୋଲି ଆମର ମନ୍ତବ୍ୟ। ହୁଏତ ବ୍ୟାପକ ଅହେତୁକ କଷ୍ଟ ଦାୟକ କାରଣ ହୋଇପାରେ ଭଗବାନଙ୍କୁ ନିଜ ଘର ଭିତରେ ରଖି ଅଶୌଚ କରିବାରେ ଯଦ୍ୱାରା ଆପଣଙ୍କ ଅଜସ୍ର ଦୁଃଖର କାରଣ ନହେଉ ଭବିଷ୍ୟତରେ ଏହା ହିଁ ଆମର ଶେଷ କାମନା। ବିଚାର ଆପଣଙ୍କର...!


***ସୋସିଆଲ ଫୋରମ (ଭାରତ)***
***ଛତ୍ରପୁର, ଗଂଜାମ-୭୬୧୦୨୦***
***ଦୂରଭାଷ.: ୯୪୩୭୩୨୪୯୧୭***

## ଧାରାବାହିକ ଉପନ୍ୟାସ

# ଶେଷ ଦୃଶ୍ୟ



**କ୍ଷୀରୋଦ ଦାସ**




ଭାଗ-୦୧

ଫୋନ୍ ରିଂ ହେଉଥିଲା ବାରମ୍ବାର।

ଖଟ ଉପରେ ବସିଥିଲେ ରାଜଲକ୍ଷ୍ମୀ। ଗୋଦ୍‌ରେଜ ଆଲମିରା ପାଖରେ ପଡିଥିବା ଆର୍ମ ଚେୟାର ଉପରେ ଶୁଭକାନ୍ତ। କେହି କାହାକୁ ଚାହୁଁ ନଥିଲେ କିମ୍ବା ଉଠିଯାଇ ଟେଲିଫୋନ୍‌କୁ ଧରୁ ନଥିଲେ। ସତେ ଯେପରି କାହାକୁ ଶୁଭୁ ନଥିଲା ଫୋନ୍‌ର ଘଣ୍ଟିଶବ୍ଦ!

ସମୟ ପୂର୍ବାହ୍ନ ଦଶଟା। ଚୈତ୍ର ମାସର ଖରା ନିରିମାଖି ପୃଥିବୀକୁ ଦହନ କରୁଥିଲା ଚରମ ନୃଶଂସତାର ସହ। ମୁଣ୍ଡ ଉପରେ ସତେ କି ଅଜାଡି ହୋଇପଡୁଥିଲା ହାବୁକା ହାବୁକା ନିଆଁ! ଏସବୁ ସତ୍ତ୍ୱେ ଭାରି ଚଳଚଞ୍ଚଳ ଥିଲା ବାହାର ଦୁନିଆ। ଘର ପାଖ ବଜାରରୁ ଶୁଭୁଥିଲା ବ୍ୟସ୍ତ ମଣିଷମାନଙ୍କର କଳରୋଳ। ଗାଡି ମଟରର ପେଁ ପେଁ ଆବାଜ। ଶୁଭୁଥିଲା ବି ମା' ମାର୍ବଲ ଦୋକାନରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରେ ଜଗନ୍ନାଥଙ୍କ ଜଣାଣ।

ସେସବୁ କିନ୍ତୁ ପହଞ୍ଚି ପାରୁ ନଥିଲା ସ୍ୱାମୀ-ସ୍ତ୍ରୀ ଦିହିଁଙ୍କ କାନ ପାଖରେ। ଦୁଇଟି ପଥର ମୂର୍ତ୍ତି ପରି ଦୁହେଁ ବସିରହିଥିଲେ ସତେଅବା ଆବହମାନ କାଳରୁ, ନିଜର ଚିନ୍ତା ଓ ଚେତନାକୁ କେଉଁଠି ହଜେଇ ଦେଇଥିବା ପରି। ମଣିଷର ମୁହଁ ଉପରେ କେତେ ଦୁଃଖ ଓ ନୈରାଶ୍ୟ ପ୍ରତିଫଳିତ ହୋଇପାରେ, ତାହା ବୋଧହୁଏ ମୋନେ ନିରବରେ ପ୍ରଦର୍ଶନ କରୁଥିଲେ ଏହି ବାଗରେ।

କିଛି ସମୟ ବାଜିବା ପରେ ଟେଲିଫୋନ୍‌ଟି ହାଲିଆ ହୋଇଯାଇ ମୁହୂର୍ତ୍ତେ ବିଶ୍ରାମ ନେଲା ଏବଂ ଶକ୍ତି ସଞ୍ଚୟକରି ପୁଣି ବାଜି ଉଠିଲା। ତାହା ଯେପରି ପ୍ରତିଜ୍ଞାବଦ୍ଧ ଥିଲା ଘରର ନିରବତା ସହିତ ଦୁଇଜଣ ଅସହାୟ ମଣିଷଙ୍କର ଦୁର୍ବଳ ମନକୁ ଭାଙ୍ଗି ଚୂର୍ମାର କରିଦେବା ପାଇଁ।

ଶୁଭକାନ୍ତଙ୍କ ମୁହଁ ବିକୃତ ହୋଇଗଲା ସେଇ ଶବ୍ଦ ଶୁଣି। ସେ ଆପାତତଃ ଉଠି ପଡୁଥିଲେ ତାଙ୍କୁ ହରକତ୍ କରୁଥିବା ସେହି ସୈତାନଟିକୁ ଉଠାଇ ଫିଙ୍ଗିଦେବା ପାଇଁ ବାହାରକୁ। କ୍ରୋଧରେ ପାଟଳ ପଡିଗଲା ତାଙ୍କ ମୁହଁ। ପରେ ପରେ ତାଙ୍କର ସେଇ ଅପାରଗ କ୍ରୋଧ ନିଜର ସତ୍ତା ହରାଇବସି ରୂପାନ୍ତରିତ ହେଲା ଅସୀମ ଅସହାୟତାରେ। ଅସମର୍ଥ ମଣିଷଟିଏ ପରି ସେ ଆହୁରି ଆଉଜି ପଡିଲେ ଚେୟାରକୁ ଏବଂ ଗୁଣୁଗୁଣୁ ହୋଇ କହିଲେ-

"ପଳେଇବି ଏ ଘରୁ। କେବଳ ଏଇ ଘରୁ ନହେଁ, ଏ ସଂସାରରୁ ବି। ସବୁକିଛି ଛାଡିଛୁଡି ପଳେଇବି କୁଆଡେ ନାଇଁ କୁଆଡେ। ଏତେ ଦୂରକୁ ଚାଲିଯିବି ଯେ ଯିଏ ଯେତେ ଖୋଜିଲେ କି ଲୋଡିଲେ ବି ସେତେବେଳେ ପାଇବନି ମୋତେ। ମିଳାଇଯିବି ଶୂନ୍ୟରେ, ପବନରେ। ସେତେବେଳେ ନା ଥିବ ଏପରିକି ବୁକୁଫଟା ଦୁଃଖ ନ ଥିବ ଟେଲିଫୋନ୍‌ର ଏ କାନଫଟା ଘର୍ଘର ଶବ୍ଦ। ଏମିତି ଦେଖିବାକୁ ଗଲେ ଏଠି କିଏ ବା ଅଛି କାହାକୁ ଖୋଜିବା ପାଇଁ? ଲୋଡିବା ପାଇଁ? ଦୁଃଖ, ଲଜ୍ଜା ଓ ଅପମାନରେ ମାଟି ଉପରେ ପେଟେଇ ପଡୁଥିବା ମଣିଷଟିକୁ ଟିକେ ସାହାରା ଦେବା ପାଇଁ! ତାଙ୍କୁ ଏ ଅନ୍ଧକାରମୟ, ପୂତିଗନ୍ଧମୟ ନର୍କରୁ ଉଦ୍ଧାର କରିବା ପାଇଁ?"

ଅଛନ୍ତି କି ନିଜର କିଏ, କେଉଁଠି! - ଶୁଭକାନ୍ତ ନିଜେ ନିଜକୁ ପ୍ରଶ୍ନ କଲେ ଉତ୍ତର ପାଇଁ ଆଶା ନ ରଖି।

ଏଭଳି ପ୍ରଶ୍ନଟେ ସତରେ ସେ କାହାକୁ ପଚାରିଲେ କିମ୍ବା ମନକୁ ମନ କହିଲେ, ସେକଥା ରାଜଲ୍ମୀ ଜାଣି ନପାରି ତାଙ୍କ ଆଡକୁ ମୁହଁ ବୁଲାଇ ପଚାରିଲେ-

"ପଳେଇବ! କୁଆଡେ ପଳେଇବ? କ'ଣ ଏକା ଏକା! ଭାରି ସୁବିଧାବାଦୀ ତ!"

ରାଜଲକ୍ଷ୍ମୀଙ୍କର ଏ ଶ୍ଳେଷପୂର୍ଣ୍ଣ କଥା ତିଳେମାତ୍ର ପ୍ରଭାବ ପକାଇପାରିଲା ନାହିଁ ଶୁଭକାନ୍ତଙ୍କ ମନ ଉପରେ। ଲେଶମାତ୍ର ପ୍ରତିକ୍ରିୟା ଦେଖାଗଲା ନାହିଁ ତାଙ୍କ ମୁହଁ ଉପରେ। ତାଙ୍କ ମୁହଁକୁ ଦେଖି ଲାଗୁଥିଲା ସେ ତିଳେମାତ୍ର ଆଗ୍ରହୀ ନୁହନ୍ତି ଏଇ ମୁହୂର୍ତ୍ତରେ ପାଖରେ ବସି ତାଙ୍କ ଉଦ୍ଦେଶ୍ୟରେ କିଛି ଅସଂଲଗ୍ନ ଶବ୍ଦ ଫିଙ୍ଗୁଥିବା, ତାଙ୍କ ସହିତ ଦୀର୍ଘ ବୟାଳିଶ ବର୍ଷ ସାତ ମାସର ବୈବାହିକ ଜୀବନ ବିତାଇଥିବା



ଅର୍ଦ୍ଧାଙ୍ଗିନୀ ରାଜଲକ୍ଷ୍ମୀଙ୍କ ମୂଲ୍ୟହୀନ କଥା ଶୁଣିବାକୁ କିମ୍ବା ଶୁଣିକି ଉତ୍ତର ଦେବାକୁ।

ତାଙ୍କୁ ଶୁଣାଇବା ପାଇଁ ଅବା ନିଜ ମନ ଭିତରର କ୍ରୋଧ, କ୍ଷୋଭ ତଥା ଅସହାୟତାକୁ ପ୍ରଶମିତ କରିବା ପାଇଁ ରାଜଲକ୍ଷ୍ମୀ ଏଥର ତାଙ୍କ ଆଡକୁ ମୁହଁକରି ଅପେକ୍ଷାକୃତ ଉଚ୍ଚଗଳାରେ କହିଲେ- "କୁଆଡେ ପଳାଇବା ପାଇଁ ଯଦି ମନ ବଳାଇଛ, ତେବେ ଏକା ଯିବ କାହିଁକି? ଯିବା ଯଦି ସାଙ୍ଗ ହୋଇ ଯିବା। ତାହା ସ୍ୱର୍ଗକୁ ହେଉ ଅବା ନର୍କକୁ। ଆକାଶକୁ ହେଉ ଅବା ପାତାଳକୁ। ବୁଡିବା ଯଦି ଧରାଧରି ହୋଇ ବୁଡିବା। ଏକା ଯିବା ପାଇଁ ତୁମକୁ ଛାଡିବ କିଏ ଯେ ତୁମେ ପଳେଇବ?"

ରାଜଲକ୍ଷ୍ମୀଙ୍କର ଏଇ କଥା କେଇପଦ କାନରେ ପଶିଲା ଶୁଭକାନ୍ତଙ୍କର। ତାଙ୍କ ମୁହଁ ଲାଲ୍ ପଡିଗଲା। ଏ କଥାରେ ଧମକ ଅଛି ନା ଆଦେଶ! ବ୍ୟଙ୍ଗ ଅଛି ନା ଅଶ୍ଳେଷ!

କହିବା ପାଇଁ ଅନେକ କିଛି ଥିଲେ ମଧ ପାଟି ଫିଟାଇଲେ ନାହିଁ ଶୁଭକାନ୍ତ। କିଛି କହିବାକୁ ଅବା ଶୁଣିବାକୁ ତାଙ୍କର ଆଗ୍ରହ ନଥିଲା କି ନଥିଲା ମାନସିକତା। ଅନ୍ତଃମନରେ ସେ ଚାହୁଁଥିଲେ ନିରବତା, ଏକାକୀତ୍ୱ।

"ନିଜକୁ ଏତେ ସାଧୁ, ସଚ୍ଚୋଟ ଆଉ ନିର୍ଦ୍ଦୋଷ ବୋଲି ଭାବ ନାହିଁ।" -ରାଜଲକ୍ଷ୍ମୀ କହିଲେ - "ଦୋଷଟା କ'ଣ କେବଳ ଆମ ମା' ପୁଅଙ୍କର? ତୁମର କଣ ଟିକିଏ ବି ଭୂମିକା ନାହିଁ ଏଥିରେ? କହିବାକୁ ଗଲେ ଏ ସବୁଦାୟ ପରିସ୍ଥିତି ପାଇଁ ଆମେ ସମସ୍ତେ ସମପରିମାଣରେ ଦାୟୀ। ଗୋଟିଏ ତ୍ରିଭୁଜର ଆମେ ତିନିଟି ବାହୁ।" ନିର୍ଯ୍ୟାତିତ ସ୍ୱରରେ କହିଲେ ରାଜଲକ୍ଷ୍ମୀ, ଯେମିତିକି ଆଉ ଅଧିକ ପଦେ ବି କହିବା ପାଇଁ ତାଙ୍କର ପାଖରେ ନାହିଁ ଫୁଣ୍ଟାଏ ବି ସାମର୍ଥ୍ୟ!

ଏକଥା ବି ଶୁଣିଲେ ଶୁଭକାନ୍ତ। ଚୁପ୍ ରହିଲେ। ରାଜଲକ୍ଷ୍ମୀଙ୍କ ପାଟିରୁ ପଦେ କଥା ଶୁଣିବା ପାଇଁ ଏକଦା ବ୍ୟଗ୍ର ହୋଇପଡୁଥିବା ଶୁଭାକନ୍ତଙ୍କର ସେଇ ମୁହୂର୍ତ୍ତରେ ତିଳେମାତ୍ର ଇଚ୍ଛା ନଥିଲା ତାଙ୍କ କଥା ଶୁଣିବା ପାଇଁ। ତାଙ୍କ ପାଖରେ ନା ଥିଲା ମାନସିକତା ନା ଶକ୍ତି, କୌଣସି କ୍ରିୟାର ପ୍ରତିକ୍ରିୟା ପ୍ରକାଶ କରିବା ପାଇଁ। ସେ ଚାହିଁଲେ ବାହାରକୁ, ଦ୍ୱାରବନ୍ଧ ସେପାଖରେ ଚଳଚଞ୍ଚଳ ପୃଥିବୀକୁ - ଯେଉଁ ପୃଥିବୀ ଏକଦା ତାଙ୍କୁ ଲାଗୁଥିଲା ଆନନ୍ଦ ସହ ଉତ୍ସବର ଏକ ନନ୍ଦନକାନନ ପରି, ଏବେ ତାହା ଜଣାପଡୁଛି ଭୟ ଉଦ୍ରେକକାରୀ ଗୋଟେ ଶ୍ମଶାନ ଭଳି।

ସେ ଚଟ୍‌କରି ସେଆଡୁ ଦୃଷ୍ଟି ଫେରାଇ ଆଣି ଚାହିଁଲେ ନିଜକୁ। ନିଜକୁ ଚାହିଁଦେବା ମାତ୍ରେ ଏକ ସ୍ନେହପ୍ରବଣ ଆବେଗରେ ଓଦା ହୋଇଗଲା ତାଙ୍କ ମନ। ସେ ଭାବିଲେ ବାସ୍ତରି ବର୍ଷର ନିଜ ଶୀର୍ଣ୍ଣ ଶରୀର ଆଉ ଭଙ୍ଗାମନକୁ ଟିକେ ଆଉଁଶି ଦେବାକୁ। ଟିକେ ଆଶ୍ୱାସନା ଦେବାକୁ। ନିଜ ସହ ମୁହୂର୍ତ୍ତେ ଗପସପ ହେବାକୁ, ଏକାନ୍ତ ସମୟ ବିତାଇବାକୁ।

ଅଥଚ ଏ ଭାବନା ଅପସରିଗଲା ସହସା। ସ୍ନେହପ୍ରବଣ ଆବେଗପଣିଆ ରୂପାନ୍ତରିତ ହୋଇଗଲା ମୁଠାଏ କଠୋରତାରେ। ଅତି ଯତ୍ନ ଓ ହେପାଜତରେ ଲାଳନପାଳନ ହୋଇଥିବା ଏ ଶରୀର ଆଉ ମନ ଆଜି ଯେଉଁଠି ପହଞ୍ଚିଛି, ସେଥିରେ ଅଛି କି ସାମାନ୍ୟ ଉଦ୍‌ବେଳନ ଅବା ଉତ୍ତେଜନା!

ଯାହା ଅଛି କେବଳ ରାଶି ରାଶି ଅସହାୟତା ଓ ମହଣ ମହଣ ଓଜନିଆ ଦୀର୍ଘଶ୍ୱାସ।

ସତକୁ ସତ ଏକ ଉତ୍ତପ୍ତ ଦୀର୍ଘଶ୍ୱାସ ତାଙ୍କ ତମାମ ସତ୍ତାକୁ ଆନ୍ଦୋଳିତ କରି, ଅଭିଭୂତ କରି ବାହାରିଗଲା ତାଙ୍କ ଛାତି ଭିତରୁ।

(କ୍ରମଶଃ)

---

# ବାପା



**ଡ. ମନୋରଞ୍ଜନ ବିଷୋୟୀ**

ବାପା... ନିଜ ସୁଖକୁ ମାଟି କରି
ଆମକୁ ବଡ଼ କରିଛ
ନିଜ ରକ୍ତକୁ ପାଣି କରି
ଦିନରାତି ଆମ ପାଇଁ ଖଟିଛ
ଆମେ କିଛି ମାଗିବା ଆଗରୁ
ସବୁକିଛି ଯୋଗାଇ ଦେଇଛ
ଆମକୁ କୋଳେ ଧରି
କେତେ ଗପ କହିଛ
ଆଉ କାନ୍ଧେ ଧରି
ଜହ୍ନମାମୁଁ ଦେଖାଇଛ
ବାପା... ତୁମ କାନ୍ଧଠୁ
ନିରାପଦ ଜାଗା ବାଲ୍ୟକାଳେ
ଆମ ପାଇଁ ଆଉକିଛି
ଏ ଜଗତେ ନଥିଲା ତ
ଆମେ ଦୁଷ୍ଟ ହେଲେ
ଆଖି ଦେଖାଇ
ଆମକୁ ଶାସନ କରିଛ
ଆମ ଆପଦ ବିପଦରେ
ତୁମେ ସାହା ହୋଇଛ
ଆସୁ ଯେତେ ଦୁଃଖ
ତୁମେ ଭରସା ଦେଇଛ
ଆମକୁ ସୁଖରେ ରଖିବାକୁ
ଋଣ ଭାର ସହିଛ
ଆମ ଅଜାଣତେ
କେତେ ଲୁହ ଝରାଇଛ
ଆମେ କାଳେ
ଜାଣିଯିବୁ ଭାବି
ମଧ୍ୟବିତ୍ତ ଲୋକର
ନିଅଣ୍ଟିଆ ହସ ହସିଛ
ବାପା ଏପରି କରି
ତୁମେ କ'ଣ ପାଇଛ?
କେବଳ ଆମ ଶୈଶବର ଅର୍ଦ୍ଦଳି
କୈଶୋରର ଦାବି
ଆଉ ଯୌବନର
ଅଭିମାନ ସହିଛ।

ସବୁବେଳେ ଆମ କଥା ଚିନ୍ତା କରି
ତୁମେ ବ୍ୟାଧିଗ୍ରସ୍ତ ହୋଇଛ
ରକ୍ତଚାପ ମଧୁମେହ
ସାଥେ ଧରି କାଳ କାଟୁଛ
ଏବେ ତ ଚାକିରିରୁ
ଅବ୍ୟାହତି ନେଇଛ
ସବୁଦିନ ଏବେ ତୁମେ
ଛୁଟିଦିନ ରୂପେ ପାଇଛ
ତୁମ ସ୍ୱାସ୍ଥ୍ୟ ଚିନ୍ତା ଛାଡ଼ି
ଏବେ ବି ଏ ପରିଣତ ବୟସରେ
ଆମ ପାଇଁ କାହିଁକି
ଏତେ ଚିନ୍ତା କରୁଛ?

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*

---

# ଜୀବନ

**ଅଧ୍ୟାପକ ଅଜୟ ପଟ୍ଟନାୟକ**



ଜୀବନ ତ ନୁହେଁ ଏକ ସରଳରେଖା
ଗତିପଥ ତା'ର ଅତି ଦନ୍ତୁରିତ ବକ୍ର।
ବାଧା ବିଘ୍ନ, ଝଡଝଞ୍ଜା ସଦା ସାଥୀ ତାର
ସୁଖ ଶାନ୍ତି ସାବଲୀଳତା ଅତିଥି ସମାନ।
କେତେ ଚିହ୍ନା, ପରିଚିତ କ୍ରମେ ହୁଅନ୍ତି ଅଚିହ୍ନା
ଆଉ ଅଜଣା ଅଚିହ୍ନା କେତେ ହୋଇଯାନ୍ତି ଚିହ୍ନା।
ଅଜଣାରେ କାହା ସହ ପ୍ରେମ ହୋଇଯାଏ
ଅତି ଆପଣାର ପୁଣି ଦୂରେଇ ଚାଲିଯାଏ।
ଚାଲୁ ଚାଲୁ, ଝୁଣ୍ଟୁ ଝୁଣ୍ଟୁ ଜୀବନର ପଥେ
ନିଜର ହୁଅନ୍ତି ପର, ପର ହୁଏ ଆପଣାର।
ଶତ୍ରୁ ଆଜି ହୁଏ ମିତ୍ର, ମିତ୍ର ହୁଏ ବଇରୀ
କିଏ ସେ ବୁଣୁଛି / ଗୁନ୍ଥୁଛି ଏ ସମ୍ପର୍କ ଦଉଡି।
କୁଆଡୁ ଆସିଛି ମୁହିଁ, ଯିବି ପୁଣି କୁଆଡେ
ବାହୁଡିଲେ ନାହିଁ ଜଣେ,
ଥିଲେ ଯେତେ ଅନେକ।
କିଏ ସେହି ଲୀଳାମୟ ଲଗାଇଛି ହୁନ୍ଦର
ବାଣ୍ଟୁଅଛି ସୁଖ ଦୁଃଖ କରି କର୍ମଫଳ ବିଚାର।

*ଭୁବନେଶ୍ୱର*
*ଦୂରଭାଷ : ୯୯୩୭୫୭୯୩୫୯*

---

## କିଶୋରୀ କବିତା

# ଚକାଆଖିର ଘୋଷଯାତ୍ରା



**ଶୁଭଶ୍ରୀ ମହାପାତ୍ର**

ଚାଲ ଚାଲ ଦେଖିବା
ମହାପ୍ରଭୁଙ୍କ ରଥଯାତ୍ରା ଆସର
ଭକତ ମେଳରେ
ଯାଆନ୍ତି ପ୍ରଭୁ ମାଉସୀ ଘର:
ପହଁଚିଲେଣି ଆସି ପ୍ରଭୁ
ଆଜି ମାଉସୀ ଘରେ
ଦୁଃଖୀରଙ୍କିଙ୍କ ଦୁଃଖ ହରନ୍ତି
ପ୍ରଭୁ ବରଷେ ଥରେ।
ଗୁଣ୍ଡିଚା ଯାତରା ପଡଇ
ଆଷାଢ଼ର ଶୁକ୍ଳ ପକ୍ଷରେ
ଆଠଦିନ ରହି ବାହୁଡ଼ିବେ
ପ୍ରଭୁ ଦଶମୀ ତିଥିରେ :
ଆସରେ ଆସରେ ଦେଖିବା
ଅତି ଆନନ୍ଦର ଏ ଦୃଶ୍ୟ
ଭକ୍ତଙ୍କ ଗହଣେ ବୁଲନ୍ତି
ଆଜି ଜଗତ ନାଥ।
ମହାଲକ୍ଷ୍ମୀ ମା'ଙ୍କୁ ନ ନେଇ
ପ୍ରଭୁ କରନ୍ତି ଏ ଘୋଷଯାତ୍ରା
ହେରାପଞ୍ଚମୀରେ ମା ଆସି
ଦେଖାନ୍ତି ତାଙ୍କ କ୍ରୋଧର ମାତ୍ରା :
ରଥକାଠ ଭାଙ୍ଗି ମା କରନ୍ତି ରାଗ ଶାନ୍ତ
ଏତେ ରାଗ ଦେଖି ମାଙ୍କ
ପ୍ରଭୁ ଦଶମୀ ତିଥିରେ ବାହୁଡ଼ନ୍ତି।
ଏକାଦଶୀ ଦିନ ପ୍ରଭୁ ବଡଦାଣ୍ଡରେ ବସି
ସୁନାବେଶେ ଦର୍ଶନ ଦିଅନ୍ତି
ବାଣ୍ଟି ଜଗତେ ଖୁସି :
ଏହାଦେଖି ଭକ୍ତ ନୟନ ଆଜି ହୁଏ ପବିତ୍ର
କୋଟି ଜନ୍ମର ପାପକୁ ହରନ୍ତି
ପ୍ରଭୁ ନିମିଷେ ମାତ୍ର।
ଦ୍ୱାଦଶୀରେ ନୀଳାଦ୍ରି ବିଜେ
ହୁଅନ୍ତି ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି
ମିଠା ଖୁଆଇ ଖୁସିକରନ୍ତି
କମଳା ମା ଙ୍କୁ ଆମ ଜଗତ ପତି :
ଏ ଅପୂର୍ବ ଶୋଭା ଥରେ ଯିଏ ଦେଖଇ
ଲକ୍ଷ୍ମୀନାରାୟଣଙ୍କର ଭକ୍ତି କୃପା ସାରଜନ୍ମ
ଲଭଇ।

*ଶବଳକଣା, ମାହାଙ୍ଗା, କଟକ*
*ଦୂରଭାଷ : ୯୩୩୭୦୭୧୭୧୫*

---

# ସେଇଥି ପାଇଁ କ'ଣ ସୁଦାମା !

**ସଞ୍ଜୀବ କୁମାର ଦାସ**

ଉତ୍ତମ ରଜ୍ଜୁରେ ବନ୍ଧା ବୋଲି କାହ୍ନା ସାଙ୍ଗେ,
ନାଁ ତା'ର ସୁଦାମା।
ସତରେ ସେ ବନ୍ଧୁତାର ପଟାନ୍ତର କାହିଁ!
ପିଟି ନ ଥିଲା ଡିଣ୍ଡିମ ସୁଦାମା
କେବେ କାହ୍ନୁ ତା'ର ବନ୍ଧୁ ବୋଲି
ବରଂ କହ୍ନେଇ କୋଳେଇ ଥିଲା
ମିତକୁ ସବୁରି ଆଗରେ,
ଟାଣି ନେଇ ସଭିଙ୍କ ଭିତରୁ।
ପାଇଥିଲା କାହ୍ନା କ'ଣ ଜାଣୁ!
ସୁଦାମା ଭିତରେ ସେଇ ସ୍ନେହବୋଳା ଡୋରିଟଓ,
ଯା' ତାକୁ ଭୁଲାଇ ଦେଲା 'ରାଜା'
ହେଲେ ବି ସେ ବନ୍ଧୁତା'ର ନିଃସ୍ୱ ନୁହଁ!
ଅଜାଡି ଦେଇଥିଲା କାଇଁ
କେତେ ଦଉଲତ କେଜାଣି।
ଖୋସି ହୋଇ ଯାଇଥିଲା ନୟନ
ସମୂହ ବନ୍ଧୁ ପତ୍ନୀଙ୍କର, କହ୍ନେଇ ଦାନରେ।
ସେହିପରି ସୁଦାମା ଟିଏ ନୁହେଁ ମୁଁ!
ବରଂ ଡିଣ୍ଡିମ ପିଟୁଛି ଆଜି ସବୁରି ଆଗରେ।
ନିଃସ୍ୱ ହୋଇ ଯାଇଛି,
ସାଜିଛି ଦାଣ୍ଡର ଭିକାରି।
ହେ କହ୍ନେଇ ମୋର, ଯେ ସ୍ଥାନେ ଅଛୁ,
ଆଡ ନୟନରେ ଦେଏଖ ଭଲା ଥରେ।
ଯାଚନା ନୁହେଁ ମୋ ବେଶୀ ଅବା
ଚାହୁଁନି ଅଧିକ କିଛି।
କହୁନି କୁଡିଆକୁ ମୋର କରିଦେ ପ୍ରାସାଦ,
ଭରି ଦେ ସେଇଠି ହୀରା, ଲୀଳା, ମୋତି
ଆଉ ଅମାପ ସମ୍ପତ୍ତି।
ପଚାରି ଦେ ଥରେ ଅଛି ମୁଁ କେମିତି,
ଏତିକି ବିନତୀ।
ଦୁଃଖ ମୋର ଚାଲିଯିବ ଦେଖି ତୋତେ ଥରୁଟି।
ହେ ମୋର କହ୍ନେଇ!
ତୁ ତ ଜଗତଜିତା, ପହଞ୍ଚିଛୁ ସମ୍ମାନର ଶିଖରରେ
କେତେ ପ୍ରାଚୁର୍ଯ୍ୟର ଅଧିକାରୀ।
ତୋ କୃପାରୁ କାଣିଚାଏ ଦେବୁନି ମୋତେ!
ନତୁବା, ସୁଦାମାର ବନ୍ଧୁତାର ଡୋରି
ରହିଯିବ ଅବନ୍ଧା ହୋଇ।
ପ୍ରାଣର କାହ୍ନା ମୋର, ଚାଲି ଆ ଥରୁଟିଏ ଖାଲି,
ଆଉ ଭିଡି ଦେ ସେଇ ରଜ୍ଜୁଟାକୁ,
ଯେବେ କେବେ ଛିଡି ନ ଯିବ ଆଉ।

*କଟକ*

---

# ପ୍ରଗତି ପଥରେ ଆଧୁନିକ ଓଡ଼ିଶା

**ଦୀନବନ୍ଧୁ ବେଜ**



ପ୍ରାଚୀନ କାଳରେ ଓଡ଼ିଶା ତାର ଐତିହ୍ୟ ପରମ୍ପରା ବେପାର ବାଣିଜ୍ୟ ପାଇଁ ଦେଶ ବିଦେଶରେ ଖ୍ୟାତ ଥିଲା, ଓଡ଼ିଶାର ସାଧବ ପୁଅମାନେ ଯାହାଜରେ ଓଡ଼ିଶାରୁ ଉତ୍ପାଦିତ ବିଭିନ୍ନ ଦ୍ରବ୍ୟ ଯେପରି ଟସର ଲୁଗା, ପାଟ ଶାଢୀ, ସୁଗନ୍ଧି ଦ୍ରବ୍ୟ ଶୁଷ୍କ ଫଳ ଓ ମସଲା ଇତ୍ୟାଦି ସେଠାରେ ବ୍ୟବସାୟ କରି ଭଲ ମୁଦ୍ରା ନେଇ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ। ଓଡ଼ିଶାରେ ରାଜା କପିଳେନ୍ଦ୍ରଦେବ, ନରସିଂହ ଦେବ, ପୁରୁଷୋତ୍ତମ ଦେବ ପ୍ରଭୃତିଙ୍କ ଶାସସକାଳକୁ ସୁବର୍ଣ୍ଣ ଯୁଗ କୁହା ଯାଉଥିଲା। ସେହି କାଳକୁ ଉତ୍କର୍ଷ ଓଡିଶା କୁହା ଯାଉଥିଲା।

ମାତ୍ର ଆଧୁନିକ ଓଡ଼ିଶା କଥା ଉଠିଲେ ରବିନ୍ଦ୍ରନାଥଙ୍କ ରଚିତ ଜାତୀୟ ସଂଗୀତରେ ଜନଗଣ ମନ ଅଧିନାୟକରେ ଉତ୍କଳ ନାମ ସଗର୍ବେ ଉଚ୍ଚାରିତ ହୁଏ। ସ୍ୱଚ୍ଛତାରେ ନିଜକୁ ଦେଶର ଏକ ନମ୍ବର ଦାବି କରି ଓଡ଼ିଶା ଦୁନିଆକୁ ଆଶ୍ଚର୍ଯ୍ୟ ଚକିତ କରି ଦେଇଛି। ଦେଖିବାକୁ ଗଲେ ଆୟତନ ଦୃଷ୍ଟିରୁ ୮ ନମ୍ବର ଥିବା ଓଡିଶାର ବଙ୍ଗୋପ ସାଗର ଉପକୂଳର ଦୈର୍ଘ୍ୟ ୮୫ କିଲୋମିଟର ଏବଂ ଏହା ପଡୋଶୀ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ରାଜ୍ୟ ସହ ଲାଗିକରି ରହିଛି। ୧,୫୫,୭୦୭ ବର୍ଗ କିଲୋମିଟର ପରିବ୍ୟାପ୍ତ ଆମ ଓଡ଼ିଶା ରାଜ୍ୟରେ ପାଖାପାଖି ୪.୬୮ କୋଟି ଲୋକ ବସବାସ କରନ୍ତି। ଏହି ରାଜ୍ୟର ସ୍ୱାକ୍ଷର ୭୨.୯ ଶତକଡ଼ା ଯାହା ଭାରତ ବର୍ଷ ଠାରୁ ସାମାନ୍ୟ କମ। ଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ନିଅଁ ପକାଇ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉଦ୍ଦେଶ୍ୟରେ ଏକ କବିତା ପଙ୍କ୍ତି ଏଠାରେ ମନେ ପଡ଼େ।

> କହିଲା ଜାତିର କାନେ କାନେ
> ଉଠିବୁ ଆଉତୁ କେତେ ଦିନେ।
> ଉତ୍କଳ ଗୌରବ ଉତ୍କଳ ମହିମା
> ପଡୁ ନାହିଁକିରେ ତୋର ମନେ।

ଏକଥା ବିଚାର କଲେ ଦେଖାଯିବ ନବନିର୍ମାଣ କ୍ଷେତ୍ରରେ ଉତ୍କଳ ମୁଣ୍ଡ ଟେକୁଥିଲା ତାହା ସ୍ୱୀକାର କରିବାକୁ ପଡିବ।

ଯୋଗାଯୋଗ ପାଇଁ ବିସ୍ତିର୍ଣ୍ଣ କୋଷ୍ଟ କେନାଲ ସହିତ ଚାରି ଆଡ଼େ ପକ୍କା ରାସ୍ତା ସହିତ ଡିଜିଟାଲ କ୍ରାନ୍ତି ଆଜି ଦେଶକୁ ଆଗକୁ ବଢିବାରେ ସାହାଯ୍ୟ କରିଛି। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପରିବହନ ପାଇଁ ରେଲୱେ କ୍ଷେତ୍ରରେ ଓଡ଼ିଶା ବହୁ ଆଗରେ। ଏ କ୍ଷେତ୍ରରେ ବର୍ତ୍ତମାନ ଆମ କ୍ଷେତ୍ର ଓଡ଼ିଶା ବହନ କରୁଥିବା ବିଶିଷ୍ଟ ବନ୍ଦର ମାନ ବିଶେଷ ଭାବରେ ସହାୟକ ହୋଇ ପାରୁଛି। ପାରାଦୀପ, ଧାମରା, ଗୋପାଳପୁର ପରି ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳ ପ୍ରାୟତଃ ପ୍ରସ୍ତୁତ କରାଯାଉଛି ଓଡିଶା ଅର୍ଥନିତୀକୁ ବହୁଗୁଣିତ କରିବାପାଇଁ, ବର୍ତ୍ତମାନ ଆମ ଧାମରା ବନ୍ଦର ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଯେପରି ଖାଦ୍ୟ ପ୍ରକ୍ରିୟାକରଣ, ଔଷଧ ଶିଳ୍ପ, ବୟନ ଶିଳ୍ପ ରାସାୟନ ଶିଳ୍ପ ପ୍ରଭୃତି ହେବା ପାଇଁ ଅଲଗା ଅଲଗା ଜୋନ ପ୍ରସ୍ତୁତ କରା ଯାଉଛି। ଯେପରି ପରିବେଶ ଉପଯୋଗୀ ହେବ ସେହି ପରି ଭାବେ ଏହି ଶିଳ୍ପାଞ୍ଚଳ ପ୍ରସ୍ତୁତ କରିବା ସହ ବିଭିନ୍ନ ଜୋନରେ ବିଭକ୍ତ କରି ଏହାକୁ ଉନ୍ନତି କରାଯାଉଛି। ଖାଲି ଆମର ନୁହେଁ ପାରାଦ୍ୱୀପ, ଗୋପାଳପୁର, କଳିଙ୍ଗନଗର, ପରି ଅଂଚ୍ଳ ବର୍ତ୍ତମାନ ଏହି ଫୋକସ ଭିତରେ। ସେଥିପାଇଁ ଓଡ଼ିଶାର ଶିଳ୍ପକୁ ପାଦେ ଆଗକୁ ନେବାକୁ ଗଠିତ ହୋଇ ଯାଇଛି ଓ ହବ।

ଯାହା ରାଜଧାନୀ ଭୁବନେଶ୍ୱର ଅବସ୍ଥିତ। ଏହା ପ୍ରାୟ ୧୫୦ଟି କମ୍ପାନୀ ସମ୍ମିଳିତ ଭାବରେ ଆଗକୁ ବଢିବ ତାଙ୍କୁ ସମସ୍ତ ସହଯୋଗ ଯେପରି ବିଜୁଳି, ପାଣି, ଜମି, କଞ୍ଚାମାଲ, ଓ ଆର୍ଥିକ ସହଯୋଗ ସହ ଗ୍ରାହକ ବ୍ୟବସ୍ଥା ପାଇଁ ଏଠାରେ ଏକ୍ସପଟ ମାନଙ୍କୁ ଉପସ୍ଥାପିତ କରା ଯାଇଛି।

ଯେପରି ଏକ ପରିସଂସ୍ଥାରେ ସମସ୍ତ ଜୀବ ଏକତ୍ର ସହବସ୍ଥାନ କରନ୍ତି ପରସ୍ପର ମିଳିମିଶି ବେଶ ଆନନ୍ଦରେ କାଳାତିପାତ କରିନ୍ତି ଓଡିଶାର ଏହି ପରିକଳ୍ପନା ଠିକ ସେଇଆ। ସେଇଠି କର୍ପୋରେଟ ଅଫିସ ଏକ ଛାତ ତଳେ ରହି ଆନ୍ତର୍ଜାତୀୟ ବ୍ୟବସାୟର ନିଅଁ ପଡ଼ି ପାରିବ। ତତ ସହିତ ଓଡ଼ିଶାରେ ବ୍ୟବସାୟିକ ଛବି ବହୁତ ଦିଗନ୍ତ ପ୍ରସାର ହେବାକୁ ଯାଉଛି।

କଥାରେ ଅଛି ଏହାର ମାଟି ଛୁଇଁଲେ ସୁନା, ଏହାର ପାଣିଦିଏ ପଇସା ଗଣି ଗଣି ,ଏହାର ପବନ ଟାଣି ଆଣେ ଅନେକ ପର୍ଯ୍ୟଟକ। ଆପଯନ୍ତ ପ୍ରାକୃତିକ ସଂପଦ ଖଣିଖାଦାନ ବିସ୍ତିର୍ଣ୍ଣ ବେଳାଭୂମି ଏପରି କି ସାରା ଦେଶକୁ ୫୦ ପ୍ରତିଶତ ଲୌହ ଖଣିଜ,ଆଲୁମିନିୟମ ସହ ସାରା ଦେଶକୁ ସାମୁଦ୍ରିକ ଖାଦ୍ୟ ଉପାଦନରେ ଓଡିଶା ଏବେ ଆଗରେ। ଏଠିକାର ମାନବ ସମ୍ବଳ ମଧ ପ୍ରଚୁର। ଏହି ସବୁକୁ ବିନିଯୋଗ କରି ଆଗାମୀ ଦିନରେ ଆମ ଓଡିଶା ନିଶ୍ଚିତ ଏକ ନୂଆ ଓଡ଼ିଶା ଦେଖିବାକୁ ଯାଉଛି ଏହା ସଭିଙ୍କୁ ମାନିବାକୁ ପଡିବ।

ଫଳରେ ଖୁବ ଶିଘ୍ର ବାଣିଜ୍ୟ ବସତେ ଲକ୍ଷ୍ମୀ ଉକ୍ତିର ଯଥାର୍ଥତା ପ୍ରତିପାଦନ ହେବାକୁ ଯାଉଛି।

*ସଂପାଦକ*
*ଜାତୀୟ କବି ଲେଖକ ସଂଗଠନ*
*ବାସୁଦେବପୁର, ଭଦ୍ରକ, ଓଡ଼ିଶା*









## କାକଟପୁର ନିର୍ବାଚନ ମଣ୍ଡଳୀର ସମୀକ୍ଷା ବୈଠକ

# ସୁରଙ୍କ ଗଡ ଏବେ ବି ସୁରକ୍ଷିତ



**ଅସ୍ତରଙ୍ଗ :** କାକଟପୁର ନିର୍ବାଚନ ମଣ୍ଡଳୀ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ଠାରୁ ବର୍ତ୍ତମାନନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ପର୍ଯ୍ୟନ୍ତ ସବୁବେଳେ ସୁର ନାୟକଙ୍କ ଦୃଢ଼ ସଂଗଠନ ଦ୍ୱାରା ଏବେ ବି ସୁରକ୍ଷିତ ହୋଇ ରହିଅଛି। କଂଗ୍ରେସ ନେତା ସ୍ୱର୍ଗତ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ଦେହାନ୍ତ ପରେ ସୁର ନାୟକ କାକଟପୁର ନିର୍ବାଚନ ମଣ୍ଡଳୀରୁ ୫ଥର ନିର୍ବାଚିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଶେଷ ପର୍ଯ୍ୟାୟରେ ଯୋଜନା ବୋର୍ଡ ଉପାଦକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରି ରାଜନୀତିରୁ ଅବସର ଗ୍ରହଣ କରିଥିଲେ। ଅବସର ଗ୍ରହଣ କରିବା ପରେ ବି ସେ ଶାରୀରିକ ଅସୁସ୍ଥ ଥାଇ ମଧ୍ୟ ବିଭିନ୍ନ ସମୟରେ ନିର୍ବାଚନ ମଣ୍ଡଳୀ ଗ୍ରସ୍ତ କରି ପୁରୁଖା କର୍ମୀ ମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ବିଜେଡି ଦଳକୁ ସବୁବେଳେ ସୁରକ୍ଷିତ ରଖିଛନ୍ତି।ତାଙ୍କ ପରେ ତାଙ୍କ ବଡ ପୁଅ ସ୍ୱାଧୀନ କୁମାର ନାୟକ ପ୍ରତ୍ୟକ୍ଷ ରାଜନୀତିକୁ ଆସି ଦୁଇ ଦୁଇ ଥର ଲଗାତାର ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିବା ସହିତ କାକଟପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଦାୟିତ୍ୱ ଗ୍ରହଣ କରି ଦଳକୁ ଆଜି ପର୍ଯ୍ୟନ୍ତ ସଙ୍ଗଠିତ କରି ରଖି ପାରିଛନ୍ତି। ବର୍ତ୍ତମାନର ମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କୁ ବିଜେଡିର ଦଳୀୟ ଟିକେଟ ଦେବାରେ ସୁର ନାୟକ ଓ ସ୍ୱାଧୀନ ନାୟକ ପ୍ରମୁଖ ଭୂମିକା ଗ୍ରହଣ କରି ସେତେବେଳେ ଚର୍ଚ୍ଚାରେ ଥିଲେ।ସବୁବେଳେ ବିଜେପି କଂଗ୍ରେସ ଠାରୁ ସମ ଦୂରତା ରକ୍ଷା କରି ବିଜେଡି ଦଳର ବିଧାୟକ ପ୍ରାଥୀ ମାନଙ୍କୁ ବିଜୟୀ କରିବାରେ ସ୍ୱର ସ୍ୱାଧୀନଙ୍କ ଭୂମିକା ସବୁବେଳେ ବିଜେଡି ଦଳ ତଥା ନବୀନ ପଟ୍ଟନାୟକଙ୍କ ପାଇଁ ଗଡ ଭାବେ ବେଶ ଲୋକପ୍ରିୟ ହୋଇ ରହିଛି। ବିଜେଡି ଗଡକୁ ସବୁବେଳେ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ସମୟରେ ସ୍ୱାଧୀନ ନବୀନଙ୍କ ଲୋକପ୍ରିୟତାକୁ ଫୋକସରେ ରଖି ଆସୁଛନ୍ତି। ନିକଟରେ କୋଣାର୍କ ଠାରେ ଆୟୋଜିତ ଏକ ଦଳୀୟ ସମୀକ୍ଷା ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ତୁଷାର କାନ୍ତି ବେହେରା, ରାଜ୍ୟ ସମ୍ପାଦକ ତଥା ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ, ବିଜେଡି ଡିଜିଟାଲ ସେଲର ସଦସ୍ୟ ସୁବ୍ରତ ଛାଟୋଇ ପ୍ରମୁଖ ଯୋଗ ଦେଇ ଥିଲେ। ସ୍ୱାଧୀନଙ୍କ ସଭାପତିତ୍ୱରେ କୋଣାର୍କ, ଗୋପ, ଅସ୍ତରଙ୍ଗ, କାକଟପୁରର ଶତାଧିକ ବରିଷ୍ଠ କର୍ମୀ, ଯୁବ ବିଜେଡିର କର୍ମକର୍ତ୍ତା, ବିଜେଡି ମହିଳା ମୋର୍ଚ୍ଚାର ସଦସ୍ୟା ମାନେ ଉପସ୍ଥିତ ହୋଇ ଦଳର ସ୍ଥିତି ସମ୍ପର୍କରେ ସଂଗଠନ ସମ୍ପାଦକଙ୍କୁ ଅବଗତ କରାଇଥିଲେ। ସ୍ୱାଧୀନ ତାଙ୍କ ଅଭିଭାଷଣ ପ୍ରସଙ୍ଗରେ ଉପସ୍ଥିତ ସମସ୍ତ କର୍ମୀ , ମହିଳା ଓ ଯୁବକ ମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଦେବା ସହିତ ସମସ୍ତେ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ କହିଥିଲେ ଏବେ ବି ସୁର ନାୟକଙ୍କ ଗଡ ସୁରକ୍ଷିତ ରହିଛି ଆଗକୁ ସବୁବେଳେ ଏମିତି ସୁରକ୍ଷିତ ହୋଇ ରହିଥିବ।କେହି ଚାହିଁଲେ ବି କିଛି କ୍ଷତି କରି ପାରିବେ ନାହିଁ। କାରଣ ନବୀନ ବାବୁଙ୍କ ସହିତ ବିଜେଡି କର୍ମୀ ମାନେ ସବୁବେଳେ ଏକତ୍ରିତ ହୋଇ ରହିଛନ୍ତି। ଏହା ପରେ ସଙ୍ଗଠନ ସମ୍ପାଦକ ସମସ୍ତ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଅଧିକ ପରାମର୍ଶ ଦେଇ କହିଥିଲେ ଯେ ବିଜେପି କଂଗ୍ରେସ ଠାରୁ ସମଦୁରତା ବଜାୟ ରଖିବା ସହିତ ଦଳକୁ ଆହୁରି ମଜଭୁତ କରିବା ପାଇଁ ସମସ୍ତ ଦଳୀୟ କର୍ମକର୍ତ୍ତା ମାନେ ଏକଜୁଟ ହୋଇ କାମ କରିବାକୁ ପଡିବ। ଶ୍ରୀ ଦାସ ମନ୍ତ୍ରୀ ଆଉ ଉପାଦକ୍ଷଙ୍କ ପରାମର୍ଶରେ ତୃଣମୂଳ ସ୍ତରରେ କାର୍ଯ୍ୟ ଆରମ୍ଭ କରିବାକୁ ଯୁବ ବିଜେଡିଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ସୁର ନାୟକଙ୍କ ଗଡ ଯେପରି ଆଗାମୀ ଦିନରେ ତଥା ଆଗାମୀ ସାଧାରଣ ନିର୍ବାଚନରେ ସବୁଠାରୁ ଭଲ ପ୍ରଦର୍ଶନ କରିବ ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଜରୁରୀ ଅଟେ। ଏବେ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଗୋପ, କାକଟପୁର ଓ ଅସ୍ତରଙ୍ଗ ବ୍ଲକର ୬୨ ପଞ୍ଚାୟତ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟାପକ ଭାବେ ବୈଠକ ମାନ କରି ସମୀକ୍ଷା କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଛି। ସମସ୍ତ ସମୀକ୍ଷା ରିପୋର୍ଟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯିବ ବୋଲି ଉପାଦକ୍ଷ ଶ୍ରୀ ନାୟକ କହିଛନ୍ତି।

# ପ୍ରସୂତୀଙ୍କ ପାଇଁ ବରଦାନ ଡାବୁଗାଁ ମା' ଗୃହ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ରାଜ୍ୟ ରାଜପଥ-୩୯ ପାର୍ଶ୍ୱରେ ଗଢିଉଠିଥିବା ମା ଗୃହ ଏ ଅଞ୍ଚଳର ପ୍ରସୁତୀ ମା ମାନଙ୍କ ପାଇଁ ବରଦାନ୍ ସାଜିଛି। ଉକ୍ତ ମା ଗୃହ ତା୧୮/୫/୨୦୨୦ରେ ୧୫ ଜଣ ପ୍ରସୁତୀ ମହିଳାଙ୍କୁ ନେଇ ଆରମ୍ଭ କରିଥିଲା ତାର କାର୍ଯ୍ୟକ୍ରମ। ୨୦୨୦ ବର୍ଷରେ ୨୯୫ଜଣ ପ୍ରସୁତୀ ମହିଳା,୨୦୨୧ବର୍ଷରେ ୨୫୨ଜଣ ପ୍ରସୂତୀ ମହିଳା ଓ ୨୦୨୨ ଓ ୨୦୨୩ ଜାନୁୟାରି ଫେବ୍ରୁଆରୀ ମାସ ୧୯ ତରିଖ ପର୍ଯ୍ୟନ୍ତ ୨୯୨ ଜଣ ଏପରି ଆଜିକୁ ମୋଟ ୮୩୯ ଜଣ ପ୍ରସୁତୀ ମା ମାନେ ଉପକୃତ ହୋଇଛନ୍ତି। ବର୍ତ୍ତମାନ ପ୍ରସୂତୀ ମା ଗୃହରେ ୪ଜଣ ରହି ଥିବା ଦେଖାଯାଇଛି। ଏପରି ପ୍ରସୂତୀ ମା ମାନେ ଆସୁଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥହୋଇ ନିଜ ଘରକୁ ଫେରୁଛନ୍ତି। ପ୍ରସୁତୀ ମା ମାନଙ୍କ ପ୍ରଶବ ସମ୍ଭାବ୍ୟ ତାରିଖର ୧୫ଦିନ ପୁର୍ବରୁ ମା ଗୃହର ମହିଳା ସ୍ୱାସ୍ଥ୍ୟ କର୍ମୀ ଅନୁଶୟା ଲେଙ୍କା ଓ ତାଙ୍କ କର୍ମଚାରୀ ଶାନ୍ତି ଭଣ୍ଡାରୀ, କୁମାରୀ ମାଝୀ ଓ ବିମଳା ଟାକ୍ରି ପ୍ରମୁଖ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପ୍ରସୂତୀ ମା ମାନଙ୍କୁ ମା ଗୃହକୁ ଅଣାଇ ତାଙ୍କ ସେବା କରାଇଥାନ୍ତି। ଏପରିକି ସେମାନଙ୍କୁ ଡାକ୍ତରଖାନା ନେଇ ସ୍ୱାସ୍ଥ୍ୟ ପରିକ୍ଷା (ଚେକ୍‌ଅପ୍), ପ୍ରାର୍ଥନା, ଯୋଗ ଅଭ୍ୟାସ, ଶିଶୁ ଜନ୍ମ ଦେବା ପରେ ତାର ଜନ୍ ଉପରେ ସଚେତନତାର ବ୍ୟାପକ ସୂଚନା ଦେଇଥାନ୍ତି ଶ୍ରୀମତୀ ଲେଙ୍କା ମ୍ୟାଡାମ। ପ୍ରସୂତୀ ମା ମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି ସର ଜାନୀ ଦିଦି। ଏଠାରେ ରହିବା, ଟେବୁଲ ବେଞ୍ଚ ଉପରେ ବସି ଖାଇବା, ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରଶିକ୍ଷଣ ପାଇବା, ବେଡ୍‌ରେ ଶୋଇବା ସମ୍ପୂର୍ଣ୍ଣ ମାଗଣା ସେବା ପାଇ ସୁସ୍ଥ ହୋଇ ଘରକୁ ନେଇ ଛାଡି ଥାଆନ୍ତି ଏପରି ସେବା ପାଇ ଏ ଅଞ୍ଚଳର ଗର୍ଭବତୀ ମହିଳା ମାନେ ବେଶ୍ ଖୁସିରେ ଅଛନ୍ତି। ଉକ୍ତ ଅଞ୍ଚଳଟି ଆଦିବାସୀ ବହୁଳ ଅଞ୍ଚଳ ହୋଇ ଥିବାରୁ ଉକ୍ତ ମା ଗୃହରେ ରହିବା କାଳରେ ନିଜ ନିଜ ଭିତରେ ସଙ୍ଗିତର ଆସର ମଧ୍ୟ ହୋଇଥାଏ। ମୋଟରେ ପ୍ରସୂତୀ ଏ ଗୃହରେ ରହି ସବୁ ସମୟରେ ଖୁସିରେ ରଖିବା ପାଇ ଏଠାରେ ଥିବା କର୍ମଚାରୀମାନେ ଆପ୍ରାଣ ଚେଷ୍ଟା କରି ସମସ୍ତଙ୍କୁ ଖୁସିରେ ରଖିଥାଆନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ରତ୍ନଭଣ୍ଡାର ...

କରିବା ପାଇଁ ଦାଏର ଆବେଦନର ଶୁଣାଣି କରି ହାଇକୋର୍ଟ ଗତ ଏପ୍ରିଲ ଶେଷ ସପ୍ତାହରେ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଶ୍ରୀ ବରାଳଙ୍କ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦ତାରିଖକୁ ଧାର୍ଯ୍ୟ ହୋଇଛି। ମିଳିଥିବା ସୂଚନା ଅନୁସାରେ, ବିଜେପି ନେତା ସମୀର ମହାନ୍ତି ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ କରି ପୂର୍ବତନ ରାଜ୍ୟପାଳ ଶଙ୍କର ଦୟାଲ ଶର୍ମାଙ୍କ ଅଧକ୍ଷତାରେ ଗଠିତ କମିଟି ଢାଞ୍ଚାରେ ରାଜ୍ୟପାଳ କିମ୍ବା ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଅଧକ୍ଷତାରେ ଏକ ଯୁଗ୍ମ କମିଟି ଗଠନ କରି ରତ୍ନଭଣ୍ଡାରର ଅଳଙ୍କାରର ତାଲିକା ପ୍ରସ୍ତୁତ ସହ ବିପଦଶଙ୍କୁଳ ଅବସ୍ଥାରେ ଥିବା ଭିତର ଅଂଶର ମରାମତି ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି। ରତ୍ନଭଣ୍ଡାର ଚାବି ହଜାଇଥିବା ଅଫିସରଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା, କେଉଁ ପରିସ୍ଥିତିରେ ଚାବି ହଜିଲା ତା'ର ତଦନ୍ତ ସିବିଆଇ ଦ୍ୱାରା କରାଇବା, ହାଇକୋର୍ଟଙ୍କ ବୈଷୟିକ କମିଟି ଓ ଏଏସଆଇ ଚିଠି ସତ୍ତ୍ୱେ ରତ୍ନଭଣ୍ଡାରର ମରାମତି ନକରି ଏହାକୁ ବିପଦଶଙ୍କୁଳ ଅବସ୍ଥାରେ ରଖିବା ପାଇଁ ଦାୟୀ ଅଫିସରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସମସ୍ତ ଘଟଣାକ୍ରମର ତଦନ୍ତ ସିବିଆଇ ଦ୍ୱାରା କରାଇବାକୁ ଶ୍ରୀ ମହାନ୍ତି ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। ଶ୍ରୀ ମହାନ୍ତି ନିଜର ଏହି ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ, ପୁରୀ ଗଜପତି ମହାରାଜା, ଗୃହ ସଚିବ, ଆଇନ ସଚିବ, ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏଏସଆଇ କର୍ତ୍ତୃପକ୍ଷ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀ ଶ୍ରୀ ମହାନ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ରତ୍ନଭଣ୍ଡାର ଚାବି ହଜିବା ସଂକ୍ରାନ୍ତ ଜଷ୍ଟିସ ରଘୁବୀର ଦାଶ କମିଶନଙ୍କ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ପୁରୀର ଶ୍ରୀ ବରାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ରିପୋର୍ଟ ଦାଖଲର ୫ବର୍ଷ ପରେ ମଧ୍ୟ ରାଜ୍ୟ ସରକାର ଏହାକୁ ସାର୍ବଜନୀନ କରୁନଥିବାରୁ ସେଥିପାଇଁ ଆବଶ୍ୟକ ନିର୍ଦ୍ଦେଶ ସରକାରଙ୍କୁ ଦେବାକୁ ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଏହି ଆବେଦନ ଉପରେ ହାଇକୋର୍ଟ ଗତ ଏପ୍ରିଲ ଶେଷ ସପ୍ତାହରେ ରାଜ୍ୟ ମୁଖ୍ୟ ସଚିବ ଓ ଆଇନ ସଚିବଙ୍କୁ ନୋଟିସ୍ ଜାରି କରି ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦ତାରିଖ ସୁଦ୍ଧା ଜଷ୍ଟିସ ଦାଶ କମିଶନଙ୍କ ରିପୋର୍ଟର ସ୍ଥିତାବସ୍ଥା ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶ୍ରୀ ବରାଳ ତାଙ୍କ ଆବେଦନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ୧୯୭୮ ମସିହା ପରଠୁ ଖୋଲାଯାଇନଥିବାରୁ ସେଥିରେ ଥିବା ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ, ରତ୍ନଭଣ୍ଡାର ମରାମତି ନେଇ ଏଏସଆଇ ପଦକ୍ଷେପ ନେଉନଥିବା ତାଙ୍କ ଆବେଦନରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଜୁଲାଇ ୧୦ରେ ରତ୍ନଭଣ୍ଡାରର ଚାବି ହଜିବା ତଦନ୍ତ ସଂକ୍ରାନ୍ତ ରିପୋର୍ଟ ଉପରେ ହାଇକୋର୍ଟରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ଥିବାବେଳେ ଶ୍ରୀ ମହାନ୍ତି ରତ୍ନଭଣ୍ଡାରକୁ ନେଇ ଅନ୍ୟ ଏକ ମାମଲା ଦାଏର କରିଛନ୍ତି। ସୂଚନାଯୋଗ୍ୟ, ଗଜପତି ମହାରାଜା ଦିବ୍ୟସିଂହ ଦେବ ରତ୍ନଭଣ୍ଡାର ଖୋଲିବା ଓ ଭିତରର ଅଂଶକୁ ମରାମତି କରିବା ସପକ୍ଷରେ ଗଣମାଧ୍ୟମକୁ ବୟାନ ଦେଇଥିଲେ। କଂଗ୍ରେସ ନେତା ନରସିଂହ ମିଶ୍ର ଓ ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ରତ୍ନଭଣ୍ଡାର ଖୋଲିବା ଦିଗରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି କହି ସମାଲୋଚନା କରିଛନ୍ତି। ଗଜପତି ମହାରାଜା, ଶଙ୍କରାଚାର୍ଯ୍ୟ ଓ ସେବାୟତମାନେ ରତ୍ନଭଣ୍ଡାର ଖୋଲାଯାଉ ବୋଲି ଚାହୁଁଥିବାବେଳେ ସରକାର କାହିଁକି ନିରବ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ୨୦୧୮ ଏପ୍ରିଲ ମାସରେ ୧୬ଜଣିଆ ବିଶେଷଜ୍ଞ କମିଟି ରତ୍ନଭଣ୍ଡାରର ଅନୁଧ୍ୟାନ କରି ମରାମତି ଆବଶ୍ୟକ ବୋଲି ମତ ଦେଇଥିଲେ।

### ପରିବା ଦର ...

ଏହି ଅଞ୍ଚଳର ଚାଷୀମାନେ ଖରିଫ୍ ଧାନ ଚାଷ ପାଇଁ ପ୍ରସ୍ତୁତ ହେଉଛନ୍ତି। ବହୁ ପରିବା କିଆରୀ ଧାନ ଚାଷ ପାଇଁ ପ୍ରସ୍ତୁତ ହେଲାଣି। ତେଣୁ ରବି ଋତୁରୁ ହୋଇଥିବା ପରିବା ଚାଷ ଶେଷ ହୋଇଯାଇଛି। ଫଳରେ ଅମଳ ପୂରା ନାହିଁ କହିଲେ ଭୁଲ ହେବ ନାହିଁ। ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ଏହି ଅଞ୍ଚଳର ଚାଷୀମାନେ ଏବେ ଢ଼ିପ ଜମି ଦେଖି ପରିବା ଚାଷ କରିବେ। ତେଣୁ ବାଇଗଣ, ଭେଣ୍ଡି, ଜହ୍ନି ଭଳି ପରିବା ଅମଳ ହେବାକୁ ଆହୁରି ମାସକରୁ ଅଧିକ ସମୟ ଲାଗିବ। ତେଣୁ ଏବେ ଲୋକାଲ ପରିବା ନଥିବାରୁ ସବୁ ପରିବା ବାହାରୁ ଆମଦାନି ହେଉଛି। କନ୍ଧମାଳ, କଳାହାଣ୍ଡି, କୋରାପୁଟ, କେନ୍ଦୁଝର, ଢେଙ୍କାନାଳ ଭଳି ପାହାଡ଼ିଆ ଅଞ୍ଚଳରେ ଉତ୍ପାଦିତ ହେଉଥିବା ପରିବା ଉପରେ ଭରସା କରିବାକୁ ପଡୁଛି। ଏମିତିକି କୋଲକାତା, ଆନ୍ଧ୍ରପ୍ରଦେଶ ପରିବା ବି ଆବଶ୍ୟକତା ମେଣ୍ଟାଉଛି। ସେତେବେଳେ ସ୍ଥାନୀୟ ପରିବା ଉପଲବ୍ଧ ଥିବାରୁ ବାହାର ପରିବାର ଚାହିଦା କମ ଥିଲା। ତେଣୁ ଦର ସ୍ୱାଭାବିକ ଥିଲା। କିନ୍ତୁ ଏବେ ସ୍ଥାନୀୟ ଚାଷୀଙ୍କ ହାତ ଖାଲି ହୋଇଯାଇଥିବାରୁ ବାହାର ପରିବାର ଚାହିଦା ବଢ଼ିଛି ଏବଂ ସ୍ୱାଭାବିକ ଭାବେ ବଜାରରେ ଚାହିଦା ବୃଦ୍ଧି ଦରବୃଦ୍ଧିକୁ ଡାକି ଆଣିଛି।

### ଓଡ଼ିଶା ସରକାର ...

ତେବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଭିଯୋଗ ଆଧାରରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପାଣ୍ଡିଆନଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚିବଙ୍କୁ ଚିଠି ଲେଖିବା ପରେ ବିଜେଡିର ବରିଷ୍ଠ ନେତାମାନେ ଆଗକୁ ଆସିଛନ୍ତି। ମନ୍ତ୍ରୀ ତଥା ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ ପ୍ରଥମେ ଆଗକୁ ଆସି ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତକୁ ସମର୍ଥନ କରିବା ସହ ପ୍ରଶାସନ ଲୋକଙ୍କ ପାଖକୁ ଯାଉଛି ଓ ଲୋକେ ସ୍ୱାଗତ କରୁଛନ୍ତି ବୋଲି କହିଥିଲେ। ତାଙ୍କ ପରେ ପ୍ରସନ୍ନ ଆଚାର୍ଯ୍ୟ ଓ ଦେବୀପ୍ରସାଦ ମିଶ୍ର ଏବଂ ଉମା ସାମନ୍ତରାୟ ଓ ଭର୍ତ୍ତୃହରି ମହତାବଙ୍କ ବୟାନ ପାଣ୍ଡିଆନଙ୍କୁ ସୁହାଇବା ଭଳି ହୋଇଛି। ବିରୋଧୀଙ୍କ ଆକ୍ରମଣ ଯେତିକି ବଢୁଛି, ବିଜେଡି ନିଜର ସେହି ପରିମାଣରେ ବରିଷ୍ଠ ନେତାମାନଙ୍କୁ ଆଗକୁ ଆଣି ପାଣ୍ଡିଆନଙ୍କ ଗସ୍ତକୁ ଯଥାର୍ଥ ବୋଲି ଦର୍ଶାଇବାକୁ ପ୍ରୟାସ କରୁଛି। ଅନ୍ୟପକ୍ଷରେ ବିଜେପି ପୁଣିଥରେ ପାଣ୍ଡିଆନଙ୍କୁ ଶାଣିତ ସମାଲୋଚନା କରିଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଯାଇ ବିଭିନ୍ନ ଜାଗାରେ ସଭାସମିତି କରିବା ଓ ଘୋଷଣା ଆଦି କରିବା ଏହା ଦୁର୍ଭାଗ୍ୟଜନକ କଥା। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହାର ସ୍ଥାନ ନାହିଁ କି ବିଧିରେ ବ୍ୟବସ୍ଥା ନାହିଁ। ଯଦି ବିଜେଡି ନେତାମାନଙ୍କର ସାମାନ୍ୟ ସ୍ୱାଭିମାନ ଥାନ୍ତା ତା'ହେଲେ ଏକଥାକୁ ସମର୍ଥନ କରନ୍ତେ ନାହିଁ କି ସହୁନଥାନ୍ତେ। ଫାଇଭ-ଟି ଗସ୍ତକୁ ବିରୋଧ କରାଯାଉନି, ଯେଉଁ ଢଙ୍ଗରେ କାର୍ଯ୍ୟକ୍ରମ ହେଉଛି ତାହା ଗଣତନ୍ତ୍ରକୁ ହତ୍ୟା କରିବା ଭଳି। ଓଡ଼ିଶା ସରକାର ଏବେ ମୁଣ୍ଡବିହୀନ ହୋଇଛି। ସରକାର ମୁଣ୍ଡବିହୀନ ହେଲେ ଏଭଳି ବିଲକ୍ଷଣ ଦେଖିବାକୁ ମିଳେ ବୋଲି ବିଜେପି କହିଛି। ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ଅନୁରୂପ ଭାବେ ଶାଣିତ ଆକ୍ରମଣ କରି ଫାଇଭ-ଟି ସଚିବ ଚାକିରି ଛାଡ଼ି ରାଜନୀତିରେ ସାମିଲ ହୋଇ ଏସବୁ କରନ୍ତୁ। କେହି ମନା କରିବେ ନାହିଁ। ତାଙ୍କର ଗସ୍ତକୁ କଂଗ୍ରେସ ଶାନ୍ତିପୂର୍ଣ୍ଣ ଢଙ୍ଗରେ ସବୁଠି ବିରୋଧ କରିବ। ବିଜେଡି ନେତା, ମନ୍ତ୍ରୀ ଓ ବିଧାୟକମାନେ ତାଙ୍କର ଗସ୍ତକୁ ସମର୍ଥନ କରି ପରୋକ୍ଷରେ ଅଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି। ଯାହା ନିନ୍ଦନୀୟ ଓ ସମ୍ବିଧାନ ବିରୋଧୀ।

### ସାର୍ବଜନୀନ ...

ରେଳବାଇର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରକୁ ଉଦ୍ଧାର କରି ଜାତୀୟ ଗଣମାଧ୍ୟମ କହିଛି ଯେ, ସିବିଆଇ ତଦନ୍ତ ଜାରି ଥିବାରୁ ରେଳବାଇ ନିରାପତ୍ତା କମିଶନରଙ୍କ ତଦନ୍ତ ରିପୋର୍ଟକୁ ଉଜାଗର କରାଯିବ ନାହିଁ। ଏହି ରିପୋର୍ଟ ଆସିଲେ ସିବିଆଇ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି। ସିବିଆଇର ତଦନ୍ତ ରିପୋର୍ଟ ଆସିସାରିବା ପରେ ଉଭୟ ତଦନ୍ତ ରିପୋର୍ଟକୁ ତର୍ଜମା କରି ରେଳବାଇ ଆବଶ୍ୟକ ପଦକ୍ଷେପ ନେବ। ଦକ୍ଷିଣ ପୂର୍ବ ଜୋନର ରେଳବାଇ ନିରାପତ୍ତା କମିଶନର ଭାବେ ଏଏମ ଚୌଧୁରୀ ଏହି ଦୁର୍ଘଟଣାର ତଦନ୍ତ କରି ରେଳବାଇ ବୋର୍ଡକୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟ ଉପରେ କୌଣସି ସୂଚନା ଦେବାକୁ ରେଳବାଇ ବୋର୍ଡର ଶୀର୍ଷ ଅଧିକାରୀମାନେ ମନା କରିଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨ ତାରିଖରେ ବାହାନଗା ଷ୍ଟେସନ ବଜାରଠାରେ ଭୟାବହ ଟ୍ରେନ ଦୁର୍ଘଟଣାରେ ୧ହଜାରରୁ ଅଧିକ ଲୋକ ଆହତ ହୋଇଥିବାବେଳେ ଏପର୍ଯ୍ୟନ୍ତ ୨୯୩ଜଣଙ୍କ ମୃତ୍ୟୁ ହୋଇଛି।

### ଅପ୍ରସଙ୍ଗକୁ ...

ପ୍ରତିଯୋଗୀତ ଚଳାଇଛି। ସମୀକ୍ଷକଙ୍କ ମତରେ କିନ୍ତୁ ରାଜ୍ୟକୁ କଂଗ୍ରେସ ମୁକ୍ତ କରିବାକୁ ଯେପରି ଦୁଇ ଜାତୀୟ ଦଳ ମଧ୍ୟରେ ଅଘୋଷିତ ମେଣ୍ଟ ହୋଇଛି। ବୁଡ଼ିଗଲା ଗୋଡ ତଳକୁ ତଳ। ଏବେ ରାଜ୍ୟ କଂଗ୍ରେସର ଦଶା ଓ ଦିଶା ଠିକ୍ ସେମିତି। ନିର୍ବାଚନ ହେଉ କି ଉପନିର୍ବାଚନ ବିଜେପିକୁ ଭିତିରି ସହଯୋଗ କରିବାକୁ ଯାଇ ରାଜ୍ୟ କଂଗ୍ରେସ ନିଜର ସତ୍ତା ହରାଇଲାଣି। ରାଷ୍ଟ୍ରୀୟ ସ୍ତରରେ ରାହୁଲ ଗାନ୍ଧି ଭାରତ ଯୋଡ଼ୋ ଯାତ୍ରା କରି କଂଗ୍ରେସକୁ ସଂଜୀବନୀ ଦେବାକୁ ଉଦ୍ୟମ କରୁଥିବାବେଳେ ରାଜ୍ୟରେ କଂଗ୍ରେସ ନେତା ବିଜେପିର ଅପ୍ରାସଙ୍ଗିକ ପ୍ରସଙ୍ଗରେ ଥେଇ ଥେଇ ହୋଇ ନାଚିବ ସହ ନିଜକୁ କୃତ୍ୟକୃତ୍ୟ ମନେ କରୁଥିବା ଚର୍ଚ୍ଚା ହେଉଛି।

### ବିଜେଡି ଫୋକସରେ ...

ଦେଖିବାକୁ ମିଳିଥାଏ। ତାଙ୍କ ଉପରେଏବେ ଦଳୀୟ ଛାଟ ବାଜିଥିବାରୁ ସେ ନୀରବ ରହିଛନ୍ତି। ସୁର ସେଠୀଙ୍କର ଏହି ପ୍ରସଙ୍ଗରେ ନେତା ,କର୍ମୀ ଓ ସରପଞ୍ଚ ମାନେ ଆଲୋଚନା କରି ଅସନ୍ତୋଷ ପ୍ରକାଶ କରିଥିଲେ।କାକଟପୁର ନିର୍ବାଚନ ମଣ୍ଡଳୀ ରେ ନବୀନ ପଟ୍ଟନାୟକ ଓ ବିଜେଡି ଦଳର ଲୋକପ୍ରିୟତା ରହିଥିବାରୁ ତୁଷାର କାନ୍ତି ବେହେରା ୪୫ ହଜାରରୁ ଅଧିକ ଭୋଟରେ ଜିତି ଆଜି ମନ୍ତ୍ରୀ ପଦ ପାଇପାରିଛନ୍ତି ବୋଲି ପୁରୁଖା ନେତାମାନେ ମତ ଦେଇଥିଲେ। ଆଗାମୀ ୨୪ ନିର୍ବାଚନରେ ପୁଣି ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଉପସ୍ଥିତ କର୍ମୀମାନେ ଦୃଢୋକ୍ତି କରିଥିଲେ। ବିଜେଡି ବିରୋଧରେ ବିଭ୍ରାନ୍ତିକର ଖବର ପ୍ରକାଶ ପାଉଥିବାରୁ ନେତା ଓ କର୍ମୀମାନେ ନିନ୍ଦା କରିଥିଲେ। ଶେଷରେ ପୂର୍ବତନ ମନ୍ତ୍ରୀ ତଥା ଯୋଜନା ବୋର୍ଡ ଉପାଦକ୍ଷ ସୁର ନାୟକଙ୍କ ନିର୍ବାଚନୀ ରଣକୌଶଳକୁ ଆପନେଇବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ମନ୍ତ୍ରୀ ଶ୍ରୀ ବେହେରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତକୁ ଗ୍ରସ୍ତ କରିବା ସହିତ କର୍ମୀମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ଆଜି ବି ନିଜର ଲୋକପ୍ରିୟତା ବଜାୟ ରଖି ପାରିଛନ୍ତି ବୋଲି ଉପାଦକ୍ଷ ଶ୍ରୀ ନାୟକ ମତ ରଖିଥିଲେ।

# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ପାଳିତ



**ନୂଆଦିଲ୍ଲୀ :** ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୫ତମ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧ୍ୟାତ୍ମିକ ଉତ୍ସାହ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଣ୍ଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଦୀଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ନେଇଯାଇଥିଲେ। ଅପରାହ୍ନ ସାଢେ ୪ଟା ସମୟରେ ମୁଖ୍ୟ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ ପାରମ୍ପାରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଏହାପରେ ସନ୍ଧ୍ୟା ୫ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା। ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା। ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ପ୍ରବଳ ପ୍ରତାପୀ ଠାଣିରେ ଭଗବାନଙ୍କର ବାହୁଡ଼ାଯାତ୍ରା ଏବଂ ଜନଗହଳି ମଧ୍ୟରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା। ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ। ବିଳମ୍ବିତ ରାତିରେ ପୁଣି ସାହିରୋଷଣୀ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରୁ ନିଆଯାଇ ନାଟ୍ୟ ମଣ୍ଡପଠାରେ ଆସୀନ କରାଯାଇଥିଲା। ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ବାହୁଡ଼ା ଯାତ୍ରାକୁ ଦକ୍ଷତାର ସହିତ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ରବି ପାଣି, ଅବନୀ ସାହୁ, ଦୀପକ ରଥ, ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଅଭୟ ପ୍ରଧାନ, ଅଶୋକ ପ୍ରଧାନ (ଏ), କ୍ଷୀରୋଦ ପାତ୍ର, ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ (ବି), ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ନିଶିଦ୍ଧ କୁମାର ଦାଶ, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, କିଶୋର ସାମଲ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିରର ପରିଚାଳକ ରଶ୍ମୀ ରଞ୍ଜନ ବେହେରା ତଥା ସହ ପରିଚାଳକ ଶଶିକାନ୍ତ ସାହୁ, ସଞ୍ଜୀବ ଜେନା ଏବଂ ମନ୍ଦିରର ପୂଜକ ସନାତନ ପାଢ଼ୀ, ଦେବବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥୀ, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।

# ଜାତୀୟ ସିକଲ୍ ସେଲ୍ ରୋଗ ଉନ୍ମୂଳନ ଅଭିଯାନରେ ଓଡ଼ିଶାର ୨୦ ଜିଲ୍ଲା ସାମିଲ



**ଭୁବନେଶ୍ୱର,(ପିଆଇବି):** ୨୦୪୭ ସୁଦ୍ଧା ଦେଶରୁ ସିକଲ୍ ସେଲ୍ ରୋଗ ଉନ୍ମୂଳନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଜାତୀୟ ସିକଲ୍ ସେଲ୍ ରୋଗ ଉନ୍ମୂଳନ ଅଭିଯାନର ଶୁଭାରମ୍ଭ କରିବେ। ଓଡ଼ିଶା ସମେତ ଦେଶର ୧୭ଟି ରାଜ୍ୟର ୨୭୮ ଜିଲ୍ଲା, ବିଶେଷ କରି ଜନଜାତି ବହୁଳ ଜିଲ୍ଲାରେ ଅଭିଯାନକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ୨୦ଟି ଜିଲ୍ଲାରେ ଜାତୀୟ ସିକଲ୍ ସେଲ୍ ରୋଗ ମିଶନକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି। ଏସବୁ ଜିଲ୍ଲା ହେଲେ - ଅନୁଗୁଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼। ଓଡ଼ିଶା ବ୍ୟତୀତ ଉତ୍ତରାଖଣ୍ଡ (୧୩ ଜିଲ୍ଲା), ତେଲଙ୍ଗାନା(୯ ଜିଲ୍ଲା), ଗୁଜରାଟ(୧୪ ଜିଲ୍ଲା), ତାମିଲନାଡୁ(୩୨ ଜିଲ୍ଲା), ରାଜସ୍ଥାନ(୮ ଜିଲ୍ଲା), ଆସାମ(୩୪ ଜିଲ୍ଲା), ଛତିଶଗଡ଼(୩୩ ଜିଲ୍ଲା), ମଧ୍ୟପ୍ରଦେଶ(୨୦ ଜିଲ୍ଲା), ଉତ୍ତର ପ୍ରଦେଶ(୬ ଜିଲ୍ଲା), ଝାଡ଼ଖଣ୍ଡ(୨୪ ଜିଲ୍ଲା), ମହାରାଷ୍ଟ୍ର(୨୧ ଜିଲ୍ଲା), ପଶ୍ଚିମବଙ୍ଗ(୨୩ ଜିଲ୍ଲା), କର୍ଣ୍ଣାଟକ(୭ ଜିଲ୍ଲା), ବିହାର(୬ ଜିଲ୍ଲା), କେରଳ(୧ ଜିଲ୍ଲା), ଆନ୍ଧ୍ରପ୍ରଦେଶ(୭ ଜିଲ୍ଲା)ରେ ସିକଲ ସେଲ୍ ରୋଗ ଉନ୍ମୂଳନ ଅଭିଯାନକୁ କାର୍ଯ୍ୟକାରୀ କରାଯିବ। ଅଭିଯାନ ଅଧୀନରେ ୦ରୁ ୪୦ ବର୍ଷ ବୟସ୍କ ଲୋକଙ୍କ ରକ୍ତ ପରୀକ୍ଷା କରାଯାଇ ସେମାନଙ୍କ ଠାରେ ସିକଲ୍ ସେଲ୍ ରୋଗର ଲକ୍ଷଣ ଦେଖାଦେଲେ ଆବଶ୍ୟକ ଚିକିତ୍ସା କରାଯିବ।

# ଜବର ଦଖଲରେ ସର୍ବସାଧାରଣଙ୍କ ରାସ୍ତା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାରେ ଏକର ଏକର ସରକାରୀ ମୂଲ୍ୟବାନ ଜମି ଜବର ଦଖଲକାରୀଙ୍କ କବଳରେ ରହିଛି। ତେବେ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସରକାରୀ ଜମି ସରକାରଙ୍କ ଖାତାକୁ ଫେରି ପାରୁନି। କେବଳ ଗ୍ରାମାଞ୍ଚଳ ନୂହେଁ ଉମରକୋଟ ପୌରାଞ୍ଚଳ ଓ ନବରଙ୍ଗପୁର ସହର ଉପକଣ୍ଠ ହିର୍ଲି ପର୍ଯ୍ୟଟନସ୍ଥଳୀର ମୂଲ୍ୟବାନ ଜମିକୁ ଥିଲାବାଲା ବଡ଼ବଡ଼ିଆ ମାନେ ମାଡିବସି ବିରାଟ ଅଟ୍ଟାଳିକା ନିର୍ମାଣ କରିଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କେବଳ ନୋଟିସରେ ଅଟକିଯାଇଛି ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ। ତେବେ ପରିତାପର ବିଷୟ ସରକାରୀ ଜମି ପରେ ଏବେ ସର୍ବସାଧାରଣ ରାସ୍ତା ଉପରେ ମଧ୍ୟ ଜବରଦଖଲକାରୀଙ୍କ ଦୃଷ୍ଟି ପଡିଛି। ସର୍ବସାଧାରଣଙ୍କ ଯାତାୟତ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଜାଗାକୁ ମାଡି ବସି ଗୃହ ନିର୍ମାଣ କରିଛନ୍ତି ଜବରଦଖଲକାରୀ ଆଉ ସରକାରୀ ଜମି ମୁକୁଳାଇବା ବଦଳରେ କେବଳ ମାମଲା ରୁଜୁ କରି ବସିଛନ୍ତି ରାଜସ୍ୱ ଅଧିକାରୀ। ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ସଦରମହକୁମାର ଜିଲ୍ଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟ ସମେତ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ନନ୍ଦାହାଣ୍ଡି ତହସିଲ ଅଧିନରେ ରହିଛି। ତେବେ ସର୍କିଟ ହାଉସ ଠାରୁ ଭିଜିଲାନ୍ସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ବାଇପାସ୍ ରାସ୍ତା ନିର୍ମାଣ ସମୟରେ ବାପୁଜୀ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷାନୁଷ୍ଠାନ ରାସ୍ତା ଉପରେ ପାଚେରୀ ସହ ସ୍କୁଲ ଗୃହ ନିର୍ମାଣ କରିଥିବା ନଗରକୁ ଆସିଥିଲା। ଖାତା ନମ୍ବର ୧୩୬/୧୧ ପ୍ଲଟ ନମ୍ବର ୧୪୭୧ ଓ ଖାତା ନମ୍ବର ୩୬୪/୪ପ୍ଲଟ ନମ୍ବର ୧୪୭୨ କିସମ ରାସ୍ତା ରହିଥିବା ବେଳେ ଘରୋଇ ବିଦ୍ୟାଳୟ ରାସ୍ତାକୁ ଜବରଦଖଲ କରି ବିଦ୍ୟାଳୟ ଗୃହ ନିର୍ମାଣ କରାଯାଇଛି। ରାସ୍ତା ନିର୍ମାଣକାରୀ ସଂସ୍ଥା ରାସ୍ତା ଓ କୋଠାବାଡି ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ପତ୍ର ସଂଖ୍ୟା ୨୦୫ ତା ୩/୩/୨୦୨୨ ରେ ଜବରଦଖଲ ହଟେଇ ବାକୁ ନନ୍ଦାହାଣ୍ଡି ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା। ସରକାରୀ ରାସ୍ତାର ଗୋଟିଏ ପାର୍ଶ୍ୱରେ ୧୦ ଓ ଅନ୍ୟ ପାର୍ଶ୍ୱରେ ୧୫ ଫୁଟ ସ୍ଥାନରେ ଗୃହ ନିର୍ମାଣ ହୋଇଥିବା ରାଜସ୍ୱ ନିରୀକ୍ଷକ ସରଜମୀନ ତଦନ୍ତ କରିବା ସହ ତହସିଲଦାରଙ୍କୁ ରିପୋର୍ଟ ଦେବା ପରେ ଘରୋଇ ବିଦ୍ୟାଳୟକୁ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଜମି ଖାଲି କରିବା ବଦଳରେ ଗାରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅତିରିକ୍ତ ଉପ ଜିଲ୍ଲାପାଳଙ୍କ ଅଦାଲତରେ ଅପିଲ କେଶ୍ ନମ୍ବର ୧୩/୨୨ ରେ ଦାଏର୍ କରିଥିଲେ। ମାମାଲାର ଫଇସଲା ସହ ଜବରଦଖଲ ଉଚ୍ଛେଦ ନିମନ୍ତେ ବ୍ୟବସ୍ଥା ହୋଇଥିଲେ ମଧ୍ୟ ପ୍ରଶାସନ ପଶାପାଲିରେ ଫସିଯାଇଛି। ରାସ୍ତା ଓ ଶୀତଳ ଭଣ୍ଡାର ରେ ପଡ଼ିରହିଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା। ଅନ୍ୟପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ରାଜସ୍ୱ ବିଭାଗ ମଧ୍ୟରେ କିଭଳି ଅଲିଖିତ ରାଜିନାମା ସ୍ୱାକ୍ଷରିତ ହୋଇଛି ତାହା ମଧ୍ୟ ସାଧାରଣରେ ବିସ୍ମୟ ସୃଷ୍ଟି କରୁଛି। ଏସମ୍ପର୍କରେ ନନ୍ଦାହାଣ୍ଡି ତହସିଲଦାର ଡଃ ବନମାଳୀ ମେହେରଙ୍କୁ ବାରମ୍ବାର ଫୋନରେ ଯୋଗାଯୋଗ ପରେ ମଧ୍ୟ ତର୍ଜମା ଚାଲିଛି ବୋଲି ଉତ୍ତର ମିଳିଛି। ପ୍ରଶାସନ କରୁଛି କଣ ବୋଲି ଚର୍ଚ୍ଚା ହେଉଛି।

# ଓଡ଼ିଶାର ଗର୍ବ ସ୍ଥାପତ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର



ଅକ୍ଷୟ କୁମାର ରାଉତ

ମଣିଷ ମାନଙ୍କ ଦ୍ୱାରା ଦେଶ, ଜାତି, ରାଷ୍ଟ୍ର ଓ ସମାଜ ଗଢ଼ାଯାଇଛି। ପ୍ରତ୍ୟେକ ସମାଜର ଦୁଇଟି ଆଖି ଥାଏ, ତାହା ହେଉଛି ସଭ୍ୟତା ଓ ସଂସ୍କୃତି। ସଂସ୍କୃତି ହେଉଛି ସମାଜର ଦେବତା, ସଭ୍ୟତା ତାର ବାହନ। ମଣିଷର ସଂସ୍କୃତି ସଂକ୍ରୀର୍ଣ୍ଣ ହେଲେ ତାର ସଭ୍ୟତା ବିପଦରେ ପଡ଼ିଥାଏ। ଆମ ଓଡ଼ିଶା ହେଉଛି ସାହିତ୍ୟ, କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ। ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷଣ କୁ ଜୀବନ୍ୟାସ ଦେଇ କୀର୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ , ସେହି ଦେଶରେ ଏକ ସାଧାରଣ ପରିବାର ରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ (ହରଚଣ୍ଡିସାହି) ପଥୁରୀୟା ସାହିରେ ଜନ୍ମ ଗ୍ରହଣ କରିଥିଲେ। ସଂସଦ ପଦ୍ମ ବିଭୁଷଣ ଡ଼. ରଘୁନାଥ ମହାପାତ୍ର , ପିତା- ଦାମୋଦର ମହାପାତ୍ର ଓ ମା ସୁକାନ୍ତି ଦେବୀ।

ରଘୁନାଥଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା। କୌଣସି ଔଷଧ କାର୍ଯ୍ୟ କଲା ନାହିଁ। ଡ଼ାକ୍ତର କହିଲେ ଅଳ୍ପ ସମୟ ରେ ପିଲାଟି ମରିଯିବ। ପିତା ମାତା ମା ହରଚଣ୍ଡିଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇ ଗଲେ। ସେହି ଦିନ ଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲିଟି ଗଲେ। ଘରଦ୍ୱାର ଛାଡ଼ି ସେ ମା'ଙ୍କୁ ଖୋଜିବା ପାଇଁ ବଣ ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ। ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱର ଠାରେ ସାଧାନାରେ ବ୍ରତୀ ହେଲେ। ଶେଷରେ ସେ ଶିବଙ୍କର ଆଶ୍ରିବାଦ ପ୍ରାପ୍ତ ହେଲେ। ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥଙ୍କ ଭାବଭକ୍ତିର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ।

ସେ ଛୋଟ ବେଳୁ ଅଜା ଅପର୍ତି ମହାପାତ୍ରଙ୍କ ଠାରୁ ମୁର୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ। ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୃର୍ତି ବିକ୍ରି ପାଇଁ ଦିଅନ୍ତି ଆଉ କିଛି ମୃର୍ତି ସମୁଦ୍ର କୂଳରେ ବିକ୍ରି କରି ସଂନ୍ଧ୍ୟା ବେଳକୁ ଦୋକାନିଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି। ଏହା ଥିଲା ତାଙ୍କର ନିତିଦିନିଆ ବେଉସା। ଦିନେ ମୃର୍ତି ଗଢ଼ିବା ସମୟରେ ପଥୁରୀଆ ସାହିକୁ ଓଡ଼ିଶା ଓ କଲିକତା ର ଡ଼ିଜାଇନ୍ ସେଣ୍ଟର ର ଦୁଇ ନିର୍ଦ୍ଦେଶକ ଆସିଥିଲେ। ସେମାନେ ରଘୁନାଥଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ। କାଳବିଳମ୍ବ ନ କରି ରଘୁନାଥ ଭୁବନେଶ୍ୱର ଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟେନିଂ ସେଣ୍ଟରରେ ଚାକିରିରେ ଯୋଗ ଦେଲେ। ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତନ ଆସିଲା। ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ। ସେ କୋଣାର୍କ ଘୋଡ଼ା ତିଆରୀ କରି ପ୍ରତିଯୋଗିତାକୁ ପଠାଇଥିଲେ। ଏହି ପ୍ରତିଯୋଗିତାରୁ ସେ ପ୍ରଥମ କରି ଜାତୀୟ ସ୍ୱୀକୃତି ପାଇ ରାଷ୍ଟ୍ରପତି ଡ଼ଃ ଭି.ଭି.ଗିରିଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

ଜାପାନର ଫୁଜି ଗୁରୁଜୀଙ୍କ ଦିଗଦର୍ଶନରେ ରଘୁନାଥ ମହାପାତ୍ର ଧଉଳି ଠାରେ ୧୮ ଫୁଟର ବୁଦ୍ଧ ମୂର୍ତି ନିର୍ମାଣ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ



ଦେଇଥିଲେ। କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ ପ୍ରତ୍ୟାଖାନ କରିଥିଲେ। ଶ୍ରୀ ଜଗନ୍ନାଥଙ୍କର ପ୍ରରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀ ଗୁରୁ କଳା ଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇ ଥିଲେ। ତାଙ୍କର କଳାକୃତି ଥିଲା, ଯଥା- ଭୁବନେଶ୍ୱର ମାଷ୍ଟର କାଣ୍ଟିନ ଛକରେ କୋଣାର୍କ ଘୋଡ଼ା , କଟକ ବାରବାଟି ଷ୍ଟାଡ଼ିୟମ୍‌ରେ କୋଣାର୍କ ଘୋଡ଼ା , ଭୁବନେଶ୍ୱର ଏୟାର ପୋର୍ଟରେ ୧୬ ଟି କୋଣାର୍କ ଚକ୍ର, ଟିଟିଲାଗଡ଼ରେ ୭୦ ଫୁଟ ଉଚ୍ଚତାର ୩ ଟି ମନ୍ଦିର, ଗଞ୍ଜାମର ନୂତନ ତାରା ତାରିଣୀ ମନ୍ଦିର, ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର, ଧଉଳିରେ ୨ ଟି ବୌଦ୍ଧ ମୂର୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତି, ରାଜିବ ଗାନ୍ଧିଙ୍କ ସମାଧିପିଠ, ନୂଆ ଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର, ହରିଆନା ସ୍ୱରଜ କୁଣ୍ଡରେ ୧୫ ଫୁଟ ର ବୁଦ୍ଧ ମୂର୍ତି, ଆମେରିକାର ଉତର ଆଲବାମାରେ ଜଗନ୍ନାଥ ମନ୍ଦିର, ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୩ ଟି ବୌଦ୍ଧ ମୂର୍ତି ,ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତି , ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ, ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର କିଛି ବ୍ୟାକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକଦାର ହୋଇଥିଲେ। ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ବର୍ଷ ବୟସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୦୦୧ ମସିହାରେ ସେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ। ୨୦୧୩ ରେ ତୃତୀୟ ଓଡ଼ିଆ ଭାବେ ପଦ୍ମବିଭୁଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ଅନ୍ୟାନ ପୁରସ୍କାର ଭାବେ ନୃତ୍ୟଗୁରୁ କେଳଚ ଚରଣ ମହାପାତ୍ର ଓ କବି ସୀତାକାନ୍ତ ମହାପାତ୍ର ପୁରସ୍କାରରେ ପୁରସ୍କୃତ ହୋଇଥିଲେ, ଏକାଡ଼େମୀର ଧର୍ମପଦ ପୁରସ୍କାର, ଶିଳ୍ପୀଗୁରୁ ସମ୍ମାନ, ଭରତମୁନି ସମ୍ମାନ ଓ ମହ୍ଲାର ପ୍ରଭୃତି ଅନ୍ୟାନ ବହୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଥିଲେ। ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମିର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହିଭଳି ପ୍ରତିଭାଧାରୀଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନିତ କରିଥିଲେ।





ତାଙ୍କର ତିନିପୁଅ ଓ ଦୁଇଝିଅ। ତାଙ୍କ ଜୀବିତ ଅବସ୍ଥାରେ ସାନ ପୁଅକୁ ହରାଇଥିଲେ। ତାଙ୍କର ଅନ୍ତେଷ୍ଟିକ୍ରୟା ମଧ୍ୟରେ ଅନ୍ୟ ଦୁଇପୁଅ ଯଶୋବନ୍ତ ଓ ପ୍ରଶାନ୍ତ କୋରୋନା ମହାମାରୀର କରାଳ ଗର୍ଭରେ ବିଲିନ ହୋଇ ଯାଇଥିଲେ।

ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ନିର୍ମାଣର ସ୍ୱପ୍ନ, ନିରବୀଗଲା ନିହଣର ମୁନ, କରୋନାର କରାଳ ଛାୟାରେ ସବୁଦିନ ପାଇଁ ଲୁଚିଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସଂସଦ ରଘୁନାଥ ମହାପାତ୍ରଙ୍କ ଅସୁମାରୀ ଆଶା ଓ ଆକାଂକ୍ଷ ମହାମାରୀ କରୋନାରେ ପିଡ଼ିତ ହୋଇ ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ ବର୍ଷ ବୟସରେଙ୍କ ଭୂବନେଶ୍ୱର ଏମସ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା। ଏହି ମହାନ ଶିଳ୍ପି ତାଙ୍କର ହାତର ସ୍ପର୍ଶରେ ହଜାର ହଜାର ପଥରକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ। ଯାହା ଆଜି ମଧ୍ୟ ଜନ ମାନସକୁ ଆକର୍ଷଣ କରୁଛି। ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ , କିନ୍ତୁ ସେ ଯୁଗଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତିରେ ଜୀବନ୍ତ ହୋଇ ରହିଛନ୍ତି। ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତୀକୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*



# ସ୍ୱାବଲମ୍ବୀ ହେଉଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ



୫୦ଟଙ୍କା ଜମାରାଶିରୁ ଆରମ୍ଭ କରିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଆଜି ମାସକୁ ୪ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ଦିନ ଥିଲା ସେମାନେ ବଡ଼ି, ପାମ୍ପଡ଼, ଆରିଷା ଆଦି ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବ୍ୟାଗ୍ରେ ଧରି ଘର ଘର ବୁଲି ବିକ୍ରି କରୁଥିଲେ। ଅଧିକାଂଶ ସମୟରେ ତାହା ବିଶ୍ୱାସଯୋଗ୍ୟ ମଧ ହୋଇପାରୁନଥିଲା। ମାତ୍ର ଏବେ ସେମାନେ ବିଶ୍ୱଦରବାରରେ ପହଂଚିବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆର୍ଥିକସ୍ତରରେ ଅନଗ୍ରସର ଥିବା ମହିଳାମାନେ ଏବେ ପ୍ୟାରିସ୍, ଦୁବାଇ ଭଳି ଅନେକ ସହରରେ ଓଡ଼ିଶା ମିଲେଟ୍ସ ମିଶନ ସହାୟତାରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ସହ ପ୍ରଶଂସା ସାଉଁଟିପାରିଛନ୍ତି। ଘରର ଚାରିକୋଣରୁ ବାହାରି ଏବେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ପ୍ୟାରିସ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ଖାଦ୍ୟ ପ୍ରଦର୍ଶନୀ 'ସିଆଲ୍-୨୦୨୨'ରେ ଅଂଶଗ୍ରହଣ କରିବା ସହ ପୁଷ୍ଟିଶସ୍ୟର ପ୍ରଚାରପ୍ରସାର ପାଇଁ କାର୍ଯ୍ୟ କରୁଥିବାରୁ ନ୍ୟୁଟ୍ରିହବ୍ ଓ ଆଇସିଏଆର୍ ଆଇ ଆଇଏମ୍‌ଆର୍ ପକ୍ଷରୁ ହାଇଦ୍ରାବାଦରେ ଆୟୋଜିତ 'ପୋଷକ ଅନାଜ ପୁରସ୍କାର୨୦୨୨' ରେ ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱର ରେଣ୍ଟାଲ କଲୋନୀର ଶକ୍ତିମୟୀ ମହିଳା ମହାସଂଘର ଏହି ମା'ମାନେ ଓଡ଼ିଶା ମିଲେଟ୍ସ ମିଶନ ଓ ମିଶନ ଶକ୍ତି ଜରିଆରେ କୃଷି ଭବନ ପରିସରରେ ପ୍ରଥମ ମିଲେଟ୍ ଆଉଟଲେଟ୍‌ରେ ପୁଷ୍ଟିଶସ୍ୟରୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ସମ୍ପାଦିକା ପଦ୍ମାଳୟା ମହାନ୍ତି କହିଛନ୍ତି। ପୁଷ୍ଟିଶସ୍ୟର ପୁନରୁଦ୍ଧାର ସାଙ୍ଗକୁ ଏହାକୁ ଖାଦ୍ୟ ଥାଳିରେ ସାମିଲ କରିବା ପାଇଁ ୨୦୧୭ ମସିହାରୁ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ୍ସ ମିଶନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିରେ ମିଶନ ଶକ୍ତିକୁ ସଂଯୋଗ କରାଯାଇ ହଜାର ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପଦକ୍ଷେପ ନିଆଯାଇଛି। ମିଶନ ଶକ୍ତି ଓ ଓଡ଼ିଶା ମିଲେଟ୍ସ ମିଶନ ମାଧମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଦିଗରେ ମିଲେଟ୍ ଶକ୍ତି ଆଉଟଲେଟ୍ ଓ ମିଲେଟ୍ ଶକ୍ତି କାଫେର ଦାୟିତ୍ୱ ଦିଆଯାଇଛି। ମେ' ମାସ ସୁଦ୍ଧା ରାଜ୍ୟରେ ପୁରୀ, କଟକ, ସୁନ୍ଦରଗଡ଼, କେନ୍ଦୁଝର, ନୂଆପଡା, ଖୋର୍ଦ୍ଧା, ଗଞ୍ଜାମ, ଅନୁଗୋଳ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାର ୧୪ଟି ସ୍ଥାନରେ ୭ଟି ମିଲେଟ୍ ଶକ୍ତି କାଫେ ଓ ୬ଟି ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ରରେ ଅଢେଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇପାରିଛି। ବିଶେଷକରି ସୁନ୍ଦରଗଡ଼ ଜିଲ୍ଲାରେ ଥିବା ୨ଟି ମିଲେଟ୍ ଶକ୍ତି କାଫେ ମଧ୍ୟରୁ ଗୋଟିଏ କାଫେରୁ ଗୋଟିଏ ମାସରେ ସର୍ବାଧିକ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଏଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କାଫେ ଓ ଆଉଟ୍ଲେଟ୍ ସ୍ଥାପନ କରିବା ସହ ବିଭିନ୍ନ ସାମଗ୍ରୀ ପାଇଁ ସହାୟତା ଯୋଗାଇ ଦିଆଯାଉଛି। ମହିଳାମାନେ ଏବେ ମାସକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏହି ମିଲେଟ୍ ଶକ୍ତି ଆଉଟଲେଟରେ ପୁଷ୍ଟିଶସ୍ୟଯୁକ୍ତ ଖାଦ୍ୟସାମଗ୍ରୀ ବିକ୍ରି କରିବା ପାଇଁ ଏହାର ପ୍ରସ୍ତୁତି ପ୍ରଣାଳୀର ପ୍ରଶିକ୍ଷଣ ମଧ ଦିଆଯାଉଛି। ଏଥିପାଇଁ ମହିଳାମାନଙ୍କୁ ଭୁବନେଶ୍ୱର ସ୍ଥିତ ଇଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ୍ ଓ ମହୀଶୂର ସ୍ଥିତ ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ମାଧମରେ ପୁଷ୍ଟିଶସ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି, କାଫେ ଓ ଆଉଟଲେଟ ପରିଚାଳନାର ପ୍ରଶିକ୍ଷଣ ଦିଆଯାଉଛି। ଏହାସହିତ ଖାଦ୍ୟ ତାଲିକାରେ ଶୁଖିଲା ଓ ରନ୍ଧା ଖାଦ୍ୟଭାବେ






ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟକୁ ସାମିଲ କରାଯାଇଛି। ଏହି ପୁଷ୍ଟିଶସ୍ୟ ଖାଦ୍ୟ ସାମଗ୍ରୀକୁ ପରଷି ସେମାନେ ଏବେ ଦେଶ ବିଦେଶରେ ପ୍ରଶଂସା ସାଉଁଟିବା ସହ ପୁରସ୍କାର ମଧ ହାସଲ କରିପାରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ 'ମିଲେଟ୍ ଶକ୍ତି କାଫେ' କରାଯାଇ ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ସ୍ୱାବଲମ୍ବୀ କରାଯିବା ନେଇ ଯୋଜନା କରାଯାଇଛି। ଏସମ୍ପର୍କରେ କଳିଙ୍ଗଷ୍ଟାଡିୟମଠାରେ ବିଶ୍ୱକପ୍ ହକି ସମୟରେ ଖୋଲାଯାଇଥିବା 'ମିଲେଟ୍ ଶକ୍ତି ଆଉଟଲେଟ୍'ର ଦାୟିତ୍ୱରେ ଥିବା ସ୍ୱୟଂଶ୍ରଦ୍ଧା ଆଞ୍ଚଳିକ ପରିଷଦର ସମ୍ପାଦିକା ମିନତୀ ସାବତ୍ କହିଛନ୍ତି, 'ବର୍ଷେ ବର୍ଷର ସଂଘର୍ଷ ପରେ ଆମ ସଦସ୍ୟାମାନେ ଓଡ଼ିଶା ମିଲେଟ୍ସ ମିଶନ ମାଧ୍ୟମରେ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ଏବେ ସଫଳତା ପଥରେ ଆଗେଇ ଚାଲିଛନ୍ତି। ବିଶ୍ୱକପ୍ ହକି ସମୟରେ କଳିଙ୍ଗ ଷ୍ଟାଡିୟମ୍‌ରେ ମିଲେଟ୍ ଆଉଟଲେଟର ଦାୟିତ୍ୱ ତୁଲାଇ ବହୁ ପ୍ରଶଂସା ସାଉଁଟିବା ସହ ଲୋକାଦୃତ ପାଇପାରିଛୁ। କେବଳ ୧୭ଦିନରେ ଆମେ ପୁଷ୍ଟିଶସ୍ୟଯୁକ୍ତ ଖାଦ୍ୟ ପରଷି ସାଢେ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିଥିଲୁ। ଏହାସହ କଳିଙ୍ଗ ଷ୍ଟାଡିୟମ୍‌କୁ ଆସୁଥିବା ବିଦେଶୀ ଖେଳାଳୀ ଓ ପର୍ଯ୍ୟଟକମାନଙ୍କ ଦ୍ୱାରା ଆଦୃତି ଖୁବ୍ କମ୍ ଦିନରେ ଦେଶ ବିଦେଶରେ ପରିଚୟ ସୃଷ୍ଟି କରିପାରିଛୁ। 'ସେହିପରି ସୁନ୍ଦରଗଡ଼ର ଦିବ୍ୟଜ୍ୟୋତି ମହିଳା ମହାସଂଘର ପ୍ରେମା ଦାସ କୁହନ୍ତି, "୨୦୧୯ ମସିହାରୁ ମିଶନ ଶକ୍ତି ଓ ଓଡ଼ିଶା ମିଲେଟ୍ସ ମିଶନର ସହାୟତା ପାଇବାପରେ ଏବେ ବର୍ଷକୁ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରୁଛୁ। ଗୋଆ, ମୁମ୍ବାଇ, କୋଲକାତା, ପ୍ୟାରିସ୍ ଭଳି ସହରରେ ଆମ ଦ୍ୱାରା ପ୍ରସ୍ତୁତ ପୁଷ୍ଟିଶସ୍ୟ ପହଞ୍ଚାଇ ପାରୁଛୁ। ଛତିଶଗଡ଼, ଝାଡଖଣ୍ଡ ଆଦି ରାଜ୍ୟରୁ ସଦସ୍ୟମାନେ ଆସି ଆମଠାରୁ ପୁଷ୍ଟିଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଣାଳୀର ପ୍ରଶିକ୍ଷଣ ନେଉଛନ୍ତି। ପ୍ୟାରିସ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ଖାଦ୍ୟ ପ୍ରଦର୍ଶନୀ 'ସିଆଲ୍-୨୦୨୨'ରେ, ଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୨ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲୁ। ଏହା ସହ ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲୁ। ଯାହାକି କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମିଶନ ଶକ୍ତି ଓ ଓଡ଼ିଶା ମିଲେଟ୍ସ ମିଶନ ଦ୍ୱାରା ସମ୍ଭବ ହୋଇପାରିଛି। ଲୋକଙ୍କ ପାଖରେ ଦେଶୀ ଓ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପହଂଚାଇବା ପାଇଁ ପ୍ରୟାସ ଜାରି ରହିଛି।









## ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ପଦ ଛାଡ଼ିଲେ ବାଗ୍‌ଚୀ

# ଅଳକା ଅରୋରା ମିଶ୍ର ନୂଆ ମୁଖ୍ୟ



**ଭୁବନେଶ୍ୱର :** ଦୀର୍ଘ ୭ବର୍ଷ ପରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସଡିଏ) ଅଧ୍ୟକ୍ଷ ପଦରୁ ସୁବ୍ରତ ବାଗଚୀ ଆଜି ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ଦକ୍ଷତା ବିକାଶ ପ୍ରାଧିକରଣର ନୂଆ ଅଧ୍ୟକ୍ଷ ଭାବେ ଅଳକା ଅରୋରା ମିଶ୍ର ନିଯୁକ୍ତି ପାଇଛନ୍ତି। ଶ୍ରୀ ବାଗଚୀ ଟ୍ୱିଟ୍ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ନିଜର ବ୍ୟକ୍ତିଗତ କାରଣ ଦର୍ଶାଇ ଶ୍ରୀ ବାଗଚୀ ପଦ ଛାଡ଼ିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ପ୍ରଶଂସା କରିଛନ୍ତି। ଶ୍ରୀ ବାଗଚୀ ନିଜର ୭୫୦ ବେଡ୍ ବିଶିଷ୍ଟ କ୍ୟାନସର ହସ୍ପିଟାଲ ଓ ଗବେଷଣା କେନ୍ଦ୍ରରେ ଫୁଲଟାଇମ୍ ଦେବା ନିମନ୍ତେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ୨୦୧୬ ମସିହାରେ ଶ୍ରୀ ବାଗଚୀଙ୍କୁ ରାଜ୍ୟ ସରକାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲେ। ଶ୍ରୀ ବାଗଚୀ ରାଜ୍ୟ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାର ସୁବିଧାସୁଯୋଗ ସହ ଦୀର୍ଘ ୭ବର୍ଷ ଧରି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ । ସେ ଏହି ପଦରୁ ଗତକାଲି ଇସ୍ତଫା ଦେଇଥିବାବେଳେ ତାଙ୍କ ସ୍ଥାନରେ ରାଜ୍ୟ ସରକାର ପୂର୍ବତନ ଆଇଆରପିଏସ୍ ଅଫିସର ଅଳକା ଅରୋରା ମିଶ୍ରଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀମତୀ ମିଶ୍ର ଏବେ ୱାଲର୍ଡ ସ୍କିଲ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର ତାଙ୍କୁ ଗତ ୨୦୨୨ ଅକ୍ଟୋବର ମାସରେ ଏହି ନିଯୁକ୍ତି ଦେଇଥିଲେ। ଶ୍ରୀମତୀ ମିଶ୍ର ହେଉଛନ୍ତି ଆଦିତ୍ୟ ବିର୍ଲା ଗ୍ରୁପର ମାନବ ସମ୍ବଳ,କେମିକାଲ ଓ ବିର୍ଲା କାର୍ବନର ନିର୍ଦ୍ଦେଶକ ସନ୍ତୃପ୍ତ ମିଶ୍ରଙ୍କ ପତ୍ନୀ। ରାଜ୍ୟ ସରକାର ଶ୍ରୀ ମିଶ୍ରଙ୍କୁ ଏକାମ୍ର ଐତିହ୍ୟ ପ୍ରକଳ୍ପର ପରାମର୍ଶଦାତା ଭାବେ ମଧ୍ୟ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାରର ଜଣେ ପାୱାରଫୁଲ୍ ପ୍ରଶାସକଙ୍କ ସମ୍ପର୍କୀୟ ଭାବେ ପରିଚିତ ଏହି ମିଶ୍ର ଦମ୍ପତିଙ୍କର ରାଜ୍ୟ ପ୍ରଶାସନରେ ବେଶ୍ ପ୍ରଭାବ ରହିଛି। ଉଲ୍ଲେଖଯୋଗ୍ୟ, ସୁବ୍ରତଙ୍କ ପତ୍ନୀ ସୁସ୍ମିତା ବାଗଚୀ ଏବେ ଓଡ଼ିଶା ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଶ୍ରୀମତୀ ବାଗଚୀ ମଧ୍ୟ ରାଜ୍ୟ ସରକାରରେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧାସୁଯୋଗ ପାଉଛନ୍ତି। ଶ୍ରୀ ବାଗଚୀଙ୍କୁ ବିଜେଡି ଆଗାମୀ ନିର୍ବାଚନରେ ପାଟଣାଗଡ଼ ବିଧାନସଭା ସିଟ୍ କିମ୍ବା ବଲାଙ୍ଗିର ଲୋକସଭା ସିଟରୁ ପ୍ରାର୍ଥୀ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ସୁବ୍ରତଙ୍କ ଇସ୍ତଫାକୁ ନେଇ ବିଭିନ୍ନ ଚର୍ଚ୍ଚା ଲାଗି ରହିଥିବାବେଳେ ସେ ନିଜର କ୍ୟାନସର ହସ୍ପିଟାଲରେ ପୂର୍ଣ୍ଣକାଳୀନ ସମୟ ଦେବାକୁ ଏଭଳି ନିଷ୍ପତ୍ତି ନେଇଥିବା ତାଙ୍କ ନିକଟତମ ମହଲରୁ ଜଣାପଡ଼ିଛି।

# ପ୍ରଚାର ସର୍ବସ୍ୱ ସରକାରଙ୍କୁ ଓଡ଼ିଆ ଲୋକଙ୍କ ଦୁଃଖ ଦେଖାଯାଉନି : ଧର୍ମେନ୍ଦ୍ର





**ଭୁବନେଶ୍ୱର :** ଆଜି ଓଡ଼ିଶା ବହୁତ ଖରାପ ସ୍ଥିତିରେ ଅଛି। ସରକାରଙ୍କ ପକ୍ଷରୁ ହେଉଥିବା କାମରେ ଟେଣ୍ଡର ହେଉନାହିଁ। ପାରଦର୍ଶିତା ନାହିଁ, ସ୍ୱଚ୍ଛତା ନାହିଁ। ଅନେକ ଯୋଜନାରେ ଭୂତ ହିତାଧିକାରୀ ଅଛନ୍ତି। ପ୍ରଚାର ସର୍ବସ୍ୱ ଓଡ଼ିଶା ସରକାରଙ୍କୁ ଓଡ଼ିଆ ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶା ଦେଖାଯାଉନାହିଁ। ରାଜ୍ୟ ସରକାର ଆଖିରେ ଅନ୍ଧ ପୁଟୁଳି ବାନ୍ଧିଛନ୍ତି ବୋଲି ଶୁକ୍ରବାର କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀର 'ସଂଯୁକ୍ତ ମୋର୍ଚ୍ଚା ସମ୍ମିଳନୀ'ରେ ଯୋଡି ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମୋଦି ସରକାରଙ୍କ ୯ ବର୍ଷର ସେବା, ସମର୍ପଣ ଓ ସୁଶାସନର ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିସି ମାଧ୍ୟମରେ ଯୋଡିହୋଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶା ସରକାରରେ ଅପାରଗ ଶାସନ ଏବଂ ଅବ୍ୟବସ୍ଥା କାରଣରୁ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣୀ ଯୋଜନାର ସଠିକ୍ କ୍ରିୟାନ୍ୱୟନ ହେଇପାରୁନାହିଁ। ଜିରୋ ଟୋଲେରାନ୍ସର ନୀତିବାଣି କହୁଥିବା ସରକାରରେ ଗତ ୬ ମାସରେ ନବରଙ୍ଗପୁର ଅତିରିକ୍ତ ଉପଜିଲ୍ଲାପାଳଙ୍କ ସମେତ ଦୁର୍ନୀତିଗ୍ରସ୍ତ ତଳିଆ କର୍ମଚାରୀଙ୍କୁ ଠାରୁ ୧୦୦ କୋଟି ଟଙ୍କା ଜବତ ହୋଇଛି। କିନ୍ତୁ ସରକାର ଏଠାରେ ଦିନରେ ଜାଣି ଶୁଣି ଲୋକଙ୍କୁ ଲଣ୍ଠନ ଦେଖାଉଛନ୍ତି। ରାବଣ ଓ ଦୁର୍ଯ୍ୟୋଧନଙ୍କ ଭଳି ଆହଙ୍କାର ବେଶୀ ଦିନ ନୁହେଁ। କୁଚକ୍ରୀ ମାନେ ଓଡ଼ିଶାକୁ ଲୁଣ୍ଠନ କରିବା ପାଇଁ ଚାହୁଁଛନ୍ତି। ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ? ଦୀର୍ଘ ୨୩ ବର୍ଷରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ସରକାରରେ ଉପେକ୍ଷିତ ହୋଇଥିବା ନାଗରିକଙ୍କ କଥାକୁ ମୁଖର ଭାବେ ଉଠାଇବା ପାଇଁ ଆଜି ସମୟ ଆସିଛି। ରାଷ୍ଟ୍ରୀୟ ବିଜେପି ସଭାପତି ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ଘର ଦେବା କଥା କହିଲେ ଏଠାରେ ଶାସକ ଦଳର ନେତା ମାନଙ୍କୁ ବହୁତ କଷ୍ଟ ହେଉଛି। ପିଏମ ଆବାସ ବଣ୍ଟନରେ ଓଡ଼ିଶାରେ ପ୍ରାୟ ୧ ହଜାର କୋଟି ଟଙ୍କାର ମହାଦୁର୍ନୀତି ହୋଇଥିବା ସଂସଦରେ ଉପସ୍ଥାପିତ ହୋଇଛି। ପ୍ରଧାନମନ୍ତ୍ରୀ ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନାରେ ଓଡ଼ିଶାକୁ ପଠାଉଥିବା ଅର୍ଥ ନିଜ ଦଳର ଛାମୁଆ ନେତାଙ୍କ ପକେଟ ଗରମ କରିବା ପାଇଁ ନୁହେଁ ବରଂ ଗରିବ ଲୋକଙ୍କ ମୁଣ୍ଡ ଉପରେ ସମ୍ମାନର ସହ ଛାତ ଘର ନିର୍ମାଣ କରିବା ପାଇଁ। ୨୦୧୬ରୁ ଆରମ୍ଭ ହୋଇଥିବା ପିଏମ ଆବାସ ଯୋଜନାରେ ଓଡ଼ିଶା ସରକାର ଅନେକ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦେଲେ ନାହିଁ। ଫନୀ ସମେତ ଅନେକ ସମୟରେ ଆବାସ ପ୍ଲସ ପୋର୍ଟାଲ ଖୋଲିବା ପରେ ମଧ୍ୟ ଓଡ଼ିଶା ସରକାର ଦିଲ୍ଲୀକୁ ଯୋଗ୍ୟ ହିତାଧିକାରୀଙ୍କ ନାଁ ପଠାଇଲେ ନାହିଁ। ପିଏମ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଦେବା ପାଇଁ ମାହାଙ୍ଗା ମାଟିର ବିଜେପି କାର୍ଯ୍ୟକର୍ତ୍ତା ସ୍ୱର୍ଗତ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ସ୍ୱର୍ଗତ ଦିବ୍ୟସିଂହ ବରାଳଙ୍କୁ ବଳିଦାନ ଦେବାକୁ ପଡିଥିଲା। ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ମୋଦି ଦେଉଥିବା ଟଙ୍କା ପାଇବାରୁ ଗରିବ ଲୋକମାନେ ବଞ୍ଚିତ ହେଉଛନ୍ତି। ଚାଲି ନ ଜାଣି ବାଟର ଦୋଷ ଦେଉଥିବା ରାଜ୍ୟ ସରକାର ମୋଦିଜୀଙ୍କ ଗରିବ କଲ୍ୟାଣ ଯୋଜନାକୁ ନେଇ ଯେଉଁ ଭ୍ରାନ୍ତ ଧାରଣା ତିଆରି କରୁଛନ୍ତି, ତାହାକୁ ବନ୍ଦ କରନ୍ତୁ। ଓଡ଼ିଶାକୁ ଆସିଥିବା ପ୍ରାୟ ୨୭ ଲକ୍ଷ ଘରର ଆବଣ୍ଟନ ହୋଇଥିବା ବେଳେ ନିକଟ ଆର୍ଥିକ ବର୍ଷ ପାଇଁ ଆବଣ୍ଟିତ ହୋଇଥିବା ସାଢେ ୯ ଲକ୍ଷ ଘର ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଉ ବୋଲି ଶ୍ରୀ ପ୍ରଧାନ ଦାବି କରିଛନ୍ତି।

# 'ଶିକ୍ଷାନୁଷ୍ଠାନ ଶିକ୍ଷାର୍ଥୀଙ୍କ ବିକାଶର ସୋପାନ'



**ଭୁବନେଶ୍ୱର :** ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀଙ୍କ ବିକାଶର ସୋପାନ। ଏହାର ଉନ୍ନତି ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ କର୍ତ୍ତବ୍ୟ। ଶିକ୍ଷାର ବିପ୍ଲବରେ ସହଯୋଗ କରୁଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସୃଷ୍ଟି ହୋଇଛି ସୁବର୍ଣ୍ଣ ଅଧ୍ୟାୟ। ରୂପାନ୍ତରଣ ପ୍ରକ୍ରିୟାରେ ନୂଆ ରୂପ ପାଇଛି ବିଦ୍ୟାଳୟ। ତେବେ ସ୍କୁଲର ଉନ୍ନତି ପାଇଁ ଆଲୁମୁନିମାନେ ଗୋଟିଏ ହାତ ବଢ଼ାଇଲେ ମୁଖ୍ୟମନ୍ତ୍ରୀ ଦୁଇହାତ ବଢ଼ାଇ ସହଯୋଗ ଯୋଗାଇଦେବେ। କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିଦର୍ଶନ କରି ଏହା କହିଛନ୍ତି ୫-ଟି' ସଚିବ ଭିକେ ପାଣ୍ଡିଆନ। ହାଇସ୍କୁଲ ପରିଦର୍ଶନ କରି ରୂପାନ୍ତରୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଗକୁ ହେବାକୁ ଥିବା ମୋ ସ୍କୁଲର ନୂତନ ବିଲ୍ଡିଂ ଅର୍ଥ ଦେଇଥିବା ବେଳେ ଖେଳ ପଡ଼ିଆ ଉନ୍ନତିକରଣ ପାଇଁ ଆବଶ୍ୟକ ଅର୍ଥ ମୁଖ୍ୟମନ୍ତ୍ରୀ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍କୁଲରେ ପହଞ୍ଚି ପ୍ରଥମେ ବାପୁଜୀ ଓ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ୫-ଟି' ସଚିବ। ସ୍କୁଲ ପ୍ରୋଜେକ୍ଟ ସମ୍ପର୍କରେ ପୂର୍ତ୍ତ ବିଭାଗ ପକ୍ଷରୁ ତାଙ୍କୁ ମ୍ୟାପ୍ ଜରିଆରେ ଅବଗତ କରାଯାଇଥିଲା। ପରେ ସ୍ମାର୍ଟ କ୍ଲାସରୁମରେ ୧୦ ମିନିଟ୍ ଧରି ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ୫-ଟି' ସମ୍ପର୍କରେ ବୁଝାଇବା ସହ ପିଲାଙ୍କ ସୁବିଧା ଅସୁବିଧା ଓ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପିଲାଏ ବି ୫-ଟି' ସଚିବଙ୍କୁ ପାଖରେ ପାଇ ବେଶ ଉତ୍ସାହିତ ଥିଲେ। ୫-ଟି' ସଚିବଙ୍କ ଅଟୋଗ୍ରାଫ ନେଇଥିଲେ। ସେପଟେ ନିର୍ଦ୍ଦେଶ ମୁତାବକ ପ୍ରଶାସନ ମଧ୍ୟ ସ୍କୁଲର ଆବଶ୍ୟକତା ଗୁରୁତ୍ୱ ଦେବ କହିଥିଲେ ବୋଲି ଜିଲ୍ଲାପାଳ। ସେହିପରି ରୂପାନ୍ତରଣ ଅଧ୍ୟାୟରେ ଯୋଡ଼ିହେଉଛି ଜଗତସିଂହପୁର। ୫-ଟି' ସଚିବ ଭିକେ ପାଣ୍ଡିଆନଙ୍କ ସାରଳା ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସାରଳା ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଚାଲିଥିବାବେଳେ ଏହାର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି ସଚିବ। ଏଥିସହିତ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ବୁଲି ଅନୁଧ୍ୟାନ କରିଛନ୍ତି। ପରେ ସ୍ଥାନୀୟ ବାସିନ୍ଦା ଓ ମିଶନ ଶକ୍ତିର ମାଆମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଜଗତସିଂହପୁରର ବାବା ଗୋରେଖନାଥ ମନ୍ଦିରରେ ପହଞ୍ଚି ସମୀକ୍ଷା କରିଥିଲେ ୫-ଟି' ସଚିବ। ସେଠାରେ ପୂଜାର୍ଚ୍ଚନା କରିବା ପରେ ମନ୍ଦିର ଚାରପାଖ ବୁଲି ଅନୁଧ୍ୟାନ କରିଥିଲେ। ପୀଠର ନବକଳେବର ନେଇ ସ୍ଥାନୀୟବାସିନ୍ଦା, ସେବାୟତ ଓ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ ଫାଇଭ-ଟି ସଚିବ। ଖୁବଶୀଘ୍ର ମନ୍ଦିରର ନବକଳେବର ନେଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

# ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ସେବା କାର୍ଯ୍ୟ

**ପୁରୀ :** ସର୍ବ ଭାରତୀୟ ଆଜାଦ୍ ଠେଙ୍ଗା ବାହିନୀ ଓ ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ମିଳିତ ସହଯୋଗ ଦ୍ୱାରା ପବିତ୍ର ରଥଯାତ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା ଦେବୀ ସୁଭଦ୍ରାଙ୍କ ଦର୍ଶନ ଆଶ୍ରିବାଦ୍ ପ୍ରାପ୍ତ ନିମନ୍ତେ, ଲକ୍ଷ ଲକ୍ଷ ଭକ୍ତଙ୍କ ସହଯୋଗରେ ରଥଯାତ୍ରା ସମ୍ପନ୍ନ ହୋଇଛି। ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସମସ୍ତ ସଭ୍ୟ ମାନଙ୍କ ଅକୁଣ୍ଠ ସମର୍ଥନ ଓ ସହଯୋଗରେ ଖାଦ୍ୟ-ପେୟ ଓ ଜଳୀୟ ପାନର ବ୍ୟବସ୍ଥାର ଅତି ସୁନ୍ଦର ଓ ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହୋଇଯାଇଛି। ସ୍ୱେଚ୍ଛାସେବୀଙ୍କ ଅକ୍ଳାନ୍ତ ପରିଶ୍ରମ ସହିତ ଏହି କାର୍ଯ୍ୟକ୍ରମରେ ରାସ୍ତା ଘାଟ ପରିଷ୍କାର, ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ବଣ୍ଟନ, ସୂଚନା ପ୍ରଦାନ ଆଦି ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷାକାରୀ- ଏକ ଅଗ୍ରଣୀ ଆନ୍ତର୍ଜାତୀୟ ମାନକ ସଂଗଠନ ଟ୍ରଷ୍ଟ ଆକ୍ଟ ଅନୁଯାୟୀ ପଞ୍ଜୀକୃତ ହୋଇଛି, ଯାହା ମାନବିକ ଅଧିକାରକୁ ଉଲଘଂନ ବିରୁଧରେ ସ୍ୱର ଉତ୍ତୋଳନ ସହିତ ବିଭିନ୍ନ ପ୍ରକାର ସାମାଜିକ ଓ ଜଣ କଲ୍ୟାଣ କାର୍ଯ୍ୟରେ ଜଡ଼ିତ ରହିଥାଏ। କେବଳ ଓଡ଼ିଶା ରାଜ୍ୟର ନୁହେଁ, ବରଂ ଭାରତ ବର୍ଷ ଏମ୍ଭ ବିଶେଷର ହଜାର ହଜାର ସଦସ୍ୟଙ୍କୁ ନେଇ ଆଇଏଚ୍ଆରଡି ଏମ୍ ସମୁଦାୟ ମାନବିକ ଅଧିକାରର ସୁରକ୍ଷା ପାଇଁ, ଆମର ସମାଜ ନିଶ୍ୱାର୍ଥପର ସେବାରେ ଜଡ଼ିତ। ଜାତି, ଧର୍ମ, ରଙ୍ଗ, ଲିଙ୍ଗ ଏମ୍ଭ ଭାଷାର କୌଣସି ଭେଦଭାବ ନ କରି ଏମ୍ଭ ସର୍ବଦା ମାନବିକ ଅଧିକାରକୁ ଉଲଂଘନ ନ କରିବା ନିମନ୍ତେ ଆଇଏଚ୍ଆରଡି ସଂସ୍ଥା ମାନବିକ ଅଧିକାରକୁ ପ୍ରୋତ୍ସାହନ ଏମ୍ଭ ସାମ୍ବିଧାନିକ ନିୟମର ସୁରକ୍ଷା ରଖିବାକୁ କରିବାକୁ ପ୍ରତିଶ୍ରୁତିବଦ୍ଧ। ସାମ୍ବିଧାନିକ ନିୟମର ସୁରକ୍ଷା ତଥା ସାଧାରଣ ଲୋକଙ୍କୁ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ଦୁର୍ନୀତି ବିରୋଧରେ ଲଢ଼େଇ ନିମନ୍ତେ ସଶକ୍ତିକରଣ କରିବା ପାଇଁ ପ୍ରତେକ ଦିଗରେ 'ସାମାଜିକ ନ୍ୟାୟ ଏମ୍ ଶକ୍ତି' ସମ୍ବଦରେ ଏହାର ସାମାଜିକ ସେବା ପ୍ରଦାନ କରିବା। ସାଧାରଣ ଜନତାଙ୍କ, ଆଇନ୍ ଗତ ଅଧିକାର ଉଲ୍ଲଘଂନ ଏମ୍ଭ ସମାଜରେ ଗ୍ରାଉଣ୍ଡ ଜିରୋରେ ସବୁ ବେଳେ ଆବଶ୍ୟକ ସହଯୋଗ ବିସ୍ତାର ସହିତ ସମାଜର ଦୁର୍ନୀତି ଦୂର କରିବାର ସ୍ୱର ଉତ୍ତୋଳନ କରିବାକୁ ଜନସାଧାରଣଙ୍କୁ ଶିକ୍ଷା ଦିଆଯାଇଥାଏ। ସାଧାରଣଙ୍କ ଜନତାଙ୍କୁ ହଇରାଣ କରୁଥିବା, ବ୍ୟକ୍ତିଙ୍କ ମାନବିକ ଅଧିକାରର ପରାମର୍ଶ, ସୁରକ୍ଷା, ପ୍ରୋତ୍ସାହନ ଏବଂ ରକ୍ଷା ପାଇଁ ବିଶେଷଜ୍ଞ ରୂପରେ କାର୍ଯ୍ୟ କରି ଆସୁଛନ୍ତି। ଆମର ବିଶେଷଜ୍ଞ ଦଳ ଜାତି, ଧର୍ମ, ଲିଙ୍ଗ ଏବଂ ଭାଷାର କୌଣଷି ବିନା ଭେଦଭାବରେ, ମିଳିତ ଭାବରେ ମାନବ ଅଧିକାର ରକ୍ଷାକାରୀ, ମିଳିତ ସଂଗଠନ ଭାବରେ ଜାତି ସଙ୍ଘର ନିୟମ ଓ କାନୁନ୍ ମାନି ସମଗ୍ର ବିଶ୍ୱରେ ପ୍ରମାଣିତ ହୋଇଛି ବୋଲି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ଅଧକ ଓ ପ୍ରତିଷ୍ଠାତା ମୀନ କେତନ ପଟ୍ଟନାୟକ କହଛନ୍ତି। ସମ୍ପ୍ରତି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ସଂସ୍ଥା ଜାତିସଂଘରୁ ECOSOC ପ୍ରମାଣପତ୍ର ପ୍ରାପ୍ତ କରିଛନ୍ତି। ଜାତିସଙ୍ଘ ECOSOC ଲକ୍ଷ୍ୟ ହେଉଛି, ସମଗ୍ର ବିଶ୍ୱର ନିରନ୍ତର ବିକାଶର ତିନୋଟି ଦିଗ - ସମାଜରେ ଅର୍ଥନୈତିକ, ସାମାଜିକ ଏବଂ ପରିବେଶକୁ ସମଗ୍ର ବିଶ୍ୱରେ ସେବାର ପ୍ରତୀକ ବୋଲି, ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ଗଲ୍ଫ ଦେଶର ସଭାପତି ଓ ଆନ୍ତର୍ଜାତୀୟ ସାଧାରଣ ସମ୍ପାଦକ ବିଶ୍ୱ ରଞ୍ଜନ ସାହୁ କହିଛନ୍ତି।

# 'ବଢୁଛି ଟେଷ୍ଟିଂ; କମୁଛି ଡେଙ୍ଗୁ'




**ଭୁବନେଶ୍ୱର :** ରାଜ୍ୟରେ ବଢୁଛି ଟେଷ୍ଟିଂ କମୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ପ୍ରତିବର୍ଷ ଭଳି ବି ଚଳିତ ବର୍ଷ ସଂଖ୍ୟା କମ୍ ରହିବ ବୋଲି ସ୍ପଷ୍ଟ କରିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର। ୨୦୨୧ରେ ୪୨ ହଜାର ୬୩୮ ଟେଷ୍ଟିଂରୁ ୭ ହଜାର ୫୪୮ ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୨ରେ ଟେଷ୍ଟିଂ ବଢ଼ି ୫୪ ହଜାର ୧୯୦ରେ ପହଞ୍ଚିଥିଲା। ଏଥିରୁ ୭ ହଜାର ୬୩ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ଜୁନ ୨୭ ସୁଦ୍ଧା ୧୦ ହଜାର ୬୦୩ ଟେଷ୍ଟରୁ ୧୬୫ ରୋଗୀ ଚିହ୍ନଟ ହୋଇଛନ୍ତି। ଟେଷ୍ଟ ଦ୍ୱିଗୁଣିତ ହୋଇଛି। ଏଯାଏ କୌଣସି ମୃତ୍ୟୁ ଖବର ଆସିନି। ମୌସୁମୀ ବା ପ୍ରାକ ମୌସୁମୀ ସମୟରେ ଏଡିସ୍ ମଶାର ବଂଶ ବୃଦ୍ଧି ହେବାରୁ ଡେଙ୍ଗୁ ହୋଇଥାଏ। ଏଥିପାଇଁ ସପ୍ତାହରେ ଥରେ କୁଲର, ଟାଙ୍କି ପାଣି ବଦଳାଇବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି ନିରଞ୍ଜନ ମିଶ୍ର। ଏଡିସ୍ ମଶା ବଗିଚା ବା ବାହାରେ ଅଧିକାଂଶ କାମୁଡୁ ଥିବାରୁ ଫୁଲ ଡ୍ରେସ୍ ପିନ୍ଧି ବାହାରକୁ ଯିବା ଆବଶ୍ୟକ। ରାଜ୍ୟର ୪୦ ସ୍ଥାନରେ ଏଲିସା ପଦ୍ଧତିରେ ମାଗଣାରେ ଟେଷ୍ଟ ଚାଲିଛି। ସ୍ୱତନ୍ତ୍ର ବେଡ୍ ଓ ଔଷଧ ମହଜୁଦ ରଖିବା ସହ ରକ୍ତ ଓ ପ୍ଲେଟଲେଟ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ପୌର ପରିଷଦ ଓ ଜିଲ୍ଲା ହେଡକ୍ୱାଟର ହସ୍ପିଟାଲକୁ ଏସ୍ଓପି ଯାଇଛି। ଜିଲ୍ଲାପାଳମାନଙ୍କୁ ନେଇ ବୈଠକ କରିଛନ୍ତି ମୁଖ୍ୟ ଶାସନ ସଚିବ। ସମସ୍ତ ପୌରର ନିର୍ବାଚିତ ପ୍ରତିନିଧିମାନଙ୍କୁ ଏ ଦିଗରେ ସଚେତନ କରାଯାଉଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶଙ୍କ ଏପରି ମନ୍ତବ୍ୟ ପରେ ସାମ୍ନାକୁ ଆସିଛି ଭୟଙ୍କର ଚିତ୍ର। ସାଲିଆସିହିରୁ ଅପରିଷ୍କାର ପରିବେଶ ଡେଙ୍ଗୁକୁ ଆମନ୍ତ୍ରଣ କରୁଛି। ୨୦ରୁ ଅଧିକ ଲୋକେ ଡେଙ୍ଗୁରେ ଆକ୍ରାନ୍ତ ହୋଇସାରିଲେଣି। ସପ୍ତାହକ ମଧ୍ୟରେ ବସ୍ତିର ଗୋଟିଏ ପରେ ଗୋଟିଏ ଗଳିରେ ବ୍ୟାପିବାରେ ଲାଗିଛି। ଚାରିଆଡେ ପୂତିଗନ୍ଧମୟ ପରିବେଶ ହୋଇଥିବାରୁ ଏହା ଡେଙ୍ଗୁକୁ ଆମନ୍ତ୍ରଣ କରୁଛି।

# ବୀମା ରାଶି ବୃଦ୍ଧି ଓ ପେନସନ ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ଓୟୁଜେ





**ଭୁବନେଶ୍ୱର :** ସାମ୍ବାଦିକ ବୀମା ରାଶି ବୃଦ୍ଧି ଓ ପେନସନ ଲାଗୁ ଆଦି ଦାବିକୁ ନେଇ ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ୟୁନିଅନ୍‌ର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟମାନଙ୍କର ଏକ ବୈଠକରେ ବୀମାରାଶିକୁ ୨ ଲକ୍ଷ ଟଙ୍କାରୁ ୨୦ ଲକ୍ଷ୍ୟ ଟଙ୍କାକୁ ବୃଦ୍ଧି କରିବା ସହ ଅବସରପ୍ରାପ୍ତ ସାମ୍ବାଦିକଙ୍କୁ ମାସକୁ ଅନ୍ୟୁନ ୨୦ ହଜାର ଟଙ୍କାର ପେନସନ ପ୍ରଦାନ କରିବା, ଦୀର୍ଘ ବର୍ଷଧରି ଶୀତଳଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ କରିବା ଓ କରୋନା ସମୟରୁ ବାତିଲ ହୋଇଯାଇଥିବା ରେଳ ଯାତ୍ରା ରିହାତି ବ୍ୟବସ୍ଥାର ପୁନଃ ପ୍ରଚଳନ ଦାବିରେ ସାରା ରାଜ୍ୟରେ ଓୟୁଜେ ସମାବେଶ ଓ ଧାରଣାର ଆୟୋଜନ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେଥିସହିତ ବିଧାନସଭାର ଆଗାମୀ ଅଧିବେଶନ କାଳରେ ଏହିସବୁ ଦାବିକୁ ନେଇ ସମୂହ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତି ସାମ୍ବାଦିକମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ସମସ୍ତ ସମଭାବାପନ୍ନ ସାମ୍ବାଦିକ ସଂଘଗୁଡ଼ିକ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଓୟୁଜେ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ, ଉପ ସଭାପତି ରାଜେଶ୍ ପଟ୍ଟନାୟକ, ସମ୍ପାଦକ ପ୍ରସନ୍ନ ପାଇକରାୟ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ସାହୁ, ପ୍ରମୋଦ ସାମନ୍ତରାୟ, ସୁରେଶ କୁମାର ଦାସ, ବରିଷ୍ଠ ସଦସ୍ୟ, ପରୀକ୍ଷିତ ବିଶ୍ୱାଳ, ରାମନାରାୟଣ ଶତପଥୀ, ଆଦିତ୍ୟ ମେକାପ, ଚିନ୍ମୟ ମହାପାତ୍ର, ରଞ୍ଜିତ ପାଢ଼ୀ ଓ ପୃଥ୍ୱୀରାଜ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ରଖିଥିଲେ।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## କଟକ ଏସ୍‌ସିବି ମେଡିକାଲରେ ବିରଳ ଅସ୍ତ୍ରୋପଚାର

# କଟାହାତକୁ ପ୍ରିଜର୍ଭ କରି ସଫଳ ଅପରେସନ



**କଟକ:** ଯୋଡ଼ିହେଲା କଟାହାତ। କଟକ ଏସସିବିରେ ହୋଇଛି ବିରଳ ଅସ୍ତ୍ରୋପଚାର। କଟାହାତକୁ ସଂରକ୍ଷଣ କରି ରଖାଯାଇଥିଲା। ଏହାପରେ ସେହି ହାତକୁ ସଫଳତାର ସହ ଅସ୍ତ୍ରୋପଚାର କରି ଯୋଡ଼ା ଯାଇଛି। ବାଲେଶ୍ୱରର ସଦର ଅଞ୍ଚଳର ପ୍ରକାଶ ଦାସଙ୍କର ବାମ ହାତଟି ସମ୍ପୂର୍ଣ୍ଣ କଟିଯାଇଥିଲା। ଗତ ୨୧ ତାରିଖରେ ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣାରେ ତାଙ୍କ ବାମ ହାତଟି କଟିଯାଇଥିଲା। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସଙ୍କ ସହାୟତାରେ ତାଙ୍କୁ ଏସସିବିରେ ଭର୍ତ୍ତି କରାଯାଇଥିଲା। ପ୍ଲାଷ୍ଟିକ ସର୍ଜରୀ ବିଭାଗର ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଅପରେସନ କରି ହାତ ଯୋଡ଼ିବାରେ ସଫଳ ହୋଇଛି। ହାତ ଫେରିପାଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି ପ୍ରକାଶ। ସୂଚନା ଅନୁଯାୟୀ, ଗତ ୨୧ ତାରିଖ ସଂଧ୍ୟାରେ ବାଲେଶ୍ୱର ଜିଲ୍ଲା ସଦର ଥାନା ଟୁଟାପାଳ ଗାଁର ପ୍ରକାଶ ଦାସ(୨୩) ଟିୟୁସନ ସାରି ଘରକୁ ଫେରୁଥିବା ବେଳେ କିଛି ଯୁବକ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶଙ୍କ ବାମହାତର ମଣିବନ୍ଧଠାରୁ ହାତଟି ସଂପୂର୍ଣ୍ଣ ଅଲଗା ହୋଇଯାଇଥିଲା। ସ୍ଥାନୀୟ ବିଧାୟକଙ୍କ ପରାମର୍ଶ କ୍ରମେ ପ୍ରକାଶଙ୍କ ପରିବାର ଲୋକେ ପ୍ରକାଶ ଓ ତାଙ୍କ କଟାହାତକୁ ପଲିଥିନ୍‌ରେ ରଖି ଏସିବି ମେଡିକାଲକୁ ଆସିଥିଲେ। ସେମାନେ ପାଖାପାଖି ରାତି ୧୧ଟା ୩୦ ମିନିଟ୍‌ର କଟକରେ ପହଞ୍ଚିଥିଲେ। ଏସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଡାକ୍ତରୀ ଦଳ ପ୍ରକାଶଙ୍କ ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ୨୧ତାରିଖ ରାତି ୧୨ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଚାଲିଥିଲା ଏହି ଜଟିଳ ଅସ୍ତ୍ରୋପଚାର।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**